

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୨ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 12 JULY 2023
Vol.No. 34 ■ No. 183 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଧାରା ୩୭୦ ଉଚ୍ଛେଦ ମାମଲା: ଅଗଷ୍ଟ ୨ରୁ ଶୁଣାଣି ଆରମ୍ଭ




ନୂଆଦିଲ୍ଲୀ,୧୧/୦୭ : ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ନିମନ୍ତେ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିବା ବେଳେ ଖୁବ୍ ଶୀଘ୍ର ସୁପ୍ରିମକୋର୍ଟରେ ଏହାର ଶୁଣାଣି ଆରମ୍ଭ ହେବ । ଆସନ୍ତା ଅଗଷ୍ଟ ୨ରୁ ଏହି ବହୁ ପ୍ରତିକ୍ଷିତ ମାମଲାର ଶୁଣାଣି କରିବ ସୁପ୍ରିମକୋର୍ଟର ୫ ଜଣିଆ ଖଣ୍ଡପୀଠ । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ଅନ୍ୟ ବିଚାରପତିଙ୍କ ମଧରେ ଜଷ୍ଟିସ୍ ସଞ୍ଜୟ କିଷାନ କୌଲ, ଜଷ୍ଟିସ୍ ସଞ୍ଜୀବ ଖନ୍ନା, ଜଷ୍ଟିସ୍ ବିଆର ଗାଭାଇ ଓ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଥିବା ଜଣାଯାଇଛି। ସପ୍ତାହର କେବଳ ସୋମବାର ଓ ଶୁକ୍ରବାରକୁ ଛାଡ଼ି ଅନ୍ୟ ଦିନମାନଙ୍କରେ ନିୟମିତ ଭାବେ ଏହି ମାମଲାର ଶୁଣାଣି ଚାଲିବ ବୋଲି ସୁପ୍ରିମକୋର୍ଟ ପକ୍ଷରୁ କୁହାଯାଇଛି। ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ ହୋଇଥିଲା। ଧାରା ୩୭୦କୁ ଚ୍ୟାଲେଞ୍ଜ କରି ସମୁଦାୟ ୨୩ ଟି ପିଟିଶନ ଦାଖଲ ଦାଖଲ ହୋଇଛି। ସେଥି ମଧ୍ୟରୁ ୨ ଜଣ ଇତି ମଧ୍ୟରେ ନିଜ ପିଟିଶନକୁ ଉଠାଇ ନେଇଛନ୍ତି। ଅବଶିଷ୍ଟ ପକ୍ଷରୁ ଆସନ୍ତା ୨୫ ତାରିଖ ସୁଦ୍ଧା ଅନଲାଇନ୍ ମୋଡରେ ନିଜ ପକ୍ଷ ରଖିବାକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ନୋଟିସ୍ କରିଛନ୍ତି। ପେପରଲେସ୍ ମୋଡରେ ସମସ୍ତ ଡକ୍ୟୁମେଣ୍ଟ ଡିପୋଜିଟ କରିବାକୁ ସୁପ୍ରିମକୋର୍ଟ ପିଟିଶନରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଫାଇଲ୍ କରାଯାଇଥିବା ସାନି ଆଫିଡେଭିଟକୁ ଶୁଣାଣି କରିବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ । ଏହି ମାମଲାକୁ ନେଇ ଉପୁଜିଥିବା ସାମ୍ବିଧାନିକ ବିବାଦ ଉପରେ କେବଳ ଶୁଣାଣି କରିବେ ବୋଲି ସୁପ୍ରିମକୋର୍ଟ ବେଞ୍ଚ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଭାରତୀୟ ସମ୍ବିଧାନର ଧାରା ୩୫ଏ ସହ ଜଡ଼ିତ ଧାରା ୩୭୦ ଅନୁସାରେ ଜମ୍ମୁ କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯାଇଥିଲା। ଫଳରେ ଉକ୍ତ ରାଜ୍ୟକୁ ଭାରତୀୟ ସମ୍ବିଧାନରୁ ଏକ ଅଲଗା ସାମ୍ବିଧାନିକ ମାନ୍ୟତା ମିଳିଥିଲ। କଶ୍ମୀରରେ କେବଳ ସ୍ଥାନୀୟ ବାସିନ୍ଦାଙ୍କୁ ଘର କରିବା ଓ ସରକାରୀ ଚାକିରିରେ ସୁବିଧା ରହିଥିଲା। ସରକାର ଧାରା ୩୭୦ ହଟାଇ ଜମ୍ମୁ-କଶ୍ମୀରକୁ ଏହାର ସ୍ୱତନ୍ତ୍ର ଅଧିକାରରୁ ବଞ୍ଚିତ କରି ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି ବୋଲି ବିରୋଧି ଅଭିଯୋଗ କରି ଆସୁଛନ୍ତି।

## କୁଆଖାଇରେ ବୁଡି ୨ ମ୍ୟାନେଜମେଂଟ ଛାତ୍ରଙ୍କ ମୃତ୍ୟୁ ଓ ୨ ନିଖୋଜ

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ କୁଆଖାଇ ନଦୀରେ ବୁଡ଼ି ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ନିଖୋଜ ହୋଇଯାଇଛନ୍ତି। ବାଲିଅନ୍ତା ଥାନା ଧବଳହାର ନିକଟରେ ଏହି ଅଘଟଣ ଘଟିଛି। ମୃତକ ହେଲେ ଜାମସେଦ୍‌ପୁରର ଆର୍ଯ୍ୟନ୍, କଟକର ଅବିନାଶ। ନିଖୋଜ ହେଲେ ବାଲେଶ୍ୱରର ରୋହିତ ଓ କଟକର ପ୍ରତିକ। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଠାରେ ଥିବା ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଂଟରେ ପାଠପଢୁଥିବା ୮ ଜଣ ଛାତ୍ର ସାଙ୍ଗ ଏଠାକୁ ଭୋଜି କରିବାକୁ ଯାଇଥିଲେ। ଭୋଜି ଚାଲିଥିବା ସମୟରେ ସେମାନେ ଗାଧୋଇବାକୁ ନଦୀକୁ ଯାଇଥିଲେ। ନଦୀରେ ବର୍ଷା ପାଣି ପୂରିଥିବାରୁ ସାମାନ୍ୟ ସୁଅ ମଧ ଥିଲା। ୮ ଜଣ ଗାଧୋଉଥିବା ବେଳେ ସେଥିରୁ ୪ ଜଣ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଖୋଜାଖୋଜି କରିଥିଲେ। ଅଗ୍ନିଶମ ବାହିନୀ ପହଂଚି ଖୋଜାଖୋଜି କରିବା ପରେ ୨ ଜଣଙ୍କ ମୃତଦେହକୁ ପାଣିରୁ ବାହାର କରିଥିଲା। ନିଖୋଜ ୨ ଜଣଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀର ଉଦ୍ୟମ କରୁଛି। ରାତି ହୋଇଯାଇଥିବାରୁ ନିଖୋଜଙ୍କ ସନ୍ଧାନ ମିଳିପାରିନାହିଁ।

### ବାହାନଗା ଟ୍ରେନ ଟ୍ରାଜେଡି

## ୪ ଦିନିଆ ରିମାଣ୍ଡରେ ଯିବେ ୩ ଅଭିଯୁକ୍ତ



ଭୁବନେଶ୍ୱର, ୧୧/୦୭ (ନି.ପ୍ର): ବାହାନଗା ଟ୍ରେନ ଟ୍ରାଜେଡି ମାମଲାରେ ଗିରଫ ୩ ରେଳ କର୍ମଚାରୀଙ୍କୁ ଆଉ ୪ ଦିନ ରିମାଣ୍ଡରେ ନେବ ସିବିଆଇ। ସେମାନଙ୍କୁ ୪ ଦିନ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି ସ୍ୱତନ୍ତ୍ର ସିବିଆଇ କୋର୍ଟ। ଆଉ ୫ ଦିନ ପାଇଁ ରିମାଣ୍ଡ ଲାଗି ସିବିଆଇ ଆବେଦନ କରିଥିଲା। ପୂର୍ବରୁ ସିବିଆଇ ପ୍ରଥମ ପର୍ଯ୍ୟାୟରେ ସେମାନଙ୍କୁ ୫ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରୁଥିଲା। ମଙ୍ଗଳବାର ରିମାଣ୍ଡ ଅବଧି ଶେଷ ହେବା ପରେ ସିବିଆଇ ଅଭଯୁକ୍ତମାନଙ୍କୁ ଚନ୍ଦକା ଥାନାରୁ କଡା ସୁରକ୍ଷାରେ ଆଣି ସ୍ୱତନ୍ତ କୋର୍ଟରେ ହାଜର କରାଇଥିଲା। ସୂଚନାଯୋଗ୍ୟ ଯେ ଗତ ଜୁନ୍ ୨ ତାରିଖରେ ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ଘଟିଥିବା ରେଳ ଦୁର୍ଘଟଣାରେ ୨୯୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ୩ ରେଳ କର୍ମଚାରୀଙ୍କୁ ଗିରଫ କରିଥିଲା ସିବିଆଇ । ସିଗିନାଲ ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ ମହନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାଁ ଓ ଟେକ୍ନିସିଆନ ପପୁ କୁମାରଙ୍କୁ ଗିରଫ କରିଥିଲା ସିବିଆଇ ।

## ଆଖିଧରା ସ୍ଥିତି ବିଗିଡ଼ିଲେ ଜାରି ହୋଇପାରେ ମାର୍ଗଦର୍ଶିକା: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଆଖିଧରା ରୋଗ ଧୀରେ ଧୀରେ ବ୍ୟାପିବାରେ ଲାଗିଛି। ସମ୍ବଲପୁର ସଦର ମେଡିକାଲ ଓ ଭୀମସାରରେ ଆଖିଧରା ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ମଧରୁ ଏବେ ୬୦ ପ୍ରତିଶତ ରୋଗୀ କେବଳ ଆଖିଧରା ସଂକ୍ରମିତ ବୋଲି ଜଣାପଡିଛି । ସେହିପରି ଭୀମସାରକୁ ପଶ୍ଚିମ ଓଡିଶାର ବିଭିନ୍ନ ଅଂଚଳରୁ ଆଖିଧରା ରୋଗୀ ଆସି ଚିକିତ୍ସିତ ହେଉଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର କହିଛନ୍ତି ପୂର୍ବ ତୁଳନାରେ ଏହି ଆଖି ଧରା ରୋଗୀଙ୍କ ସଂଖ୍ୟା ଦୁଇ ଗୁଣାରେ ପହଂଚିଥିବା ଡାକ୍ତର କହିଛନ୍ତି । ଏବେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ରାଜ୍ୟ ସରକାର ମାର୍ଗଦର୍ଶିକା ଜାରି କରିପାରନ୍ତି ।

## ମହାନଦୀ ଜଳ ବିବାଦ ମାମଲା: ସମୟ ମାଗିଲା ଓଡ଼ିଶା

ନୂଆଦିଲ୍ଲୀ, ୧୧/୦୭ : ମହାନଦୀ ଜଳ ବିବାଦ ମାମଲା । ସମୟ ମାଗିଲା ଓଡ଼ିଶା । ମହାନଦୀ ଟ୍ରିବ୍ୟୁନାଲଙ୍କୁ ୪ ସପ୍ତାହ ସମୟ ମାଗିଲା ଓଡ଼ିଶା । କମନ ଇନଫର୍ମେସନ ଫର୍ମାଟ ଚୂଡାନ୍ତ କରିବା ପାଇଁ ସମୟ ମାଗିଲେ ରାଜ୍ୟ ।ଚିଲିକା ଅଞ୍ଚଳକୁ ନେଇ ଆସେସରମାନଙ୍କ ସହିତ ଅଧିକ ବୈଠକ କରି ଚୂଡାନ୍ତ କରିବାକୁ ଓଡିଶାର ନିବେଦନ । ଅଗଷ୍ଟ ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି । ସୂଚନାଯୋଗ୍ୟ ଯେ, କିଛି ଦିନ ତଳେ ମହାନଦୀ ଟ୍ରିବ୍ୟୁନାଲ ଟିମ୍ ଉଭୟ ରାଜ୍ୟ ଗସ୍ତ କରିଥିଲେ । ମହାନଦୀ ପ୍ରବାହିକାରେ ଥିବା ବିଭିନ୍ନ ଅଞ୍ଚଳ ବୁଲି ତଦାରଖ କରିଥିଲେ । ଏହି ସବୁ ସ୍ଥାନ ମଧରେ ଝାରସୁଗୁଡ଼ା, ସୋନପୁର, ସମ୍ବଲପୁର ଆଦି ସ୍ଥାନ ରହିଥିଲା ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ଅବିଭକ୍ତ ବାଲେଶ୍ୱରବାସୀଙ୍କ ଆବେଗ, ସ୍ୱପ୍ନ ଓ ନିଷ୍ଠାର ଏକ ଜୀବନ୍ତ ସୌଧ: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ଖାଲି ଏକ ଶିକ୍ଷାନୁଷ୍ଠାନ ନୁହେଁ, ଏହା ଅବିଭକ୍ତ ବାଲେଶ୍ୱର ବାସୀଙ୍କ ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ଆବେଗ, ସ୍ୱପ୍ନ ଓ ନିଷ୍ଠାର ଏକ ଜୀବନ୍ତ ସୌଧ ବୋଲି ବିଶ୍ୱବିଦ୍ୟାଳୟର ୨୫ତମ ସ୍ଥାପନା ଦିବସ ସମାରୋହ ଅବସରରେ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଫକୀରମୋହନ ବିଶ୍ୱବିଦ୍ୟାଳୟର ରଜତ ଜୟନ୍ତୀ ଅବସରରେ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଓଡ଼ିଶା ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଅନେକ ମହାମନିଷୀଙ୍କୁ ଜନ୍ମ ଦେଇ ଏହି ଜିଲ୍ଲା ଉତ୍କଳ ଜନନୀଙ୍କର ମୁଖ ଉଜ୍ଜ୍ୱଳ କରିଛି । ପୁରୀ ଗୋବର୍ଦ୍ଧନ ପୀଠର ପୂର୍ବତନ ଶଙ୍କରାଚାର୍ଯ୍ୟ, ଭାଗବତର ଆଦି-ଟିକାକାର ଶ୍ରୀଧର ସ୍ୱାମୀ, ଭକ୍ତକବି ଦୀନକୃଷ୍ଣ ଦାସ, କବିବର ରାଧାନାଥ ରାୟ, ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କବିଶେଖର ଚିନ୍ତାମଣି ମହାନ୍ତି, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଏବଂ ସର୍ବୋପରି ସେହି ମହାନ କବି, ଲେଖକ, ଗାଳ୍ପିକ ଓ ପ୍ରାବନ୍ଧିକ, ଯାହାଙ୍କ ନାମରେ ଏହି ବିଶ୍ୱବିଦ୍ୟାଳୟ ନାମିତ ; ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ବାଲେଶ୍ୱର ମାଟି ହେଉଛି ସାହିତ୍ୟ, ସଂସ୍କୃତି ଓ ସଂଗ୍ରାମର ମାଟି । ଆମର ଓଡ଼ିଆ ଅସ୍ମିତା ତଥା ଭାଷା ଓ


▶▶ପୃଷ୍ଠା ୭


## ପଶ୍ଚିମବଙ୍ଗରେ ଟିଏମସିର ବୃହତ ବିଜୟ ସମ୍ଭାବନା



ପଶ୍ଚିମବଙ୍ଗ, ୧୧/୦୭ : ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ସରି ସମସ୍ତେ ଫଳାଫଳ ଅପେକ୍ଷାରେ ଥିବା ବେଳେ ଟିଏମସିର ବୃହତ ବିଜୟ ସମ୍ଭାବନା ରହିଥିବା ଜଣାଯାଇଛି । ଗତ ୮ ତାରିଖରେ ପଶ୍ଚିମବଙ୍ଗରେ ୭୪ ହଜାର ପଞ୍ଚାୟତ ପାଇଁ ମତାଦାନ ହୋଇଥିଲା। ରାଜ୍ୟର ୨୨ଟି ଜିଲ୍ଲାର ୩୩୯ କାଉଣ୍ଟିଂ ବୁଥରେ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାଯାଇଛି । ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଉତ୍ତେଜନାମୂଳକ ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ ସେଥି ନିମନ୍ତେ ପ୍ରତି ବୁଥ୍ ବାହାରେ ପୁଲିସ୍ ଓ କେନ୍ଦ୍ରୀୟ ସୁରକ୍ଷା କର୍ମୀ ଜଗି ରହିଛନ୍ତି । ଗତ ୮ ତାରିଖରେ ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ମାତ୍ରାଧିକ ହିଂସା କାଣ୍ଡ ଘଟିଥିଲା। ଏହାକୁ ନଜରରେ ରଖି ଗତକାଲି ୬୯୭ ବୁଥରେ ପୁଣି ଥରେ ମତଦାନ ହୋଇଥିଲା। ନିର୍ବାଚନୀ ହିସାଂକାଣ୍ଡ ନେଇ ପାଚିମବଙ୍ଗ ରାଜ୍ୟପାଳ ଦିଲ୍ଲୀ ଗସ୍ତ କରି ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ରିପୋର୍ଟ ହସ୍ତାନ୍ତର କରିଛନ୍ତି। ଏହାପରେ ପଶ୍ଚିମବଙ୍ଗ ଫେରି ସେ ସାମ୍ବାଦିକଙ୍କୁ କହିଛନ୍ତି, ହିଂସା ଦେଶର ଭବିଷ୍ୟତକୁ ଉଜାଡ଼ି ଦେବ । ଏହା ଉପରେ ରୋକ ଲଗାଇବା ଜରୁରୀ। ଆଜି ରାଜ୍ୟପାଳ ହିଂସା ପ୍ରଭାବିତ ଅଞ୍ଚଳର ଗସ୍ତ କରିବେ। ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସାକାଣ୍ଡରେ ପ୍ରାୟ ୩୭ ଜଣଙ୍କ ମୃତ୍ୟୁ ହୋଇଛି। ଗତ ଶନିବାର ନିର୍ବାଚନ ଦିନ କେବଳ ୧୧ ଟିମଏସି କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଥିଲା। ଏହାବାଦ ବିଜେପିର ୩ , କଂଗ୍ରେସର ୩, ସିପିଆଇଏମର ଦୁଇ କାର୍ଯ୍ୟକର୍ତ୍ତା ଉଗ୍ର ହିଂସାକାଣ୍ଡରେ ଆକ୍ରମଣର ଶିକାର ହୋଇ ଆଖି ବୁଜିଛନ୍ତି। ବହୁ ସ୍ଥାନରେ ଲୋକେ ବାଲାଟ ବକ୍ସରେ ନିଆଁ ଲଗାଇ ଦେଇଥିବା ବେଳେ କେଉଁଠି ତାହାକୁ ପାଣିରେ ଫୋପାଡ଼ି ଦେଇଥିଲେ। ବହୁ ସ୍ଥାନରେ ମତଦାନ କେନ୍ଦ୍ରରେ ଭଙ୍ଗାରୁଜା କରିଥିଲେ। ଏହାପରେ ପୁଣି ଥରେ ଗତକାଲି ମତଦାନ ହୋଇଥିବା ବେଳେ ଆଜି ଆରମ୍ଭ ହୋଇଛି ଗଣନା ।

## ପ୍ରବଳ ବର୍ଷାରେ ଭିଜିଲା ରାଜଧାନୀ



ଭୁବନେଶ୍ୱର, ୧୧/୦୭ (ନି.ପ୍ର): କିଛି ଦିନ ଧରି ରାଜ୍ୟରେ ବର୍ଷା ଉଭାନ ଥିବା ବେଳେ ମଙ୍ଗଳବାର ପାଗରେ ପରିବର୍ତନ ହୋଇଛି। ଆଜି ସକାଳୁ ଉପକୂଳ ଓଡିଶାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ସକାଳୁ ରାଜଧାନୀ ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାର ବିଭିନ୍ନ ଅଂଚଳରେ ଝିପି ଝିପି ବର୍ଷା ଲାଗି ରହିଥିଲା। ତେବେ ମଧାହ୍ନ ବେଳକୁ ରାଜଧାନୀର ବିଭିନ୍ନ ସ୍ଥାନରେ ଘଡଘଡି ସହ ପ୍ରବଳ ବର୍ଷା। ହୋଇଥିଲା। ଏଥିଯୋଗୁଁ ବିଭିନ୍ନ ତଳିଆ ଅଂଚଳରେ ପାଣି ପଶିଯାଇଥିଲା। ଜାତୀୟ ଓ ରାଜ୍ୟ ରାଜପଥରେ ପାଣି ଜମି ରହିବା ଯୋଗୁଁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଭୁବନେଶ୍ୱରର ଇସ୍କନ ସମ୍ମୁଖ , ଲକ୍ଷ୍ମୀ ସାଗର , ମଂଚେଶ୍ୱର , ନୟାପଲ୍ଲୀ , ମଂଚେଶ୍ୱର ଆଦି ଅଂଚଳରେ ବହୁ ସମୟ ପର୍ଯ୍ୟନ୍ତ ପାଣି ନିଷ୍କାସନ ହୋଇପାରିନଥିଲା।

## ୯୦ କୋଟିର ଟିକସ୍ ଫାଙ୍କିଛି ଡିଏନ ଗ୍ରୁପ୍




ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଡିଏନ୍ ଗ୍ରୁପ୍ ଉପରେ ଆୟକର ଚଢ଼ାଉ ସଂପର୍କରେ ମିଳିଲା ବଡ଼ ତଥ୍ୟ। ୯୦ କୋଟି ଟଙ୍କା ଟିକସ ଫାଙ୍କିଛି ରାଜଧାନୀର ଏହି ବହୁଚର୍ଚ୍ଚିତ ବ୍ୟାବସାୟିକ ପ୍ରତିଷ୍ଠାନ ଡିଏନ୍ ଗ୍ରୁପ୍। ପ୍ରାୟ ୨୧୦ କୋଟି ଟଙ୍କା ଲୁଚାଛପାରେ କ୍ୟାସ ନେଇ ଏହି ସଂସ୍ଥା ୯୦ କୋଟି ଟିକସ ଫାଙ୍କିଛି। ଟିକସ ଫାଙ୍କି ଥିବା ନେଇ ଆୟକର ବିଭାଗରୁ ସୂଚନା ମିଳିଛି। ଗତ ପ୍ରାୟ ୫ ଦିନ ଧରି ଚାଲିଥିବା ଚଢ଼ାଉରୁ ଜବତ ଡିଜିଟାଲ ତଥ୍ୟ, ହାତଲେଖା ଡାଏରୀ, ଦଲିଲ ଆଦିରୁ ଏହି ତଥ୍ୟ ମିଳିଛି। କାଗଜାତ ଯାଞ୍ଚ ପରେ ୨୧୦ କୋଟି କ୍ୟାସ୍ ଆହରଣର ସୁରାକ ମିଳିଛି। ଜମି, ଘରଯୋଗ୍ୟ ପ୍ଲଟ ଓ ଫ୍ଲାଟ ବିକ୍ରିରୁ ଆହରଣ ହୋଇଛି ଏଡି ୨୧୦ କୋଟି ଟଙ୍କା। ସଂଗୃହିତ ୨୧୦ କୋଟି ହୋଟେଲ, ମଲ୍ ଆଦିରେ ବିନିଯୋଗ ହୋଇଛି।

## ଉଚ୍ଚ ମାଧମିକ ବିଦ୍ୟାଳୟ ପାଇଁ ୯୦୨ ନୂତନ ପଦବୀ ସୃଷ୍ଟି

### ୬୪୨ ଶିକ୍ଷକ, ୨୬୦ ଅଣଶିକ୍ଷକ ପଦବୀ ସୃଷ୍ଟି

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ରାଜ୍ୟର ୧୦୬ଟି ଉନ୍ନୀତ ଉଚ୍ଚ ମାଧମିକ ବିଦ୍ୟାଳୟ ପାଇଁ ରାଜ୍ୟ ସରକାର ମୋଟ ୯୦୨ଟି ପଦବୀ ତିଆରି କରିଛନ୍ତି । ଏଥିରେ ୬୪୨ଟି ଶିକ୍ଷକ ଓ ୨୬୦ଟି ଅଣଶିକ୍ଷକ ପଦ ରହିଛି । ଖୁବ୍ ଶୀଘ୍ର ଏନେଇ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ।୬୪୨ ପୋଷ୍ଟ ଗ୍ରାଜୁଏଟ ଟିଚର(ପିଜିଟି) ପଦବୀ ସମେତ ୨୪ ଲାବୋରେଟୋରୀ ଆସିଷ୍ଟାଂଟ୍, ୨୪ ଲାବୋରେଟୋରୀ ଆଟେଣ୍ଡାଂଟ୍, ୧୦୬ ଆସିଷ୍ଟାଂଟ ଲାଇବ୍ରେରିଆନ, ୧୦୬ ଜୁନିୟର କ୍ଲର୍କ ପଦବୀ ସୃଷ୍ଟି ହୋଇଛି। ଚଳିତ ବର୍ଷ ୧୦୬ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧମିକ ବିଦ୍ୟାଳୟ ଭାବେ ସରକାର ଉନ୍ନୀତ କରିଛନ୍ତି । ଏ ସବୁ ବିଦ୍ୟାଳୟରେ ଯୁକ୍ତ-୨ ଖୋଲିଛି। ଦଶମ ପଢ଼ିସାରିବା ପରେ ଛାତ୍ରଛାତ୍ରୀ ସିଧାସଳଖ ନିଜ ବିଦ୍ୟାଳୟରେ ଯୁକ୍ତ-ଦୁଇ ପଢ଼ିପାରିବେ । ସେମାନଙ୍କୁ ଶିକ୍ଷାଦାନ ପାଇଁ ଏହି ନୂତନ ଶିକ୍ଷକ ପଦବୀଗୁଡିକ ସୃଷ୍ଟି ହୋଇଛି । ସେହିପରି ପ୍ରତି ଉନ୍ନୀତ ମାଧମିକ ବିଦ୍ୟାଳୟରେ ଅଫିସ କାର୍ଯ୍ୟ, ଲାବ୍ ର ସୁପରିଚାଳନା ଓ ପାଠାଗାର ପରିଚାଳନା ପାଇଁ ମଧ ସରକାର ବିଶେଷ ଧ୍ୟାନ ଦେଇ ଅଣ-ଶିକ୍ଷକ ପଦବୀଗୁଡିକୁ ମଞ୍ଜୁରୀ ଦେଇଛନ୍ତି ।

# ନିର୍ବାଣ ସାହିତ୍ୟ ପରିଷଦ ଜୟପୁର ତରଫରୁ କବିତା ମହୋତ୍ସବ ଆୟୋଜିତ

ମାଲକାନଗିରି, ୧୧/୦୭ (ନି.ପ୍ର): ନିର୍ଝରଣୀ ସାହିତ୍ୟ ସଂସଦ କୁଡୁମୁଲୁଗୁମ୍ମା ତଥା ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ କୁଡୁମୁଲୁଗୁମ୍ମା ମିଳିତ ସହଯୋଗରେ ନିର୍ବାଣ ସାହିତ୍ୟ ପରିଷଦ ଜୟପୁର ତରଫରୁ ଏକ ଦିବସୀୟ କବିତା କର୍ମଶାଳା ଓ କବିତା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ନିର୍ବାଣ ସାହିତ୍ୟ ପରିଷଦ ଜୟପୁର ତରଫରୁ ଅତିଥି ଭାବେ ସମ୍ପାଦକ ତଥା ବରିଷ୍ଠ ସାହିତ୍ୟିକ ଚନ୍ଦ୍ରକାନ୍ତ ବିଶ୍ୱାଳ, ସାହିତ୍ୟିକ ପ୍ରେମଚାନ୍ଦ ପଟ୍ଟନାୟକ, ଗବେଷକ ତଥା କବି ଡଃ. ପ୍ରଦୀପ କୁମାର ମିଶ୍ର, କୁଡୁମୁଲୁଗୁମ୍ମା ମାଟିର କବି ବଳରାମ ପୂଜାରୀ, ସମାଜସେବୀ ଭଗବାନ ସାହୁ ତଥା ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ କୁଡୁମୁଲୁଗୁମ୍ମାର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଓଡ଼ିଆ ଅଧ୍ୟାପିକା ସଂଚିତା ଖୋସଲା ମଂଚାସିନ ଥିଲେ । ଆକାଶବାଣୀ ଜୟପୁରର ଉଦଘୋଷକ ତଥା ନିର୍ବାଣ ସାହିତ୍ୟ ପରିଷଦର ସହ ସମ୍ପାଦକ ରଘୁନାଥ ବିଶ୍ୱାଳ ମଂଚ ସଂଚାଳନ କରିଥିଲେ ।

ଏହି ଅବସରରେ କୁଡୁମୁଲୁଗୁମ୍ମା ଗ୍ରାମବାସୀଙ୍କ ତରଫରୁ ଜୟପୁରରୁ ଆସିଥିବା ସମସ୍ତ କବି ସାହିତ୍ୟିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ କବିତା ଆସର ସହ କବିତା କର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କୁଡୁମୁଲୁଗୁମ୍ମା ଡକ୍ଟର ସନ୍ତୋଷ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲାବେଳେ, ଅତିଥି ଓ ସାଧନ କର୍ମୀ ଭାବେ ଡଃ. ପ୍ରଦୀପ କୁମାର ମିଶ୍ର ଓ ପ୍ରେମଚାନ୍ଦ ପଟ୍ଟନାୟକ ମହୋଦୟ ଯୋଗଦାନ କରି ଯୁକ୍ତ ତିନିର ଛାତ୍ରଛାତ୍ରୀ ମାନଙ୍କୁ କବିତା ଲିଖନ ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଦ୍ୱିତୀୟ କବିତା ଆସରରେ କବି ବଳରାମ ପୂଜାରୀ, କବି ବିରୁପାକ୍ଷ ସ୍ୱାଇଁ, କବି ପ୍ରୀୟମ୍ବଦା ରାଉତ, କବି କରୁଣାକର ମଲ୍ଲିକ, କବି ଯଚିନ୍ଦ୍ର ସ୍ୱାଇଁ, କବି ପ୍ରଦୀପ ସରକାର, କବି ଯୁଗଳ କିଶୋର ସ୍ୱାଇଁ, କବି ମଳୟ ନନ୍ଦି, କବି ଉମାଶଙ୍କର ଦାଶ, କବି ଉମାଚାନ୍ଦ୍ ରାଜ, ଦିଲ୍ଲୀପ କୁମାର ସ୍ୱାଇଁ କବିତା ପାଠ କରିଥିଲେ। ସାହିତ୍ୟ ଉତ୍ସବକୁ ମଧୁମିତା ବିଶ୍ୱାଳ, ଶ୍ରୀ ଦେବୀ ପରିଡ଼ା, ଶ୍ୟାମସୁନ୍ଦର ଦେଓ, କବି ଅନୁନ ଚୌଧୁରୀ କବିତା, ରମେଶ ଚନ୍ଦ୍ର ନେଲୁରୁ, ଆନନ୍ଦ ଚାର୍କି, ଦେବରାଜ ସେଠୀ, ଗଣେଶ ପ୍ରସାଦ ଦାଶ, ରବି ବେହେରା, ପୁଷ୍ପାଞ୍ଜଳି ରଣା, ଇନ୍ଦ୍ରମଣି ପୁଜାରୀ ଓ ଗ୍ରାମ ର ଅନ୍ୟାନ୍ୟ ବନ୍ଧୁ ସହଯୋଗ କରି ଉତ୍ସବକୁ ସଫଳ କରିଥିଲେ। ଛାତ୍ର ଓ ଛାତ୍ରୀ ମାନଙ୍କ ମଧ୍ୟରେ କବିତା ଲିଖନ ପ୍ରତିଯୋଗିତା କରି ଶ୍ରେଷ୍ଠ ତିନି ଜଣ ଯଥା- ପବିତ୍ର ମୁଦୁଲି, ରଞ୍ଜିତା ଦାସ୍ ଓ ଦହନା ହନ୍ତାଲଙ୍କୁ ଶ୍ରେଷ୍ଠ ପ୍ରଥମ ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା । ଉକ୍ତ ତିନି ଜଣ ଯୁବ କବି ମାନଙ୍କୁ ନିର୍ବାଣ ସାହିତ୍ୟ ପରିଷଦ ଜୟପୁରର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଘୋଷଣା କରାଯାଇଛି। ଉତ୍ସବ ପରିଚାଳନା ଓ ସଂଯୋଜକ ଭାବେ କବି ବିଜୟା ପାଣିଗ୍ରାହୀ, କବି ପଦ୍ମଜା ପାଣିଗ୍ରାହୀ, କବି ଅବିନାଶ ସାନ୍ତାପାତ୍ର, କବି ରଘୁନାଥ ବିଶ୍ୱାଳ ସହଯୋଗ କରିଥିଲେ। କୁଡୁମୁଲୁଗୁମ୍ମା ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଏହି ସାରସ୍ୱତ ଉତ୍ସବ ଆୟୋଜନ କରିଥିବାରୁ ଆୟୋଜକ ଭଗବାନ ସାହୁ, ବଳରାମ ପୂଜାରୀ, ମଧୁମିତା ବିଶ୍ୱାଳ ଓ ଅଶୋକ କୁମାର ପ୍ରଧାନଙ୍କୁ ନିର୍ବାଣ ସାହିତ୍ୟ ପରିଷଦର ସମ୍ପାଦକ ଚନ୍ଦ୍ରକାନ୍ତ ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିବା ସହ ଆଗାମୀ ବାର୍ଷିକ ଉତ୍ସବ କୁଡୁମୁଲୁଗୁମ୍ମା ଠାରେ ମହାସମାରୋହରେ ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲେ। ନିର୍ଝରଣୀ ସାହିତ୍ୟ ସଂସଦ କୁଡୁମୁଲୁଗୁମ୍ମା ଓ ନିର୍ବାଣ ସାହିତ୍ୟ ପରିଷଦ ଜୟପୁରର ଏହି ମିଳିତ ସାରସ୍ୱତ ସମାରୋହକୁ ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି।

# ନିଯୁକ୍ତିର ୫ ଦିନ ପରେ ଟ୍ରେନିଂ ନାଁରେ ଡାକ୍ତର ଆସୁନାହାନ୍ତି, ରୋଗୀ ହନ୍ତସନ୍ତ

କନ୍ଧମାଳ, ୧୦ ଜୁଲାଇ (ହି.ସ.)- କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବୁଢ଼ାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରହୁ ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗତ ମାସରେ ଜଣେ ନୂତନ ଡାକ୍ତର ହସ୍ପିଟାଲରେ ନିଯୁକ୍ତି ପାଇଥିଲେ । ସେ କିଛିଦିନ କାର୍ଯ୍ୟକରି ଆଉ ଆସୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ବୁଢ଼ାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ଗୁମିକିଆ, ତିଲୋରୀ, ବୁଢ଼ାଗୁଡା ପଂଚାୟତ ସମେତ ବାଲିଗୁଡ଼ା ବ୍ଲକର ରତୁଙ୍ଗିଆ, କୋଟଗଡ଼ ବ୍ଲକର ପକାରୀ, ରାଣୀପାଙ୍ଗା ଆଦି ଅଂଚଳର ପ୍ରାୟ ୮ଟି ପଂଚାୟତର ପ୍ରାୟ ୩୦ ହଜାର ଲୋକ ନିର୍ଭର କରୁଛନ୍ତି । ହେଲେ ସେଠାରେ ନିୟମିତ ଡାକ୍ତର ଓ ଫାର୍ମାସିଷ୍ଟ କେହି ରହୁ ନ ଥିବା ବେଳେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଜଣେ ଆଟେଣ୍ଡାଂଟରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି । ରୋଗୀଙ୍କୁ ଆଟେଣ୍ଡାଣ୍ଟମାନେ ଚିକିତ୍ସା କରୁଥିବା ବେଳେ ଅନେକ ସମୟରେ ମରଣମୁହଁରେ ରୋଗୀ ପଡୁଛନ୍ତି । ଯଦି ବି କେହି ଡାକ୍ତର ଉପସ୍ଥିତ ଥାନ୍ତି ସାଧାରଣ ରୋଗ ପାଇଁ ମଧ ଦାରିଙ୍ଗବାଡ଼ି, ବାଲିଗୁଡ଼ା କିମ୍ବା ଫୁଲବାଣୀକୁ ରେଫର କରି ଦିଅନ୍ତି । ଫଳରେ ରୋଗୀ ଓ ପରିବାର ଖର୍ଚ୍ଚାନ୍ତରେ ପଡ଼ିଥାନ୍ତି ବୋଲି ଅଂଚଳବାସୀ ଅଭିଯୋଗ କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରିୟଦର୍ଶିନୀ ତ୍ରିପାଠୀ କହିଛନ୍ତି, ଡାକ୍ତରଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ଛୁଟିରେ ଯାଇଛନ୍ତି । ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି, ଡାକ୍ତର ବୁଢ଼ାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ରହିଥିବା ତାଙ୍କ ନିକଟରେ କୌଣସି ଖବର ନାହିଁ କି ସେ କୌଣସି ଛୁଟି ଦରଖାସ୍ତ ଦେଇ ନ ଥିବା କହିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଶ୍ରୀ ସାମନ୍ତରାୟ ଓ ବୁଢ଼ାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ କଥାରେ କୌଣସି ତାଳମେଳ ନ ଥିବାରୁ ସତ୍ୟତା କିଛି ଜଣାପଡୁ ନାହିଁ । ପ୍ରକାଶ ଯେ, ବୁଢ଼ାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ ଗତ ୨୬ ତାରିଖରେ ଜଣେ ଡାକ୍ତର ନିଯୁକ୍ତି ପାଇଥିଲେ । ପରେ ୫ ଦିନ ପାଇଁ ତାଙ୍କର ଏକ ଟ୍ରେନିଂ ପଡ଼ିଥିଲା । ଟ୍ରେନିଂ ସରିଥିଲେ ସୁଦ୍ଧା ଡାକ୍ତର ଜଣକ କାହିଁକି ଆସୁନାହାନ୍ତି ଓ ଛୁଟି ଦରଖାସ୍ତ ନ ଦେଇ କିଭଳି ସେ ରହିଛନ୍ତି ତା'ର ତଦନ୍ତ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଶ୍ରୀ ସାମନ୍ତରାୟ କହିଛନ୍ତି ।

## ଧାନ କିଣା ପାଇଁ ଚାଷୀଙ୍କ ନାମ ପଞ୍ଜିକରଣ ପାଇଁ ତାଲିମ

କେନ୍ଦ୍ରାପଡ଼ା, ୧୧/୦୭ (ନି.ପ୍ର): କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ମୁଖ୍ୟ କାର୍ଯ୍ୟାଳୟ ପରିସର ରେ ଧାନ କିଣିବା ପାଇଁ ଚାଷୀଙ୍କ ନାମ ପଞ୍ଜିକରଣ କରିବା ଓ ଆନୁସଙ୍ଗୀକ ସରକାରୀ ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ପ୍ୟାକ୍ସ ର ସଂପାଦକ ଓ ଡାଟା ଏଂଟ୍ରି ଅପରେଟରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଜମଧର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଏ.ଆର.ସି.ଏସ୍ ସନ୍ତୋଷ କୁମାର ଦାସ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ, ପ୍ରଦିପ କୁମାର ମହାପାତ୍ର, ଏସ୍.ଏ.ଆର.ସି.ଏସ୍ ଯୋଗେନ୍ଦ୍ର ନାଥ, ସଚ୍ଚିଦାନନ୍ଦ ଜେନା, ଅମର କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ସମସ୍ତ କୃଷି ସମବାୟ ସମିତିର ସଂପାଦକ, ଡାଟା ଏଂଟ୍ରି ଅପରେଟରମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଯେଭଳି ଭାବରେ ଚାଷୀମାନେ ସୁବିଧାରେ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜିକରଣ କରିପାରିବେ ସେନେଇ ଆଲୋଚନା କରାଯାଇ ଥିଲା ।

## ଜିଲ୍ଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

କନ୍ଧମାଳ, ୧୧/୦୭ (ନି.ପ୍ର): ଫୁଲବାଣୀ ବାର ଆସୋସିଏସନ କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲା ଓକିଲ ସଂଘ ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆଇନଜୀବୀ ଭଗବାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ, ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ଏଥିରେ ଗତ ମାସ ୪ ତାରିଖରେ ଚଳିତ ବର୍ଷ ଓଡିଶା ଲୟରର୍ସ ଆସୋସିଏସନ ଦ୍ୱାରା,ଫୁଲବାଣୀ ରେ ଓଡିଶା ଲୟରର୍ସ ଆସୋସିଏସନ ର ସମ୍ମିଳନୀ କରା ଯିବାକୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ରାଜ୍ୟ ରେ ଦୁଇଟି ଓକିଲ ସଂଘ ରହିଛି, ତେଣୁ ଉଭୟ ସଂଘକୁ ସାଦରେ ନିମନ୍ତ୍ରଣ କରାଯିବା ସହ, ରାଜ୍ୟ ରେ ଗୋଟିଏ ଓକିଲ ସଂଘ ଗଠନ କରିବା ଦିଗରେ ପଦକ୍ଷେପ ନେବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ କରାଯାଇଥିଲା। ଏହା ସହିତ ଫୁଲବାଣୀ ରେ ଅଲ୍ ଓଡିଶା ଲୟରର୍ସ ଆସୋସିଏସନ ସମ୍ମିଳନୀ କରାଯିବାକୁ ନିଷ୍ପତି ନିଆଯାଇଛି। ଏହା ସହିତ ଉପସ୍ଥିତ ସଦସ୍ୟ ସଦସ୍ୟା ମାନଙ୍କ ମଧ୍ୟରେ ଜିଲ୍ଲା ର ଓକିଲ ମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଆଲୋଚନା କରାଯାଇଥିଲା।

# ସିପିଆଇର ସାଂଗଠନିକ କର୍ମଶାଳା

ଜୟପୁର, ୧୧/୦୭ (ନି.ପ୍ର): ସ୍ଥାନୀୟ ବାବାସାହେବ କଲ୍ୟାଣ ମଣ୍ଡପ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କୋରାପୁଟ ଜିଲ୍ଲାର ୯ ଗୋଟି ବ୍ଲକର ଶାଖା ସମ୍ପାଦକ ଓ ସହସମ୍ପାଦକ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳା ପୂର୍ବରୁ ରାଜ୍ୟ ସିପିଆଇ ସମ୍ପାଦକ ଅଭୟ ସାହୁଙ୍କ ସମେତ ରାଜ୍ୟ ନେତାମାନେ କର୍ମୀଙ୍କ ଗହଣରେ ଯାଇ ସହୀଦ ଲକ୍ଷ୍ମଣ ନାୟକଙ୍କ ପୀଠ ସମ୍ମୁଖରେ ଏକ ଫୋଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପରେ କୋରାପୁଟ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ପୀଠକୁ ଯାଇ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ।

କର୍ମଶାଳା କାର୍ଯ୍ୟକ୍ରମ ସହସମ୍ପାଦକ ପ୍ରଭୁନନ୍ଦ ମୁଦୁଲିଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା । ସର୍ବପ୍ରଥମେ ମଣିପୁର ହିଂସା ଦଙ୍ଗାରେ ପ୍ରାଣ ହରାଇଥିବା ନିରୀହ ଲୋକ ଓ କମ୍ୟୁନିଷ୍ଟ ପାର୍ଟିର ଦିବଙ୍ଗତ ନେତା ଓ କର୍ମୀଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କର୍ମଶାଳାକୁ ଉଦ୍ଘାଟିତ କରି ରାଜ୍ୟ ସମ୍ପାଦକ ଅଭୟ ସାହୁ କହିଲେ ଯେ, ଦେଶ ବର୍ତ୍ତମାନ ଗମ୍ଭୀର ସଙ୍କଟ ମଧ୍ୟରେ ଗତି କରୁଛି । ଗୋଟିଏ ପଟେ ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା ବୃଦ୍ଧିରେ ସାଧାରଣ ଲୋକ ବିକଟ ପରିସ୍ଥିତିର ସାମ୍ନା କରୁଥିବା ବେଳେ ଦେଶରେ ସାମ୍ପ୍ରଦାୟିକ ହିଂସା ବିଦ୍ୱେଷ ବିକଟାଳ ରୂପ ଧାରଣ କରିଛି । ମଣିପୁରର ଜାତିଗତ ଧର୍ମୀୟ ହିଂସାରେ ୧୨୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ୬୦ ହଜାର ଲୋକ ରିଲିଫ କ୍ୟାମ୍ପରେ ରହିଛନ୍ତି, କିନ୍ତୁ ଏ ଦେଶର ପ୍ରଧାନମନ୍ତ୍ରୀ ଗତ ସତୁରୀ ଦିନ ହେଲା ଚୁପ୍ । ସାମ୍ପ୍ରଦାୟିକ ଫାଶୀବାଦୀ ନୀତିର ଭୟାବହ ପରିଣତି ଏଥିରୁ ଜଣାପଡୁଛି । କିନ୍ତୁ, ହିନ୍ଦୁ ରାଷ୍ଟ୍ର ଘୋଷଣା ପାଇଁ ବାବା ମାନେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି, ଯାହାକୁ ଆର୍ ଏସ୍ ଏସ୍, ବିଜେପି ପ୍ରକାରାନ୍ତରେ ଉତ୍ସାହିତ କରୁଥିଲା ବେଳେ ଖାଲିସ୍ଥାନୀ ଆନ୍ଦୋଳନ ତାକୁ ଧରି ବଳ ପାଉଛି । ଅନ୍ତର୍ଜାତୀୟ ସ୍ତରରେ ଦେଶ ନିନ୍ଦିତ ହେଉଛି । ଦଳିତ ଆଦିବାସୀ ମହିଳାଙ୍କ ଉପରେ ନିର୍ଯ୍ୟାତନା ବଢ଼ି ବଢ଼ି ଚାଲିଛି । ବିଜେପି ବିଧାୟକଙ୍କ ପ୍ରତିନିଧି ଆଦିବାସୀ ଗରୀବ ଉପରେ ପରିସ୍ରା କରୁଛି, ବିଜେପି ମୁଖ୍ୟମନ୍ତ୍ରୀ ଯାଇ ଦଳିତ ଲୋକଟିର ପାଦ ଧୋଇ ମୋକ୍ଷ ଆଶା କରୁଛି । ଏ ଚିନ୍ତା ଧାରା ବଢୁଛି କାହିଁକି ? ୨୦୧୪ ପରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଦିଲ୍ଲୀରେ ଦେଶର ଶାସନ ଅକ୍ତିଆର କଲା ପରେ ଲଗାତାର ଏସବୁ ବୃଦ୍ଧି ପାଇଛି । ବର୍ତ୍ତମାନ ମଧ ପ୍ରଦେଶ ଓ ଅନ୍ୟ ରାଜ୍ୟ ନିର୍ବାଚନକୁ ଦେଖି ୟୁସିସି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ । ଦସ୍ତଖତ ଅଭିଯାନ ଚାଲିଛି । କିନ୍ତୁ, ୟୁସିସି କ'ଣ କେହି ବୁଝିବା ଆବଶ୍ୟକ ନାହିଁ, ଏତିକି ବୁଝିଲେ ହେଲା ଯେ ମୁସଲମାନ ମାନଙ୍କୁ ଜବତ କରିବାକୁ ହେବ । ଏଭଳି ଏକ ସଙ୍ଗୀନ ଅବସ୍ଥାରୁ ଦେଶକୁ ମୁକୁଳେଇବା ପାଇଁ ହେଲେ ଆଗାମୀ ୨୦୨୪ ନିର୍ବାଚନରେ ବିଜେପିକୁ ପରାସ୍ତ କରିବା କମ୍ୟୁନିଷ୍ଟ ମାନଙ୍କର ପ୍ରଥମ କାର୍ଯ୍ୟ । ଏଣୁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଦଳ ଓ ଶକ୍ତି ମାନଙ୍କୁ ଏକ କରି ଏକ ବୃହତ୍ତର ଜନ ଆନ୍ଦୋଳନ ଗଢି ତୋଳିବାକୁ ଅଭୟ ସାହୁ ଆହ୍ୱାନ ଦେଇଛନ୍ତି । ଏଥିସହ ଓଡ଼ିଶା ରାଜ୍ୟ ଖଣି ଖାଦାନରେ ଭରପୁର ରହିଥିଲେ ମଧ ଏ ରାଜ୍ୟ ଦାଦନ ପାଇଁ ପରିଚିତି ହାସଲ କରିଛି । ଏଇ ଜୟପୁରରେ ସେବା କାଗଜ କଳର ଶ୍ରମିକ ମାନଙ୍କ ଅବସ୍ଥା ଘୋର ସଙ୍କଟରେ, କାରଖାନା ନାମକୁ ମାତ୍ର ଚାଲିଛି, ଶ୍ରମିକ ମାନେ ମାସ ମାସ ଧରି ଦରମା ପାଉନାହାଁନ୍ତି, ଅବସରପ୍ରାପ୍ତ ଶ୍ରମିକ ମାନେ ପିଏଫ୍, ଗ୍ରାଚ୍ୟୁଇଟି ପାଉନାହାନ୍ତି, ସରକାର ଅଣଦେଖା କରୁଛନ୍ତି ଏବଂ ଏଠୁ ଦାଦନ ଶ୍ରମିକ ବସ୍ ଧରି ହାଇଦ୍ରାବାଦ ଯାଉଛି । ପୂର୍ବତନ ରାଜ୍ୟ ସମ୍ପାଦକ ଆଶୀଷ କାନୁନଗୋ କହିଥିଲେ ଯେ, ମୋଦୀ ସରକାର ଆସିବା ପରେ ପ୍ରତ୍ୟେକ ସରକାରୀ ଉଦ୍ୟୋଗକୁ ବିକି ସାରିଲେଣି । ଖଣି ଖାଦାନ, ଜମି, ଜଳ, ଜଙ୍ଗଲ ସବୁ ଆଦାନୀ ପରି ବୃହତ୍ ପୁଞ୍ଜିପତିଙ୍କୁ ଦିଆ ଚାଲିଛି । ଏଣୁ କୋରାପୁଟ ଜିଲ୍ଲାରେ ପ୍ରତ୍ୟେକ ଜୋନ୍ ନିଜ ଅଞ୍ଚଳର ଜନଗଣଙ୍କ ଜମି ଅଧିକାର ପାଇଁ ଆନ୍ଦୋଳନ ଅଭିଯାନ ଆରମ୍ଭ କରନ୍ତୁ । ରାଜ୍ୟ ସହ ସମ୍ପାଦକ ପ୍ରଶାନ୍ତ ମିଶ୍ର ବେକାର ଯୁବକ ଯୁବତୀମାନଙ୍କ ନିଯୁକ୍ତି ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ନୀତି ପ୍ରଣୟନ କରୁଛି । ସମସ୍ତଙ୍କୁ କର୍ମ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଯୁବ ସାଥି ମାନେ ସଂଗଠନକୁ ମଜବୁତ୍ କରିବା ସହ ଆନ୍ଦୋଳନ କରନ୍ତୁ । ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ସେବା କାଗଜ କଳ ସମସ୍ୟା ରାଜ୍ୟ ସ୍ତରରେ ଉଠେଇ ସମାଧାନ ପାଇଁ ରାଜ୍ୟ ନେତୃତ୍ୱକୁ ନିବେଦନ କରିଥିଲେ । ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଜିଲ୍ଲାର ସଂଗଠନ ଚିତ୍ର ପ୍ରଦାନ କରିବା ସହ ଏହି ମାସ ଠାରୁ ଜିଲ୍ଲାତମାମ ଆନ୍ଦୋଳନ ଅଭିଯାନ ଆରମ୍ଭ କରିବା ପାଇଁ ଏକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ତା ଉପରେ ଜିଲ୍ଲାର କର୍ମୀ ମାନେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ସର୍ବଶ୍ରୀ ବୁଦ୍ରା ବଡନାୟକ, ନନ୍ଦ କୁମାର, କୁମର ଜାନୀ, ପବନ ମହୁରିଆ, ବୈଦ୍ୟନାଥ ହରିଜନ, ଉତମ ମଲ୍ଲିକ, ଜଗନ୍ନାଥ ହାରିକା ସୁକାନ୍ତି ଗୌଡ଼ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆଜାଦ୍ ବଜାରରୁ ଡଅଁରମୁହଁ ରାସ୍ତା ଅବସ୍ଥା ଶୋଚନୀୟ

ସାଲେପୁର, ୧୧/୦୭ (ନି.ପ୍ର): ଜୟରାମପୁର ପଂଚାୟତ ଆଜାଦ୍ ବଜାର ଠାରୁ ଫଗୋଳ ପଂଚାୟତ ଡଅଁରମୁହଁ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ବର୍ଷା ଦିନ ଆରମ୍ଭରୁ ଉକ୍ତ ରାସ୍ତାଟି ଏତେ କର୍ଦ୍ଦମାକ୍ତ ହୋଇପଡିଛି ଯେ ଏଥିରେ ଯାତାୟାତ ସମ୍ଭବପର ହେଉନାହିଁ । ଆଗକୁ ଅଧିକ ବର୍ଷା ହେଲେ ଏହି ରାସ୍ତା ଦେଇ କିଭଳି ଲୋକମାନେ ଯାତାୟାତ କରିବେ ସେନେଇ ଚିନ୍ତାରେ ପଡିଛନ୍ତି । ଉକ୍ତ କେନାଲ ବନ୍ଧ ରାସ୍ତାରେ ପ୍ରତ୍ୟେକ ଦିନ ୧୦ ଟି ଗ୍ରାମର ହଜାର ହଜାର ଲୋକ ବିଭିନ୍ନ ସ୍ଥାନକୁ ଯାତାୟାତ ପାଇଁ ନିର୍ଭର କରିଥାଆନ୍ତି । ବିଗତ ୩୦ ବର୍ଷ ହେବ ଏହି ରାସ୍ତାକୁ ପିଚୁ କିମ୍ବା ଢଳେଇ ରାସ୍ତାରେ ପରିଣତ କରିବା ପାଇଁ ପଂଚାୟତ ସ୍ତରରୁ ଆରମ୍ଭ କରି ବ୍ଲକ ସ୍ତରରେ, ଗ୍ରାମ ଉନ୍ନୟନ ବିଭାଗ ଓ ଜଳସେଚନ ବିଭାଗ ନିକଟରେ ଲୋକମାନେ ବାରମ୍ବାର ଦାବି କରିଆସୁଥିଲେ ମଧ ଏଥିପ୍ରତି କେହି ଗୁରୁତ୍ୱ ଦେଉ ନାହାଁନ୍ତି । ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରାଯାଉନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇଥିବାରୁ ଜରୁରୀକାଳିନ ପରିସ୍ଥିତିରେ ଦମକଳ, ଆମ୍ବୁଲାନ୍ସ ଏବଂ ଗ୍ୟାସ୍ ଡେଲିଭରି ପାଇଁ କୌଣସି ଗାଡି ଯାତାୟାତ କରିପାରୁନାହିଁ । ଏବେ ବର୍ଷା ହେବା ସାଙ୍ଗକୁ ରାସ୍ତାର ଗୋଟିଏ ପାର୍ଶ୍ୱ ଖୋଳାଯାଇ ପାନୀୟ ଜଳ ପାଇପ ଯାଉଥିବା ବେଳେ ଏହି ଖୋଳାଯାଇଥିବା ମାଟି ଗୁଡିକ ରାସ୍ତା ଉପରକୁ ପକାଯାଇଛି । ଏହାଦ୍ୱାରା ରାସ୍ତାସାରା ଚାରିଆଡେ କର୍ଦ୍ଦମାକ୍ତ ହୋଇଯାଇଛି । ତୁରନ୍ତ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ସ୍ଥାନୀୟ ଅଂଚଳର ଲୋକମାନେ ବିଡିଓଙ୍କ ଠାରେ ଅଭିଯୋଗ କରିଛନ୍ତି । ଏହି ରାସ୍ତାର ଅବସ୍ଥା ଏଭଳି ହୋଇଥିବା ସଂକ୍ରାନ୍ତରେ ବିଡିଓଙ୍କୁ ପଚାରିବାରୁ ଉକ୍ତ ରାସ୍ତାକୁ ଜଳସେଚନ ବିଭାଗର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇ ଟେଣ୍ଡର ମାଧ୍ୟମରେ ଖୁବ୍ ଶୀଘ୍ର ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ମିଶନ ଶକ୍ତି ଗୃହ ଉଦ୍‌ଘାଟନ କଲେ ନରସିଂହ

ବଲାଙ୍ଗୀର, ୧୧/୦୭ (ନି.ପ୍ର): ଦେଶ ସ୍ୱାଧିନତା ପାଇବା ପରେ ପରେ ତତ୍କାଳିନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ବାବା ସାହେବ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ତିଆରି କରିଥିଲେ। ସେତେବେଳେ ତିଆରି ହୋଇଥିବା ସମ୍ବିଧାନ ନାରୀମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ପ୍ରଦାନ କରିଥିଲା। କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଆମେ ଦେଶରେ ନାରୀମାନଙ୍କୁ ସେ ଅଧିକାର ପ୍ରଦାନ କରିବାରେ ଅବହେଳା କରିଛୁଁ । ମନମୋହନଙ୍କ ସରକାର ଥିବା ବେଳେ ଲୋକସଭାରେ ୫୦ ପ୍ରତିଶତ ସିଟ୍ ମହିଳାମାନଙ୍କ ପାଇଁ ସଂରକ୍ଷଣ ପାଇଁ ବିଲରେ ବ୍ୟବସ୍ଥା କରାଯାଇଥିଲା। ନାରୀ ସଶକ୍ତି କରଣର ଡିମ୍‌ଡିମ୍ ପିଟୁଥିବା ସରକାରମାନେ କାହିଁକି ଆଜି ପର୍ଯ୍ୟନ୍ତ ଲୋକସଭା ହେଉ କି ବିଧାନସଭା ହେଉ ସେ ଅଧିକାର ନାରୀମାନଙ୍କୁ ଦେବାରେ ଅବହେଳା କରିଛନ୍ତି ବୋଲି ଆଜି ବଲାଙ୍ଗିର ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଗୃହ ଉଦ୍‌ଘାଟନ ବେଳେ ମାନ୍ୟବାର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ନାରୀ ସଶକ୍ତି ଉପରେ ଜୋର ଦେଇ ବାହା ବାହା ସାଉଟିବା ପାଇଁ ଚେଷ୍ଟା କରୁଥିବା ଆମ ରାଜ୍ୟ ସରକାର ମଧ ଗତ ୨୩ ବର୍ଷ ମଧ୍ୟରେ କାହିଁକି ଜଣେ ନାରୀ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ପ୍ରଦାନ କରିପାରିନାହାନ୍ତି। ଏହି ଛଳରେ ସେ ତାଙ୍କ ଦଳ ଦେଶ ଓ ରାଜ୍ୟରେ ଜଣେ ନାରୀ ପ୍ରଧାନମନ୍ତ୍ରୀ ଓ ଜଣେ ନାରୀ ମୁଖ୍ୟମନ୍ତ୍ରୀ ପ୍ରଦାନ କରିସାରିଛି ବୋଲି କହିଥିଲେ। ନାରୀ ସଶକ୍ତିକରଣ ଉପରେ କହିବାକୁ ଯାଇ ଶ୍ରୀ ମିଶ୍ର ମିଶନ ଶକ୍ତି ପରି ଯୋଜନା ଯେଉଁଥିରେ କି ନାରୀଙ୍କୁ ସଶକ୍ତିକରଣ ପାଇଁ ଚେଷ୍ଟା କରାଯାଉଛି ସେପରି ଯୋଜନା ସାରା ଦେଶରେ ଅଛି । କୌଣସି ବି ସରକାର ନାରୀଙ୍କ ଅଧିକାରରୁ ତାଙ୍କୁ ବଂଚିତ କରିପାରିବ ନାହିଁ । ସରକାର ବଦଳିପାରେ କିନ୍ତୁ ଏହି ଯୋଜନା ଚିର ଦିନ ପାଇଁ ବଳବତର ରହିବ ବୋଲି ସେ କହିଥିଲେ। କେବଳ ଆମେ ନାରୀମାନଙ୍କୁ ତାଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ବାବଦରେ ସଚେତନ କରିବାକୁ ହେବ । ତାଙ୍କ ପାଇଁ ଆସୁଥିବା ଅନୁଦାନ ଯେପରି ମା'ମାନେ ଠିକ୍ ହିସାବରେ ପରିଚାଳନା କରି ପର୍ଯ୍ୟାପ୍ତ ପରିମାଣରେ ଲାଭବାନ ହେବେ ସେ ଉପରେ ସବୁ ବର୍ଗ କାମ କରିବା ଉଚିତ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ। ଆଜିର ଏହି ଉଦ୍‌ଘାଟନି ସଭାରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଡ.ଇପ୍ ?ସିତା ପାତ୍ର ମିଶନ ଶକ୍ତିର ଉପଯୋଗତା ବାବଦରେ ସୂଚନା ଦେଇଥିଲେ । ସଂଯୋଜନା କରିଥିଲେ ମିଶନ ଶକ୍ତି ସଂଯୋଜକ ଚିନ୍ମୟ ତ୍ରିପାଠୀ।

# ଡ୍ରେନେଜ୍ କଟ୍ ଅଧା ସଫେଇକୁ ନେଇ ଚାଷୀ ମହଲରେ ଅସନ୍ତୋଷ

ସାଲେପୁର, ୧୧/୦୭ (ନି.ପ୍ର): ଚଳିତ ଖରିଫ ଧାନ ଚାଷ ପାଇଁ ଆସନ୍ତା ୧୫ ତାରିଖରେ କେନାଲରେ ପାଣି ଆସିବାର ଜଣାଯାଇଛି । ହେଲେ ଅଦ୍ୟାବଧି କଟକ ଡ୍ରେନେଜ୍ ବିଭାଗ ଅଧିନରେ ଥିବା ୧୯ ନଂ ଡ୍ରେନେଜ୍ କଟ୍ କୁ ଅଧା ସଫେଇ କରାଯାଇଥିବାରୁ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଉକ୍ତ ଡ୍ରେନେଜ୍ କଟ୍ କୁ ସଂପୂର୍ଣ୍ଣ ଭାବେ ସଫେଇ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି । କଟକ ଡ୍ରେନେଜ୍ ଡିଭିଜନ ଅଧିନରେ ଥିବା ୧୯ ନଂ ଡ୍ରେନେଜ୍ କଟ୍ଟି ପାଟପୁର ପାଖରୁ ବାହାରି ରାମକୃଷ୍ଣପୁର (ପାଟପାରୀ) ହୁକୁଲା ପର୍ଯ୍ୟନ୍ତ ଯାଇଛି । ୬ କି.ମି ବ୍ୟାପୀ ଉକ୍ତ ଡ୍ରେନେଜ୍ କଟ୍ ଟି ବିଗତ ୩ ବର୍ଷ ହେବ ସଫେଇ କରାଯାଇନଥିବାରୁ ଏହାର ଦୁଇ ପାର୍ଶ୍ୱ ବନ୍ଧ ଓ ଭିତରେ ପ୍ରବଳ ଖରି ଗଛ ଉଠି ବଣ ସଦୃଶ ପାଲଟିଛି । ବିଭାଗ ପକ୍ଷରୁ ଠିକାଦାର ଦ୍ୱାରା ଗତ ୧୨ ଦିନ ତଳେ ଏହି ୧୯ ନଂ ଡ୍ରେନେଜ୍ କଟ୍ କୁ ପାଟପୁରଠାରୁ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ସଫେଇ କାର୍ଯ୍ୟ ୩ କି.ମି. ହେବା ପରେ ଠିକାଦାର ଜଣକ କାର୍ଯ୍ୟ ବନ୍ଦ କରି ଜେସିବି ମେସିନ ଉଠାଇ ନେଇଥିଲା । ଅବଶିଷ୍ଟ ୩ କି.ମି. ସଫେଇ କରାଯାଇନଥିବାରୁ ବର୍ଷା ଜଳ ନିଷ୍କାସନ ହେବାର ବ୍ୟାପକ ପ୍ରତିବନ୍ଧକ ସୃଷ୍ଟି ହେବ । ବର୍ଷା ଜଳ ନିଷ୍କାସନ ହୋଇ ନପାରିଲେ ଶହ ଶହ ହେକ୍ଟର ଚାଷ ଜମିରେ ଧାନ ଚାଷ ଉଜୁଡି ଯିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଏହି ଡ୍ରେନେଜ୍ କଟ୍ ଉପରେ ପାଟପୁର, ଜିଗ୍ନିପୁର, ମହାଜନପୁର, ଛୁଆଳିଆ, ଲାଲବାଗ୍, ରାମକୃଷ୍ଣପୁର, ଫଗୋଳ, ଜଗନ୍ନାଥପୁର, ପାଟପାରୀ, ନହଙ୍ଗ, ଭଉଁରିଆ ଆଦି ଗ୍ରାମର ୧୧ ହଜାର ଚାଷୀ ବର୍ଷା ଜଳ ନିଷ୍କାସନ ପାଇଁ ନିର୍ଭର କରିଥାଆନ୍ତି । ଏହାକୁ ସଫେଇ କରାଯାଉନଥିବାରୁ ଏହି ଗ୍ରାମର ଚାଷୀମାନେ ଧାନ ଚାଷ ପାଇଁ ସମସ୍ୟାରେ ପଡିବେ ବୋଲି ପ୍ରକାଶ କରିଛନ୍ତି । କ'ଣ ପାଇଁ ଏହି ଡ୍ରେନେଜ୍ କଟ୍ କୁ ଅଧା ସଫେଇ କରାଯାଇ ବନ୍ଦ କରାଯାଇଛି ସେ ସଂକ୍ରାନ୍ତରେ ସଂପୃକ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ସନ୍ଦିପ୍ କୁମାରଙ୍କୁ ପଚାରିବାରୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ସଫେଇ ପାଇଁ ଯେତିକି ଅର୍ଥ ବରାଦ କରାଯାଇଥିଲା ସେହି ୫ ଲକ୍ଷ ଟଙ୍କାରେ କାର୍ଯ୍ୟ କରାଯାଇଛି । ଚଳିତ ବର୍ଷ ସଫେଇ ପାଇଁ କୌଣସି ଅର୍ଥ ବରାଦ କରାଯାଇନଥିବାରୁ ଏହାକୁ ସଫେଇ କରାଯାଇ ପାରୁନାହିଁ । ବିଭାଗୀୟ ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଅନୁଦାନ ଆସିଲେ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ପ୍ରକାଶ କରିଛନ୍ତି । ଅପରପକ୍ଷରେ ଚାଷ କାର୍ଯ୍ୟ ଆରମ୍ଭ ହେଲେ ଉକ୍ତ ଡ୍ରେନେଜ୍ କଟ୍ କୁ ଆଉ ସଫେଇ କରାଯାଇ ପାରିବ ନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି । ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ପାଇଁ ଦାବି ହେଉଛି ।

# ସ୍କର୍ପିଓ ଧକ୍କାରେ ଓଲଟିଲା ଅଟୋ: ୪ ଆହତ, ୨ ଗୁରୁତର

କୋରେଇ, ୧୧/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଯାଜପୁର ରାସ୍ତାର ମୂଳାପାଳ ଛକ ନିକଟରେ ଆଜି ଏକ ଅଟୋ ଓକୁ ସ୍କରପିଓ ଧକ୍କା ଦେଇଛି । ଆଜି ମଧ୍ୟାହ୍ନରେ ଯାଜପୁର ଟାଉନରୁ ଏକ ପରିବାରକୁ ଧରି ଯାଜପୁରରୋଡ ରେଲୱେ ଷ୍ଟେସନକୁ ଆସୁଥିବା ଏକ ଅଟୋ(ଓଡ଼ି୩୪ କେ ୨୬୩୯)କୁ ପଛରୁ ଏକ ଦ୍ରୁତଗାମୀ ସ୍କର୍ପିଓ(ଓଡ଼ି୩୪ କେ ୧୫୧୫) ପିଟିବା ଦ୍ୱାରା ଅଟୋଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯିବା ସହ ଅଟୋଟି ସଳଟି ପଡିଥିଲା । ଫଳରେ ଅଟୋରେ ଥିବା ଚାରି ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣ ମହିଳା ଗୁରୁତର ଅଛନ୍ତି । ଖବର ପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଂଚି ଆହତମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଗାଡ଼ି ଦୁଇଟିକୁ ଜବତ କରିଛି । ସ୍କରପିଓଟି ଆସୁଥିବା ବେଳେ ନଦୀ ବନ୍ଧରୁ ହଠାତ୍ ଏକ ଗୋରୁ ପଳାଇଆସିବାରୁ ତାକୁ ବଂଚାଇବାକୁ ଯାଇ ରାସ୍ତା କଡରେ ଯାଉଥିବ ଅଟୋକୁ ଧକ୍କା ଦେଇଥିଲା । ଫଳରେ ଅଟୋଟି ଓଲଟି ପଡିଥିଲା । ଆହତ ମାନେ ଯାଜପୁର ଟାଉନର ଲୋକ ବୋଲି ଜଣାପଡିଛି । ହେଲେ ସେମାନଙ୍କର ସଠିକ ପରିଚୟ ମିଳି ପାରିନି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୧/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡୁଙ୍ଗୁରିପାଲି ପଂଚାୟତ ସମିତି କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୭୬ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୬୬ ଗୋଟି, ସାମୁହିକ ଦରଖାସ୍ତ ୧୦ ଗୋଟି ଗ୍ରହଣ କରାଯାଇ ଥିବାବେଳେ ଶିବିରରେ ୫୪ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଛି। ଗ୍ରହଣ ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ତ୍ରିପୁର ମହାନନ୍ଦିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୁବର୍ଣ୍ଣପୁର ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ସୋନପୁର ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଅହଲ୍ୟା ସାହୁ, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଶ୍ରମ ଉପ ନିର୍ଦ୍ଦେଶକ ଡିଲେଶ୍ୱର ଖାକା, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝୀ, ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ରାମପୁର ଶ୍ରୀ ପୁରୁଷୋତମ ମିର୍ଦ୍ଧା, ବ୍ଲକସ୍ତରୀୟ କର୍ମଚାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ।

# ଫଳ ଓ ପରିବାରେ ରହିଛି ସୌନ୍ଦର୍ଯ୍ୟର ରହସ୍ୟ



ନୂତନ ଗବେଷଣାରୁ ଜଣାପଡିଛି ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହେବା ଲାଗି ଖାଦ୍ୟରେ ପ୍ରଚୁର ମାତ୍ରାରେ ଫଳ ଓ ପନିପରିବା ସାମିଲ କରିବା ହିଁ ଏକମାତ୍ର ସଫଳ ଉପାୟ । କୋମଳ ରଖିବା ଏବଂ ଗୌରବର୍ଣ୍ଣର ଅଧିକାରୀ ହେବା ପାଇଁ ଫଳ ଏବଂ ପରିବା ଭଳି ପ୍ରାକୃତିକ ଉପାୟ ଗ୍ରହଣ ଅପରିହାର୍ଯ୍ୟ ।



ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର କ୍ରିମ୍ ବ୍ୟବହାର କରିବାର ଆବଶ୍ୟକତା ଆଉ ରହିବ ନାହିଁ । ଏକ ନୂତନ ଗବେଷଣାରୁ ଜଣାପଡିଛି ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହେବା ଲାଗି ଖାଦ୍ୟରେ ପ୍ରଚୁର ମାତ୍ରାରେ ଫଳ ଓ ପନିପରିବା ସାମିଲ କରିବା ହିଁ ଏକମାତ୍ର ସଫଳ ଉପାୟ । ପ୍ରାଇମେଟୋଲଜିର ଅନ୍ତରାଷ୍ଟ୍ରୀୟ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଏକ ଆନ୍ତର୍ଜାତିକ ଟିମ୍‌ର ଅଧ୍ୟୟନରୁ ଜଣପଡିଛି ଯେ ଦିନକୁ ଅତିକମ୍‌ରେ ପଞ୍ଚ ଥର ଫଳ ଏବଂ ପରିବା ଖାଦ୍ୟ ଭାବରେ ଗ୍ରହଣ କଲେ ତ୍ୱଚାର ଚମକ ବଢ଼ିଯିବ ଏବଂ ରଙ୍ଗ ମଧ୍ୟ ଉଜ୍ଜ୍ୱଳ ହୋଇ ଉଠିବ । ତେଣୁ ତ୍ୱଚାକୁ କେମଳ ରଖିବା ଏବଂ ଗୌରବର୍ଣ୍ଣର ଅଧିକାରୀ ହେବା ପାଇଁ ଫଳ ଏବଂ ପରିବା ଭଳି ପ୍ରାକୃତିକ ଉପାୟ ଗ୍ରହଣ ଅପରିହାର୍ଯ୍ୟ । ଏହା ମଧ୍ୟ ପାରିପାର୍ଶ୍ୱିକ ପ୍ରତିକ୍ରିୟା ବିହୀନ ।

ଏ ସମ୍ପର୍କରେ 'ଦି ଟେଲିଗ୍ରାଫ୍'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗବେଷଣା ଟିମ୍‌ର ମୁଖ୍ୟ ସେଣ୍ଟ ଆଣ୍ଡ୍ରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ୍ ପେରେଟ୍ କହନ୍ତି ଯେ, ସୁସ୍ଥ ଜୀବନ ଯାପନ ପାଇଁ କେତେକ ଖାଇବା ଯେତେ ଜରୁରୀ ନୁହେଁ କ'ଣ କ'ଣ ଖାଦ୍ୟ ଖାଇବା ଉଚିତ୍ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କମ୍ପ୍ୟୁଟରରେ ୫୧ଟି ଶରୀରର ତ୍ୱଚାକୁ ନେଇ କରାଯାଇଥିବା ଏହି ଗବେଷଣାରେ ୩୦ ଜଣ ପୁରୁଷ ଏବଂ ୨୧ ଜଣ ମହିଳାଙ୍କ ଶରୀର ସାମିଲ ଥିଲା । ଗବେଷକମାନେ ୫୪ ଜଣ ବ୍ୟକ୍ତିଙ୍କୁ ନିଜ ଚେହେରାରେ ଆସିଥିବା ପରିବର୍ତ୍ତନ ଲକ୍ଷ୍ୟ କରିବାକୁ କହିଥିଲେ । ସେମାନେ କମ୍ପ୍ୟୁଟର ଆଧାରିତ ସଫ୍ଟୱେର କାର୍ଯ୍ୟକ୍ରମରେ ନିଜ ଚେହେରାର ଆଭା ବୃଦ୍ଧି କରିବା ସହ ଗୌରବର୍ଣ୍ଣକୁ ପ୍ରାଥମିକତା ଦେଇଥିଲେ । ଗବେଷକମାନେ କହିବାନୁସାରେ ସେମାନେ ଯେଉଁ ବ୍ୟକ୍ତିମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଥିଲେ ସେମାନଙ୍କର ପସନ୍ଦ ଥିଲା କେବଳ ପ୍ରଚୁର ଫଳ ଏବଂ ପନିପରିବା ଖାଇବା ଦ୍ୱାରା ହାସଲ କରାଯାଇପାରିବ । ଏପରି ତ୍ୱଚାରେ ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା କରିବାର ଶକ୍ତି ମଧ୍ୟ ରହିଛି । ଗବେଷଣା ଟିମ୍‌ର ଅନ୍ୟତମ ରହସ୍ୟ ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟ ଡା.ଇଆନ୍ ଷ୍ଟିଫେନ୍ କହିବାନୁସାରେ ପୃଷ୍ଟିକର ଆହାର ଶରୀରକୁ ସମସ୍ତ ଦିଗରୁ ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ ।

# ମେହେନ୍ଦୀର ରଙ୍ଗ କରନ୍ତୁ ଗାଢ଼



ଚାଲିଛି ବାହାଘର ସିଜିନ । ବେଶି ଚାହିଦା ରହିଛି ମେହେନ୍ଦୀର । ବାହାଘର ବେଳେ ହାତରେ ମେହେନ୍ଦୀ ଲଗାଇବାର ମଜା ବି ଖୁବ ନିଆରା । ମେକଅପ ପଛେ ବେଶି ନହେଉ ହାତରେ ମେହନ୍ଦୀ ନିହାତି ଦରକାର । ତେବେ ଖାଲି ତ ହାତରେ ମେହେନ୍ଦୀ ଲଗାଇଦେଲେ ହେବନାହିଁ । ଏହାର ଯତ୍ନ ନେବା ମଧ୍ୟ ନିହାତି ଆବଶ୍ୟକ । ମେହେନ୍ଦୀର ରଙ୍ଗ ମଧ୍ୟ ସେତିକି ଗାଢ଼ା ହେବା ଦରକାର । ଯାହା ଫଳରେ ହାତ ଦେଖାଯିବ ଖୁବ ସୁନ୍ଦର । ତେବେ କିଭଳି କରିବେ ମେହେନ୍ଦୀର ରଙ୍ଗ ଗାଢ଼ା ଆସନ୍ତୁ ଜାଣିବା ।

- ମେହେନ୍ଦୀ ଲଗାଇବା ପରେ ଏହାକୁ ଶୁଖିବା ପାଇଁ କିଛି ସମୟ ଧୈର୍ଯ୍ୟ ରହିବା ନିହାତି ଦରକାର । ଅତି କମରେ ୫ରୁ ୬ ଘଣ୍ଟା ପର୍ଯ୍ୟନ୍ତ ମେହେନ୍ଦୀକୁ ହାତରେ ରଖିବାକୁ ଦିଅନ୍ତୁ । ଏହାଦ୍ୱାରା ମେହେନ୍ଦୀର ରଙ୍ଗ ଗାଢ଼ା ହେବ ।

୨- ଲେମ୍ବୁ ଓ ଚିନିର ମିଶ୍ରଣ ପ୍ରସ୍ତୁତକରି ମେହେନ୍ଦୀ ଉପରେ ଲଗାନ୍ତୁ । ଏହାଦ୍ୱାରା ମେହେନ୍ଦୀ ଶୀଘ୍ର ଶୁଖି ଝଡ଼ି ନଯାଇ ହାତରେ ବେଶି ସମୟ ପର୍ଯ୍ୟନ୍ତ ଲାଗିରହିଥାଏ । ଫଳରେ ଏହାର ରଙ୍ଗ ମଧ୍ୟ ଗାଢ଼ା ହୋଇଥାଏ ।

୩. ଗ୍ୟାସରେ ଏକ ତାୱା ବସାଇ ଗରମ କରନ୍ତୁ । ଏହାପରେ ଏଥିରେ କିଛି ଲବଙ୍ଗ ପକାନ୍ତୁ । ସେଥିରୁ ବାହାରୁଥିବା ଧୂଆଁର ଉପରେ ହାତ ରଖି ସେକ ନିଅନ୍ତୁ । ମେହେନ୍ଦୀର ରଙ୍ଗ ଗାଢ଼ ହେବ ।

- ମେହେନ୍ଦୀ ଛଡ଼ାଇବା ପାଇଁ ପାଣିର ବ୍ୟବହାର କରନ୍ତୁ ନାହିଁ । ଯଦି ସମ୍ଭବ ହେଉଛି ମେହନ୍ଦୀ ଲଗାଇବାର ୧୦ରୁ ୧୨ଘଣ୍ଟା ପର୍ଯ୍ୟନ୍ତ ହାତରେ ପାଣି ବାଜିବାକୁ ଦିଅନ୍ତୁ ନାହିଁ । ସାବୁନ ଠାରୁ ଯେତେ ସମ୍ଭବ ଦୂରେଇ ରୁହନ୍ତୁ । ମେହେନ୍ଦୀ ଛାଡ଼ି ସାରିବା ପରେ ହାତରେ ଟିକେ ସୋରିଷ ତେଲ ଲଗାଇ ରଖନ୍ତୁ ।

# କେଶ ରଖିବା ପରମ୍ପରା



ପ୍ରାଚୀନ କାଳରୁ ସ୍ତ୍ରୀମାନଙ୍କ ପାଇଁ ଲମ୍ବା କେଶ ରଖିବା ପରମ୍ପରା ପ୍ରଚଳିତ । ଆଜି ମଧ ବଡ଼ ସଂଖ୍ୟାରେ ମହିଳାମାନେ ଏହି ପରମ୍ପରାକୁ ପାଳନ କରୁଛନ୍ତି । ସାଧାରଣ ରୂପେ ବିଶ୍ୱାସ କରାଯାଏ ଯେ, କେବଳ ମହିଳାମାନେ ହିଁ ଲମ୍ବା କେଶ ରଖିବା ଉଚିତ କିନ୍ତୁ ପୁରାତନ ଯୁଗରେ ପୁରୁଷମାନେ ମଧ ଲମ୍ବା କେଶ ରଖୁଥିଲେ । ଲମ୍ବା କେଶ ରଖିବା ପଛରେ ଅନେକ ଧାର୍ମିକ କାରଣ ଥିବା ସହ ବୈଜ୍ଞାନିକ କାରଣ ମଧ ରହିଛି । ବିଶ୍ୱାସ କରାଯାଏଯେ, ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ମସ୍ତିଷ୍କ ଅଧିକ ସମ୍ବେଦନଶୀଳ ହୋଇଥାଏ । କେଶ ରଖିବା ଦ୍ୱାରା ମହିଳାଙ୍କ ମସ୍ତିଷ୍କ ନିୟନ୍ତ୍ରିତ ରହିଥାଏ । ମୁଣ୍ଡରେ ତିଆରି ଚୁଟି ତଥା କେଶକୁ ଶିଖା ମଧ କୁହାଯାଏ । ଶାସ୍ତ୍ର ଅନୁସାରେ ବିଶ୍ୱାସ କରାଯାଏ ଯେ, ଯେଉଁ ପ୍ରକାରେ ଅଗ୍ନି ବିନା ହୋମ ପୂର୍ଣ୍ଣ ହୁଏ ନାହିଁ, ସେହି ପ୍ରକାରେ କେଶ ତଥା ଶିଖା ବିନା କୌଣସି ଧାର୍ମିକ କାର୍ଯ୍ୟ ପୂର୍ଣ୍ଣ ହୁଏ ନାହିଁ । ପୁରୁଣା ସମୟରେ ଶିଖାକୁ ଜ୍ଞାନ ଏବଂ ବୃଦ୍ଧିର ପ୍ରତୀକ ବୋଲି ବିଶ୍ୱାସ କରାଯାଏ । ଏଥିସହିତ ଏହା ଏକ ସଂକେତ ମଧ । ଆଜିମଧ ଯଦି କୌଣସି ପୁରୁଷ ଶିଖାଧାରୀ ଥାଆନ୍ତି ତେବେ ତାଙ୍କୁ ଦେଖି ଲୋକଙ୍କୁ ଲାଗ ଯେ, ସେ ବେଦପାଠ ଏବଂ କର୍ମ-କାଣ୍ଡ ସମ୍ବନ୍ଧିତ ବ୍ୟକ୍ତି । ଏହା ଏକ ଅନିର୍ବାର୍ଯ୍ୟ ପରମ୍ପରା, ଏହା ଦ୍ୱାରା ବ୍ୟକ୍ତିଙ୍କ ବୁଦ୍ଧି ନିୟନ୍ତ୍ରିତ ହୁଏ । ମହିଳାଙ୍କ ମସ୍ତିଷ୍କ ଅଧିକ ସମ୍ବେଦନଶୀଳ ଥାଏ ବୋଲି ବଶ୍ୱାବସ କରାଯାଏ । ଏହି କାରଣ ଯୋଗୁଁ ପରିବେଶରେ ନକରାତ୍ମକ ଉର୍ଜାର ସିଧା ପ୍ରଭାବ ମହିଳାଙ୍କ ଉପରେ ଚୋଟି ତଥା କେଶ ଥିବା ଯୋଗୁଁ ନକରାତ୍ମକ ପରିବେଶରୁ ମସ୍ତିଷ୍କର ରକ୍ଷା ହୋଇଥାଏ । ଆମ ମସ୍ତିଷ୍କର ଦୁଇଟି ଭାଗ ଥାଏ । ଦୁଇ ଭାଗର ସିଧା ସ୍ଥାନ ଅର୍ଥାତ୍ ଯୋଡ଼ି ହେଉଥିବା ଅଂଶଟି ସର୍ବଦା ସମ୍ବେଦନଶୀଳ ଥାଏ । ଅଧିକ ଥଣ୍ଡା ତଥା ଗରମ ହେବା ଦ୍ୱାରା ଏହି ଭାଗକୁ ସୁରକ୍ଷିତ ରଖିବା ପାଇଁ କେଶରେ ଚୋଟି ତଥା ଶିଖା ବନାଯାଏ । ଯୋଗାଶାସ୍ତ୍ରରେ ଇଡା, ପିଙ୍ଗଳା ଏବଂ ସୁଷୁମ୍ନା ନାଡ଼ିର ଚର୍ଚ୍ଚା ରହିଛି । ସେଥିମଧରୁ ସୁଷୁମ୍ନା ଜ୍ଞାନ ଏବଂ କ୍ରିୟାଶୀଳତାର ନାଡ଼ି । ଏହା ମେରୁଦଣ୍ଡରୁ ହୋଇ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ । ଏହି ନାଡ଼ିର ମସ୍ତିଷ୍କ ସହ ମିଳନ ହେଉଥିବା ସ୍ଥାନରେ ଶିଖା ବନ୍ଧାଯାଏ । ଶିଖା ବାନ୍ଧିବା ଦ୍ୱାରା ମସ୍ତିଷ୍କର ଉର୍ଜା ତରଙ୍ଗର ରକ୍ଷା ହୁଏ ଏବଂ ଆତ୍ମଶକ୍ତି ବଢ଼ିଥାଏ ।

# ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଚାପ

ଚାପ ଯୋଗୁଁ ଆମର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ବୋଲି ମତବ୍ୟକ୍ତ କରିଛନ୍ତି ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ଇନଷ୍ଟିଚ୍ୟୁଟ୍ ଫର୍ ଇମ୍ୟୁନିଟି, ଟ୍ରାନ୍ସପ୍ଲାଣ୍ଟେଶନ ଆଣ୍ଡ ଇନଫେକଶନର ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଡା.ଫ୍ରିଡ୍ୟୁସ୍ ଡାବହାର । ଏପରି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେ ଚାପଗ୍ରସ୍ତ ରହୁଥିବା ବ୍ୟକ୍ତିମାନଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ଧାରଣ କରୁଥିବା କାଷ (ସେଲ୍)କୁ ପରୀକ୍ଷା ନିରୀକ୍ଷା କରିଥିଲେ । ଏହି ସମୟରେ ସେମାନଙ୍କ ମଧ୍ୟରୁ କେତେକଙ୍କ ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ବଢୁଥିବାର ଦେଖିବାକୁ ପାଇଥିଲେ ଡା.ଡାବହାର । ସେ କହିଛନ୍ତି ଯେ, ଚାପଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ଫଳରେ ତାହା ଶରୀରରେ ଇନ୍‌ଫେକଶନକୁ ପ୍ରତିହତ କରିବା ସହ ଘା'ରୁ ଆରୋଗ୍ୟ ଲାଭ କରିବାରେ ସାହାଯ୍ୟ କରିଥାଏ ।

# ମାସାଇ ମାରା ଜାତୀୟ ପାର୍କ



କେନିଆରେ ରହିଛି ମାସାଇ ମାରା ଜାତୀୟ ପାର୍କ । ଶିକାରୀଙ୍କ ଠାରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ୧୯୬୧ରେ ଏହା ଆରମ୍ଭ କରାଯାଇଥିଲା । କେନିଆକୁ ଯାଉଥିବା ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ହଉଛି ମାସାଇ ମାରା ପାର୍କ । ତାଞ୍ଜାନିଆର ସୀମାକୁ ଲାଗି ଦକ୍ଷିଣ ପଶ୍ଚିମ କେନିଆରେ ରହିଛି ଏହି ପାର୍କ । ମାରା ନଦୀ ପାର୍କ ନିକଟରେ ବହି ଯାଇଛି, ଯେଉଁଠି ବହୁ ସଂଖ୍ୟାରେ ଜଳହସ୍ତୀ ଏବଂ କୁମ୍ଭୀର ଦେଖାଯାଏ । ହଜାର ହଜାର ବନ୍ୟଜନ୍ତୁ ଏବଂ ଜେବ୍ରା ଅନ୍ୟ ପାର୍କରୁ ଏଠାକୁ ପ୍ରତିବର୍ଷ ସ୍ଥାନାନ୍ତରିତ ହୋଇଥାନ୍ତି । ସିଂହ, ଚିତା, କଲରାପତିଆ ବାଘ, ହେଟାବାଘ, ଜିରା, ଇମ୍ପାଲା, ଟୋପି ବବୁନ୍ସ, ୱାର୍ଥୋଗ୍ସ, ମଇଁଷି, ଜେବ୍ରା, ହାତୀ ଆଦି ବହୁ ସଂଖ୍ୟାରେ ବୁଲନ୍ତି । ଜୁଲାଇରୁ ଅକ୍ଟୋବର ଏଠାକୁ ବୁଲିଯିବାର ସବୁଠୁ ପ୍ରକୃଷ୍ଟ ସମୟ ।

# ଆଖିର ଯତ୍ନ ନିଅନ୍ତୁ



- କମ୍ପ୍ୟୁଟରରେ କାମ କରିବା ସମୟରେ ମନିଟର ଏବଂ ଆଖି ମଧ୍ୟରେ ପାଖାପାଖି ଦେଢ଼ରୁ ଦୁଇ ମିଟର ଦୂର ରହିବା ଆବଶ୍ୟକ ।

- କମ୍ପ୍ୟୁଟର ସ୍କ୍ରିନର ଉପରି ଭାଗ ଅଂଶର ଆଖିର ସ୍ତରଠାରୁ ଉପରେ ରହିବା ଉଚିତ୍ । ମନିଟରକୁ ଲଗାତର ଭାବେ ଚାହିଁ ରୁହନ୍ତୁନାହିଁ । ସମୟ ସମୟ ମଧ୍ୟରେ ଆଖି ପଲକ ପକାଇବା ଉଚିତ୍ ।

- ଯଦି ଆପଣ ଚଷମା ବ୍ୟବହାର କରୁଛନ୍ତି ତେବେ କମ୍ପ୍ୟୁଟର କିମ୍ବା ମୋବାଇଲ ବ୍ୟବହାର କରୁଥିବା ସମୟରେ ଏହାକୁ ପିନ୍ଧିବାକୁ ଜମା ଭୁଲନ୍ତୁ ନାହିଁ । ଏଥିସହ ସବୁବେଳେ ଚଷମାର ପାୱାର ଯାଂଚ କରିବାକୁ ମଧ୍ୟ ଭୁଲନ୍ତୁ ନାହିଁ ।

- ଆଖିରେ ଦିନକୁ ୧-୨ ଥର ଗୋଲାପ ଜଳ ପକାଇଲେ ଭଲ ।

- ଆଖିକୁ ବିଶ୍ରାମ ଦେବା ପାଇଁ ୨୦ ମିନିଟ କମ୍ପ୍ୟୁଟର ସ୍କ୍ରିନରେ ଫୋକସ ଏବଂ ଆଉ ୨୦ ମିନିଟ ବ୍ୟବହାରର ପ୍ରାକୃତିକ ପରିବେଶକୁ ଅନୁଭବ କରିବା ଦରକାର ।

- ଲଗାତର ଭାବେ ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର ପାଖରେ ବସି କାମ କରିବା ଉଚିତ ନୁହେଁ । ସମୟ ସମୟରେ ବାହାରକୁ ହେଉ କିମ୍ବା ଘର ଭିତରେ ଏଣେତେଣେ ବୁଲାବୁଲି କରିବା ଉଚିତ୍ ।

- ଅଧିକ ସମୟ ଧରି କମ୍ପ୍ୟୁଟର ପାଖରେ ବସୁଥିଲେ ମଝିରେ ମଝିରେ ଥଣ୍ଡା ପାଣିରେ ଆଖିକୁ ଭଲ ଭାବରେ ଧୋଇବା ଉଚିତ୍ ।

# ଟାଇପ-୨ ଡାଇବେଟିସ୍ ପାଇଁ ଉପକାରୀ ଯୋଗ



ନିୟମିତ ଯୋଗ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ । ଏହାଦ୍ୱାରା ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କର ସୁଗାର ପରିମାଣ ସନ୍ତୁଳିତ ରହିଥାଏ । କେବଳ ବ୍ୟାୟାମ ନୁହେଁ ଯୋଗ ଦ୍ୱାରା ରକ୍ତରେ ସୁଗାର ପରିମାଣ ଏତେ ସହଜରେ ବଢ଼ି ନଥାଏ ବୋଲି ସଦ୍ୟତମ ଗବେଷାରୁ ଜଣାପଡ଼ିଛି । ଟାଇପ-୨ ଡାଇବେଟିସ ଉପରେ ଯୋଗର କ'ଣ ପ୍ରଭାବ ପଡୁଛି ସେନେଇ ଆମେରିକୀୟ ଡାଇବେଟିସ୍ ବିଶେଷଜ୍ଞମାନେ ଅଧିକ ତଥ୍ୟ ଜାଣିବାକୁ ନିକଟରେ ଗବେଷଣା କରିଥିଲେ । କେତେକ ଟାଇପ୍-୨ ଡାଇବେଟିସ୍ ରୋଗୀକୁ ଏହାର ପରିସରଭୁକ୍ତ କରାଯାଇ ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା । ଗୋଟିଏ ଗ୍ରୁପକୁ ନିୟମିତ ବ୍ୟାୟାମ କରିବାକୁ ଏବଂ ଅନ୍ୟ ଗ୍ରୁପରେ ଥିବା ରୋଗୀଙ୍କୁ ଯୋଗ କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ କେବଳ ଯୋଗ କରିବା ଦ୍ୱାରା କେତେକ ଟାଇପ-୨ ଡାଇବେଟିସ ରୋଗୀଙ୍କର ସୁଗାର ପରିମାଣ କମୁଥିବାର ଲକ୍ଷ୍ୟ କରିଥିଲେ ବିଶେଷଜ୍ଞମାନେ । ହେଲେ ଯୋଗ କରିବା ସହ ରୋଗୀମାନେ ଖାଦ୍ୟପେୟ ପ୍ରତି ନଜର ଦେବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି ।

# ରହସ୍ୟମୟ ବୃକ୍ଷ

ରହସ୍ୟମୟ ଦୁନିଆରେ ଲୁଚି ରହିଛି ଅନେକ ରହସ୍ୟ ଯାହାର ଟେର ଆଜି ବି ଅଜଣା । ନିକଟରେ ଜାପାନରେ ଏମିତି ଏକ ଘଟଣା ସାମ୍ନାକୁ ଆସିଛି ଯାହା ରହସ୍ୟଘେରରେ ରହିଛି । ଜାପାନର ଓସାକା ନିକଟସ୍ଥ କାୟାଶିଆ ଷ୍ଟେସନରେ ଥିବା ଏକ ପୁରାତନ କର୍ପୂର ଗଛକୁ ଯେକେହିବି କାଟିବାକୁ ଚେଷ୍ଟାକଲା ତାର ମୃତ୍ୟୁ ସୁନିଶ୍ଚିତ ବୋଲି ଅନେକ ମତ ଦେଇଛନ୍ତି । ସ୍ଥାନୀୟ ଲୋକଙ୍କ କହବାନୁସାରେ ୧୯୧୦ ମସିହାରେ ତିଆରି ହୋଇଥିବା ଏହି ଷ୍ଟେସନକୁ ବିସ୍ତାର କରିଯିବା ଲାଗି ସରକାର ମଞ୍ଜୁରୀ ଦେବା ପରେ ଗଛ କଟାଯିବା ଜରୁରୀ ଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ଯିଏ କେହିବି ଏହାକୁ କାଟିବାକୁ ବା ସ୍ପର୍ଶ କଲା ସେ କିଛି ନା କିଛି ଦୁର୍ଘଟଣାର ବଶବର୍ତ୍ତୀ ହୋଇ ମୃତ୍ୟୁ ମୁଖରେ ପଡ଼ିଲା । ଏହି ବୃକ୍ଷରେ ମୂଳରୁ ଧୂଆଁ ବାହାରୁଥିବାର ମଧ୍ୟ ଲୋକମାନେ ଲକ୍ଷ୍ୟ କରିଛନ୍ତି । ସେମାନେ ଏହି ବୃକ୍ଷରେ ଦୈବୀଶକ୍ତି ଥିବା ଦାବିକରି ଏହାକୁ ନ କାଟିବାକୁ ଆନ୍ଦୋଳନ ମଧ୍ୟ କରିଥିଲେ । ଯାହା ଫଳରେ ଏହି ବୃକ୍ଷ ଆଜି ବି ଅକ୍ଷତ ଅବସ୍ଥାରେ ରହଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନ ପରବର୍ତ୍ତୀ ହିଂସା...

ପଶ୍ଚିମବଙ୍ଗରେ ରାଜନୀତିକ ହିଂସା ନିର୍ବାଚନର ଏକ ବିଶେଷତ୍ୱ ହୋଇ ଗଲାଣି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । କାରଣ ଏହି ରାଜ୍ୟରେ ନିକଟରେ ଶେଷ ହୋଇଥିବା ସ୍ଥାନୀୟ ସ୍ୱ-ଶାସନ ସଂସ୍ଥା ବା ପଞ୍ଚାୟତଗୁଡ଼ିକର ନିର୍ବାଚନ ଏହି ଧାରାରୁ ମୁକୁଳି ପାରିନାହିଁ- ଶନିବାର ଦିନ ଶେଷ ହୋଇଥିବା ଏହି ନିର୍ବାଚନଜନିତ ଗଣ୍ଡଗୋଳରେ ପ୍ରାୟ ୨୦ ଜଣ ଲୋକ ପ୍ରାଣ ହରାଇ ଥିବା ବେଳେ ଶତାଧିକ ଲୋକ ଆହତ ହୋଇଛନ୍ତି। ୨୦୧୮ ପଞ୍ଚାୟତ ନିର୍ବାଚନ ମଧ୍ୟ ଏହାଠୁ କିଛି ଭିନ୍ନ ନଥିଲା । ଏହି ନିର୍ବାଚନରେ ହିଂସାକାଣ୍ଡ ଓ ଗଣ୍ଡଗୋଳ ଶତାଧିକ ଲୋକଙ୍କ ଜୀବନ ନେଇଥିବା ବେଳେ ଅନେକ ସଂଖ୍ୟକ ଲୋକ ଆହତ ହୋଇଥିଲେ । ସେହିଭଳି ରାଜ୍ୟରେ ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ଏବଂ ପରେ ଘଟିଥିବା ହିଂସାକାଣ୍ଡ ଏବଂ ଗଣ୍ଡଗୋଳଗୁଡ଼ିକ ଥିଲା ଅଭୂତପୂର୍ବ । ଏହି ଗଣ୍ଡଗୋଳରେ ହତ୍ୟା ଏବଂ ମହିଳାମାନଙ୍କ ସହିତ ଦୁଷ୍କର୍ମ କରାଯାଇଥିବାର ଅଭିଯୋଗ ମଧ୍ୟ ସେତେବେଳେ ଉଠିଥିଲା, ଯାହା କେବଳ ସମ୍ପୃକ୍ତ ରାଜ୍ୟ ନୁହେଁ, ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟି ଥିଲା । ପୁନଶ୍ଚ, ଗଣ୍ଡଗୋଳ ଯୋଗୁଁ ଶହ ଶହ ବିଜେପି ଏବଂ ସିପିଆଇ (ଏମ୍) କର୍ମୀଙ୍କୁ ସେମାନଙ୍କ ନିଜ ନିଜର ଜୀବନ ବଞ୍ଚାଇବାକୁ ଘରଦ୍ୱାର ଛାଡ଼ି ପଳାଇବାକୁ ବାଧ କରିଥିବାର ଅଭିଯୋଗ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋଙ୍କୁ ଏହି ଘଟଣାର ଏକ ନିରପେକ୍ଷ ତଦନ୍ତ କରିବାକୁ ଆଦେଶ ଦେବା ନିମନ୍ତେ କୋଲକାତା ହାଇକୋର୍ଟଙ୍କୁ ବାଧ କରିଥିଲା । ସଦ୍ୟ ସମାପ୍ତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗଣ୍ଡଗୋଳ ଓ ହିଂସାକାଣ୍ଡ ଘଟିବାର ଆଶଙ୍କାରେ ସମସ୍ତ ପ୍ରକାରର ପ୍ରସ୍ତୁତି ସତ୍ତ୍ୱେ ଏହା ଘଟିବା ଏବଂ ଅନେକ ଲୋକଙ୍କୁ ମୃତାହତ କରିବା ଅବଶ୍ୟ ଏକ ଗଭୀର ଚିନ୍ତାର ବିଷୟ । ବସ୍ତୁତଃ, ଏସବୁ ହିଂସାକାଣ୍ଡ ନିର୍ବାଚନ ତାରିଖ ଘୋଷଣା ହେବା ପରେ ପରେ ହିଁ ଆରମ୍ଭ ହୋଇ ଯାଇଥିଲା ଏବଂ ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ଯାଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହେବା ସମ୍ପର୍କରେ ନିଶ୍ଚିତ କରାଇବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ କେନ୍ଦ୍ରୀୟ ସୁରକ୍ଷା ବଳଙ୍କୁ ମୁତୟନ କରିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହା ପରେ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କ୍ଷେତ୍ରରେ ରାଜ୍ୟ କମିଟିର ବିଫଳତାକୁ ଦେଖି କୋର୍ଟ ଏମିତିକି କେନ୍ଦ୍ରୀୟ ସୁରକ୍ଷା ବଳଙ୍କ ନିର୍ଦ୍ଦିଷ୍ଟ ସଂଖ୍ୟା ମଧ୍ୟ ଉଲ୍ଲେଖ କରିଥିଲେ। ଗଣ୍ଡଗୋଳ ଓ ହିଂସାକାଣ୍ଡ କେତେକ ଜିଲ୍ଲାରେ ଏତେ ବ୍ୟାପକ ଥିଲା ଯେ ସେସବୁରେ ଆଉ ଥରେ କମିଶନଙ୍କୁ ନିର୍ବାଚନ କରାଇବାକୁ ପଡ଼ିଲା । ରାଜ୍ୟରେ ହିଂସାକାଣ୍ଡ ଭିଆଇବା ଅଭିଯୋଗରୁ କୌଣସି ଗୋଟିଏ ଦଳକୁ ମଧ୍ୟ ବାଦ୍ ଦିଆଯାଇ ପାରିବ ନାହିଁ । ନିଃସନ୍ଦେହରେ ସାମ୍ପ୍ରତିକ ନିର୍ବାଚନୀ ହିଂସାରେ ରାଜ୍ୟର ଶାସନ କ୍ଷମତାରେ ଥିବା ତୃଣମୂଳ କଂଗ୍ରେସ ତା'ର ସର୍ବାଧିକ କର୍ମୀଙ୍କୁ ହରାଇଛି, ତେବେ ତା' ପଛକୁ ପଛ ରହିଛନ୍ତି ବିଜେପି, ସିପିଆଇ (ଏମ୍) ଏବଂ କଂଗ୍ରେସ । ସମ୍ପ୍ରତି ଏକ ତୃଣମୂଳ ସ୍ତରର ନିର୍ବାଚନରେ କାହିଁକି ଏତେ ସଂଖ୍ୟକ ଲୋକଙ୍କ ପ୍ରାଣ ଗଲା ଏବଂ ଏତେ ସଂଖ୍ୟକ ଲୋକ ଆହତ ବା ଗୁରୁତର ଆହତ ହେଲେ- ନିର୍ବାଚନରେ ଅଂଶଗ୍ରହଣ କରିଥିବା ସମସ୍ତ ଦଳ ରାଜ୍ୟବାସୀଙ୍କୁ ଏଇ ପ୍ରଶ୍ନର ଉତ୍ତର ପ୍ରଦାନ କରିବାକୁ ଉତ୍ତରଦାୟୀ କହିଲେ ଅତ୍ୟୁକ୍ତି ହେବନାହିଁ, କାରଣ ନିର୍ବାଚନ ହେଉଛି ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଏବଂ ଏଥିରେ ସବୁ ନାଗରିକ ଶାନ୍ତି ଶୃଙ୍ଖଳାର ସହିତ ନିର୍ଭୟରେ ଓ ଅବାଧରେ ମତଦାନ କରିବା ଉଚିତ। ରାଜ୍ୟରେ ଆଇନ୍ ଶୃଙ୍ଖଳା ରକ୍ଷା କରିବାରେ ରାଜ୍ୟ ସରକାରଙ୍କର ଅପାରଗତା ଅବଶ୍ୟ ବହୁବାର ସାମ୍ନାକୁ ଆସିଛି ଏବଂ ଏ ବିଷୟରେ ଜନସାଧାରଣ ଭଲ ଭାବରେ ଅବଗତ। ମନେହୁଏ, ରାଜ୍ୟ ସରକାର ଏବଂ ରାଜ୍ୟ ଗୃହ ବିଭାଗ ତୃଣମୂଳ ସ୍ତରର ଏହି ନିର୍ବାଚନ ପାଇଁ ପର୍ଯ୍ୟାପ୍ତ ପ୍ରସ୍ତୁତି କରି ନଥିଲେ, ଯାହାର ପରିଣତି ଆଜି ସର୍ବସମ୍ମୁଖରେ । ନିର୍ବାଚନରେ ଅଂଶଗ୍ରହଣ କରିବା ସମେତ ସମସ୍ତ ପ୍ରକାରର ରାଜନୀତିକ କାର୍ଯ୍ୟକଳାପର ହିଂସା ଏକ ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ବୋଲି ଲୋକମାନଙ୍କ ମନରେ ରହିଥିବା ଧାରଣା ଦୂର କରିବାରେ କେବଳ ଗୋଟିଏ ରାଜନୀତିକ ଦଳ ନୁହେଁ, ଏହି ରାଜ୍ୟରେ ପ୍ରାୟ ସବୁ ଦଳ ବିଫଳ ହୋଇଛନ୍ତି । ଯେତେବେଳେ କଂଗ୍ରେସ ଏବଂ ସିପିଆଇ (ଏମ୍) ଏହି ରାଜ୍ୟରେ ଶାସନ କ୍ଷମତାରେ ଥିଲେ, ସେ ସମୟରେ ସେମାନେ ରାଜ୍ୟବାସୀଙ୍କ ମନରେ ପ୍ରକୃତ ଗଣତନ୍ତ୍ର- ଯାହା ବସ୍ତୁତଃ ଏକ ଶାନ୍ତି ଶୃଙ୍ଖଳା ରକ୍ଷାକାରୀ କାର୍ଯ୍ୟ- ପାଇଁ କୌଣସି ପ୍ରକାରର ସ୍ଥାନର ବିସ୍ତାର କରିବା ପ୍ରତି ବିମୁଖ ରହିଥିଲେ, ଯାହା ପରବର୍ତ୍ତୀ ସମୟରେ ତୃଣମୂଳ କଂଗ୍ରେସ ଦ୍ୱାରା ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ଆଗେଇ ନିଆ ଯାଇଛି । ଏକଥା ସ୍ମରଣ ରଖିବା ଆବଶ୍ୟକ ଯେ ସମୟ ବିତି ଚାଲିବା ସହିତ ଭାରତ ସମସ୍ତ ସ୍ତରର ମତଦାନ କାର୍ଯ୍ୟକ୍ରମକୁ ଏକ ମୁକ୍ତ ଏବଂ ଅବାଧ ବ୍ୟାପାରରେ ପରିଣତ କରି ଚାଲିଛି । ଦେଶର ବିଭିନ୍ନ ଭାଗରେ ଅନୁଷ୍ଠିତ ପ୍ରତି ନିର୍ବାଚନରେ- ତାହା ଉଚ୍ଚ ସ୍ତରର ହେଉ କି ତୃଣମୂଳ ସ୍ତରର- ଅସାଧୁ ଉପାୟ ଅବଲମ୍ବନ କରାଯିବା କ୍ଷେତ୍ରରେ ଧୀରେ ଧୀରେ ହ୍ରାସ ଘଟି ଚାଲିଛି। ପରନ୍ତୁ, ପଶ୍ଚିମବଙ୍ଗ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ବୋଲି ନିଜକୁ ପ୍ରମାଣିତ କରି ଚାଲିଛି, ସମୟ ଅତିବାହିତ ହେବା ସହିତ ଅଧିକରୁ ଅଧିକ ନିର୍ବାଚନୀ ହିଂସାକୁ ପ୍ରତ୍ୟକ୍ଷ କରି ଏବଂ ପ୍ରଦର୍ଶିତ କରାଇ । କହିବା ବାହୁଲ୍ୟ, ବ୍ରିଟିଶ୍ ଶାସନ କାଳରେ ଏବଂ ସ୍ୱାଧୀନୋତ୍ତର ଭାରତବର୍ଷରେ ଗଣତାନ୍ତ୍ରିକ ପଦ୍ଧତିର ଶାସନରେ ଯେଉଁ ଲୋକମାନଙ୍କୁ ଦୁଃଖ, କଷ୍ଟ ଓ ଯନ୍ତ୍ରଣା ଭୋଗିବାକୁ ଦିଆଯାଉଛି, ସେମାନେ ପ୍ରକୃତରେ ଶାନ୍ତିରେ ଶାସିତ ହେବାର ହକଦାର, ଅଶାନ୍ତରେ ନୁହେଁ ।

# ତାଞ୍ଜାନିଆରେ ଜୟଶଙ୍କର



### ସୌମେନ୍ଦ୍ର ଜେନା

ଭାରତର ବିଦେଶମନ୍ତ୍ରୀ ଜୁନ ମାସରେ ଆଫ୍ରିକାର ଦୁଇଟି ଦେଶ ଗସ୍ତ କରିବା ପରେ ଚଳିତ ଜୁଲାଇ ମାସର ପ୍ରଥମ ସପ୍ତାହରେ ଚାରିଦିନିଆ ଗସ୍ତରେ ତାଞ୍ଜାନିଆକୁ ଯାଇ ୬ ଜୁଲାଇ ଦିନ ଜାଞ୍ଜିବର ଦ୍ୱୀପରେ ପହଞ୍ଚି କିଡୁଥାନିଠାରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପକୁ ଦେଖିଥିଲେ । ଏହି ପ୍ରକଳ୍ପ ପାଇଁ ସ୍ଥାନୀୟ ଅଧିବାସୀଙ୍କ ମନରେ ଭାରତ ପ୍ରତି ଅନେକ ଶ୍ରଦ୍ଧା ରହିଥିବା ସେ ଲକ୍ଷ୍ୟ କରିଥିଲେ । ସବୁ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜାଞ୍ଜିବର ଦ୍ୱୀପରୁ ତାଞ୍ଜାନିଆର ରାଜଧାନୀ ଦାରଏସ୍ ସଲାମକୁ ମଧ୍ୟ ଶ୍ରୀ ଜୟଶଙ୍କର ଗସ୍ତକରି ବିବିଧ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଦେଶମନ୍ତ୍ରୀ ଜୟଶଙ୍କର ରାଜଧାନୀ ଦାର୍ ଏସ୍ ସଲାମଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ । ଏହି ପ୍ରତିମୂର୍ତ୍ତିଟିକୁ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସ୍ଥାପନ କରାଯାଇଥିଲା । ୨୦୧୦ରୁ ଏହି ସଂଗଠନ ତାଞ୍ଜାନିଆରେ ଭାରତୀୟ ସଂସ୍କୃତିର ପ୍ରସାର ପାଇଁ କାର୍ଯ୍ୟ କରୁଛି । ଏହି ସଂଗଠନ ଭାରତରେ ମଧ୍ୟ ତାଞ୍ଜାନିଆ ସଂସ୍କୃତିର ପ୍ରସାର ପ୍ରଚାର କରିଆସୁଛି। ସ୍ୱାମୀ ବିବେକାନନ୍ଦ ପରାଧୀନ ଭାରତରେ ଭାରତୀୟ ସଂସ୍କୃତିର ବିଶ୍ୱବ୍ୟାପି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଥିଲେ । ସ୍ୱାମୀଜୀଙ୍କ ଶିକ୍ଷା ଯୁଗ ଯୁଗ ଧରି ବିଶ୍ୱବାସୀଙ୍କୁ ଅନୁପ୍ରେରିତ କରିବ ବୋଲି ସେ କହିଥିଲେ ।

ଜାଞ୍ଜିବର ଦ୍ୱୀପକୁ ଗସ୍ତ ସାରି ଦାର୍ ଏସ୍ ସଲାମଠାରେ ପହଞ୍ଚିଥିବା ଜୟଶଙ୍କର ତାଞ୍ଜାନିଆରେ କାର୍ଯ୍ୟରତ ଭାରତବଂଶୀ ଲୋକଙ୍କ ସମାବେଶରେ ଭାଷଣ ଦେଇଥିଲେ । ତାଞ୍ଜାନିଆରେ ପ୍ରାୟ ୫୫୦୦୦ ଭାରତୀୟ କାର୍ଯ୍ୟ କରୁଛନ୍ତି । ସ୍ଥାନୀୟ ଭାରତୀୟମାନଙ୍କ ସହ କଥା ହେବା ପରେ କିପରି ଆଇଟି (ଭାରତ ତାଞ୍ଜାନିଆ)ର ଗୁରୁତ୍ୱ ରହିଆସିଛି ତାହା ସେ ଉଲ୍ଲେଖ କରିଥିଲେ । ବିଶେଷକରି ପୂର୍ବ ଆଫ୍ରିକାର ଦେଶଗୁଡିକ ସହ ଭାରତର ସଂପର୍କ ବହୁ ପୁରୁଣା ବୋଲି ସେ କହିଥିଲେ । ଜାଞ୍ଜିବରଠାରେ ଭାରତ ସହାୟତାରେ ନିର୍ମିତ ହେଉଥିବା ପାନୀୟ ଜଳ ପ୍ରକଳ୍ପ ୮୦ଲକ୍ଷ ଲୋକଙ୍କ ପାଇଁ ସହାୟକ ହେବ ବୋଲି ସେ ଉଲ୍ଲେଖ କରିଥିଲେ । ଭାରତ ସରକାରଙ୍କର ବିଦେଶୀ ରାଷ୍ଟ୍ରଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାରା ଆଫ୍ରିକା ମହାଦେଶରୁ ତାଞ୍ଜାନିଆର ଅଂଶ ସର୍ବାଧିକ । ପ୍ରତିବର୍ଷ ଏକାକୀ ତାଞ୍ଜାନିଆ ୭୫୦ ସ୍ଲଟରେ ନିଜ ପ୍ରଶିକ୍ଷାର୍ଥୀଙ୍କୁ ଭରିଥାଏ ।

ଚୀନକୁ ଲକ୍ଷ୍ୟକରି ଜୟଶଙ୍କର କହିଥିଲେ ଯେ ଆଫ୍ରିକାରେ ଭାରତର ନୀତି ଅନ୍ୟମାନଙ୍କ ପରି ଶୋଷଣକାରୀ ଅର୍ଥନୀତି ଆଧାରିତ ନୁହେଁ । ଭାରତ ପାଇଁ ବନ୍ଧୁତା ଗୁରୁତ୍ୱପୂର୍ଣ୍ଣ । ଆଫ୍ରିକା ମହାଦେଶ ସହ ଭାରତର ବାଣିଜ୍ୟ ବାର୍ଷିକ ୯୫ ବିଲିଅନ ଡଲାର ରହିଛି। ଆଗାମୀ ଦିନରେ ଏହା ଖୁବ୍ ଶୀଘ୍ର ବୃଦ୍ଧିପାଇବ । କାରଣ ଭାରତର ଅର୍ଥନୀତି ଓ ବାଣିଜ୍ୟ ଏବେ ରପ୍ତାନୀ ଆଧାରିତ, ବହୁରାଷ୍ଟ୍ରରେ ପ୍ରସାରିତ ହେଉଥିବାରୁ ଆଗାମୀ ଦିନରେ ଭାରତୀୟ ଲୋକମାନଙ୍କର ଏସବୁ ରାଷ୍ଟ୍ରରେ ସକ୍ରୀୟ ଭାବେ କାର୍ଯ୍ୟକରିବାର ସଂଖ୍ୟା ମଧ୍ୟ ବୃଦ୍ଧିପାଇବ । ଆଫ୍ରିକାର ବଜାର ଏବେ ଅଧିକରୁ ଅଧିକ ଆବଶ୍ୟକ କରୁଥିଲା ବେଳେ ସେମାନଙ୍କ ଅଭାବକୁ ଦୂର କରି ଆବଶ୍ୟକତା ପୂରଣ କରିବା ଭାରତର ଲକ୍ଷ୍ୟ ହେବା ଉଚିତ୍ । ପ୍ରତିଯୋଗିତା ପ୍ରଧାନ ଅର୍ଥନୀତି ମଧ୍ୟରେ ଭାରତର ଲୋକେ ଏବଂ ଭାରତର ବ୍ୟବସାୟୀ ଯେତେ ଅଧିକ ବାହାରକୁ ଯିବେ ସେତେ ସେତେ ଅଧିକ ଆବଶ୍ୟକତା ପୂରଣ ହୋଇପାରିବ । ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଆଫ୍ରିକାର ରାଷ୍ଟ୍ରଗୁଡିକୁ ସାହାଯ୍ୟ କରିପାରିବ । ଯାନବାହନ ଶିଳ୍ପ କ୍ଷେତ୍ରରେ ମଧ୍ୟ ବହୁ ସମ୍ଭାବନା ରହିଛି । ଆଗାମୀ ଦିନରେ ମୁକ୍ତ ବାଣିଜ୍ୟ ବୁଝାମଣା ଆଫ୍ରିକୀୟ ସଂଘ ସହ ସଫଳ ହେଲେ ୫୪ ରାଷ୍ଟ୍ରରେ କାର୍ଯ୍ୟକରିବାର ସୁବିଧା ଭାରତର କମ୍ପାନୀ ଏବଂ ବାଣିଜ୍ୟିକ ଓ ବ୍ୟାବସାୟିକ ସଂସ୍ଥା ପାଇବେ । ସେଥିପାଇଁ ଆଇଆଇଟି ମାଡ୍ରାସର ଏକ ବିଦେଶଶାଖା ତାଞ୍ଜାନିଆରେ ଖୋଲିବା ପାଇଁ ଦୁଇ ରାଷ୍ଟ୍ର ମଧ୍ୟରେ ବୁଝାମଣା ହୋଇଛି,ଯାହା ଜାଞ୍ଜିବରରେ ସ୍ଥାପିତ ହେବ ।

ଭାରତର ଯୁଦ୍ଧପୋତ ଆଇଏନ୍ଏସ୍ ତ୍ରିଶୂଳରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାଞ୍ଜିବର ରାଷ୍ଟ୍ରପତି ହୁସେନ ଅଲି ମିନ୍ୱିଙ୍କ ସହ ଜୟଶଙ୍କର ବୁଝାମଣା ପତ୍ରରେ ସ୍ୱାକ୍ଷର କରିବା ସହ ଆଇଆଇଟି ମାଡ୍ରାସର ଜାଞ୍ଜିବର କ୍ୟାମ୍ପସର ସଫଳତା ନେଇ ଆଶାବ୍ୟକ୍ତ କରିଥିଲେ । ଭାରତର ଜଳଜୀବନ ମିଶନ କାର୍ଯ୍ୟକ୍ରମକୁ ବିଶ୍ୱର ଅନ୍ୟ ରାଷ୍ଟ୍ରରେ ପହଞ୍ଚାଇବା ଲାଗି ଭାରତ ଯେଉଁ ଲକ୍ଷ୍ୟ କରିଛି, ଯେଉଁ ବିଶ୍ୱାସ ନେଇ କାର୍ଯ୍ୟକରୁଛି, ତାଞ୍ଜାନିଆ ପ୍ରକଳ୍ପ ହେଉଛି ତାର ସ୍ପଷ୍ଟ ପ୍ରମାଣ । ଜାଞ୍ଜିବର ଦ୍ୱୀପର ଷ୍ଟୋନଟାଉନକୁ ଜୟଶଙ୍କର ଗସ୍ତକରିବା ସହ ସ୍ଥାନୀୟ ଆର୍ଯ୍ୟ ସମାଜ ଏବଂ ଶ୍ରୀ ଶିବଶକ୍ତି ମନ୍ଦିରକୁ ଯାଇଥିଲେ । ସେଠାରେ ଗୁଜୁରାଟୀ ସମାଜର ଲୋକଙ୍କୁ ସେ ସାକ୍ଷାତ କରିବା ସହ ଭାରତ -ଆଫ୍ରିକା ସହଯୋଗ କିପରି ସମୟ ଦ୍ୱାରା ପରୀକ୍ଷିତ ତାହା ଉଲ୍ଲେଖ କରିଥିଲେ ।

ଡକ୍ଟର ଜୟଶଙ୍କର ତାଞ୍ଜାନିଆର ରାଷ୍ଟ୍ରପତି ସମିଆ ହସନଙ୍କୁ ସାକ୍ଷାତ କରି ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଭାରତ-ତାଞ୍ଜାନିଆ ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ଆରମ୍ଭ ହୋଇଛି । ଯାହା ଆଗାମୀ ଦିନରେ ଉଭୟ ଦେଶକୁ ସହାୟକ ହେବ ବୋଲି କୁହାଯାଉଛି । ଚଳିତବର୍ଷ ୨୦୨୨-୨୩ରେ ଦ୍ୱିପାକ୍ଷିକ ବାଣିଜ୍ୟ ୬.୪ ବିଲିଅନ ଡଲାର ରହିଥିଲା । ତାଞ୍ଜାନିଆରେ କାର୍ଯ୍ୟରତ ଭାରତର ତିନୋଟି କେନ୍ଦ୍ରୀୟ ବ୍ୟାଙ୍କ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ କାନାରା ବ୍ୟାଙ୍କ ଦୁଇଦେଶର ମୁଦ୍ରା ଦେଣନେଣଜନିତ ସମସ୍ୟାର ସମାଧାନ କରିବାର କ୍ଷମତା ରଖିଥିବା କଥା ଜୟଶଙ୍କର ତାଞ୍ଜାନିଆର ଶିଳ୍ପପତିମାନଙ୍କ ନିକଟରେ ପ୍ରକାଶ କରିଥିଲେ । କାରଣ ଆଗାମୀ ଦିନରେ ତାଞ୍ଜାନିଆ ଅନେକ ବସ୍ତୁ ଭାରତକୁ ରପ୍ତାନୀର ସୁବିଧା ପାଇବ । ଭାରତ ପରି ଏକ ସର୍ବବୃହତ ଜନବହୁଳ ବଜାରକୁ ତାଞ୍ଜାନିଆ ରପ୍ତାନୀର ସୁବିଧାକୁ ଠିକଣା ଭାବରେ ଉପଯୋଗ କରିପାରିଲେ ଅନେକ ଲାଭ ଉଠାଯାଇପାରିବ ବୋଲି ଶ୍ରୀ ଜୟଶଙ୍କର ପ୍ରକାଶ କରିଥିଲେ ।

ତାଞ୍ଜାନିଆ ଏବେ ଏଲ୍ଏନ୍ଜି ରପ୍ତାନୀ ପାଇଁ ବଜାର ଖୋଜୁଥିଲା ବେଳେ ଭାରତ ସେଥିପାଇଁ ଉପଯୁକ୍ତ ହେବ ବୋଲି ବିଚାର କରୁଛି । ତାଞ୍ଜାନିଆରେ ଚାଲୁଥିବା ଭାରତର ପ୍ରକଳ୍ପଗୁଡିକର ସମୀକ୍ଷା ଏବଂ ବିକାଶମୁଖୀ କାର୍ଯ୍ୟର ନିରୀକ୍ଷଣ ପାଇଁ ଜୟଶଙ୍କର ତାଞ୍ଜାନିଆ ଗସ୍ତ କାଳରେ ଏହି ଦିଗରେ ପ୍ରୟାସ କରିଥିଲେ । ଦାର୍ଏସ୍ ସଲାମଠାରେ ଭାରତ ଦ୍ୱାରା ସ୍ଥାପିତ ପରମ ସୁପର କମ୍ପୁଟରର କାର୍ଯ୍ୟର ନିରୀକ୍ଷଣ ପାଇଁ ଜୟଶଙ୍କର ଏକ ଟେକ୍ନୋଲୋଜୀ ସେଣ୍ଟରକୁ ଗସ୍ତ କରିଥିଲେ । ଏହାଛଡା ତିନୋଟି ଶକ୍ତି ସଂସ୍ଥା ଇଣ୍ଡିନର, ସେଲ ଏବଂ ଏକ୍ସକନ ଗତ ମଇ ମାସରେ ଏଲ୍ଏନ୍ଜି (ତରଳୀକୃତ ପ୍ରାକୃତିକ ବାଷ୍ପ) ରପ୍ତାନୀ ନିମିତ୍ତ ଦେଶର ପୂର୍ବ ଉପକୂଳରେ ଟର୍ମିନାଲ ନିର୍ମାଣ ପାଇଁ ତାଞ୍ଜାନିଆ ସରକାରଙ୍କ ସହ ବୁଝାମଣା କରିଥିଲେ । ଭାରତ ଏହି ଗ୍ୟାସର ବଡ ଗ୍ରାହକ ହୋଇଥିବାରୁ ତାଞ୍ଜାନିଆ ଆଗାମୀ ଦିନରେ ଭାରତକୁ ନିଜ ଗ୍ୟାସ ରପ୍ତାନୀର ଲକ୍ଷ୍ୟ ରଖିଛି । ଏକଥା ସତ ଯେ ତାଞ୍ଜାନିଆର ଉପକୂଳରେ ଗ୍ୟାସ ଭଣ୍ଡାରକୁ ଖୋଜି ବାହାର କରିବାରେ ଭାରତ ଗତ ୫୦ବର୍ଷ ହେଲା ସାହାଯ୍ୟ କରିଆସିଛି। ଏହି ଗ୍ୟାସର ବିକ୍ରିଜନିତ ଲାଭରୁ ତାଞ୍ଜାନିଆ ଆଗାମୀ ଦିନରେ ଦେଶର ୭୦ଭାଗ ଅନ୍ଧକାର ଅଞ୍ଚଳରେ ବିଦ୍ୟୁତର ପ୍ରସାର କରିବାକୁ ଲକ୍ଷ୍ୟ ରଖିଛି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଆତ୍ମହତ୍ୟା ଏକ ଦୁର୍ବଳ ମାନସିକତା

### ଦିପ୍ତିମୟୀ ନାୟକ

ପ୍ରତ୍ୟେକ ଦିନ ଟିଭି, ଖବର କାଗଜ ଖୋଲି ଦେଖିଲା ବେଳକୁ ଆତ୍ମହତ୍ୟା ଖବର ବେସି ପ୍ରସାରଣ ହୋଇଥାଏ । ଯାହାକୁ ଦେଖିଲେ ବହୁତ ଦୁଃଖ ବି ଲାଗେ ଆଉ ମନେ ମନେ କହୁଥାଏ ଆତ୍ମହତ୍ୟା କରିବା ଶେଷ ନିଷ୍ପତି ନୁହେଁ କିନ୍ତୁ କାହିଁକି ଆଜିର ଏ ଯୁବପିଢ଼ି ଆତ୍ମହତ୍ୟାକୁ ଶେଷ ନିଷ୍ପତି ବୋଲି ଭାବିକି ନିଜ ଜୀବନ ହାରି ଦେଉଛନ୍ତି । କାହିଁକି ଏମାନେ ନିଜକୁ ନିଜେ ହତ୍ୟା କରୁଛନ୍ତି । ଯଦି କୌଣସି ବ୍ୟକ୍ତି ମାନସିକ ଚିନ୍ତାରେ ରହୁଛନ୍ତି ତେବେ ନିଜ ପରିବାରକୁ ସେମାନଙ୍କ ଚିନ୍ତାର କାରଣ କୁହନ୍ତୁ ନଚେତ ନିଜ ସାଙ୍ଗ ମାନଙ୍କୁ ଆପଣଙ୍କ ସମସ୍ୟା ଜଣାନ୍ତୁ ହୁଏତ କିଛି ସମାଧାନର ବାଟ ମିଳିଯିବ କିନ୍ତୁ ଏମିତି ନିଜକୁ ନିଜେ ହତ୍ୟା କେବେ କରନ୍ତୁନି ।

ବିଭିନ୍ନ ଦେଶରେ ଲୋକମାନେ ଭିନ୍ନ ଭିନ୍ନ ପ୍ରକାରର ଆତ୍ମହତ୍ୟା କରୁଥିବାର ଆମେମାନେ ଅନେକ ସମୟରେ ଶୁଣିଥାଉ । କିନ୍ତୁ ସେମାନେ ଯେଉଁ ସବୁ ଉପାୟରେ ନିଜକୁ ନିଜେ ହତ୍ୟା କରୁଛନ୍ତି ତାହା ତାଙ୍କର ଭୁଲ ନିଷ୍ପତି । କେହି କେବେ ଏଭଳି ନିଷ୍ପତି ନିଅନ୍ତୁ ନାହିଁ ।

ପ୍ରତି ବର୍ଷ ୮୦୦,୦୦୦ ରୁ ଏକ ନିୟୁତ ଲୋକ ଆତ୍ମହତ୍ୟା କରିଥାନ୍ତି । ପୁରୁଷ ମାନଙ୍କର ଆତ୍ମହତ୍ୟା ସଂଖ୍ୟା ମହିଳାଙ୍କ ଅପେକ୍ଷା ୩ରୁ୪ ଗୁଣ ଅଧିକ ଥାଏ । ବିଶ୍ୱବ୍ୟାପୀ ଘଟୁଥିବା ଆତ୍ମହତ୍ୟାର ୩୭% ପୁରୁଷ କେବଳ ଭାରତୀୟ ଏବଂ ୨୪% ମହିଳା ଏଭଳି ଚରମ ନିଷ୍ପତି ନେଇଥାନ୍ତି । ୧୫ରୁ୩୯ ବର୍ଷ ବୟସ୍କଙ୍କ ଆତ୍ମହତ୍ୟାରେ ଭାରତ ତୃତୀୟ ସ୍ଥାନରେ ଅଛି । ତେବେ ଏଭଳି ଭୁଲ ନିଷ୍ପତି ନେଉଥିବା ଲୋକଙ୍କର ତ ଆମେ କିଛି କରିପାରିବାନି କାରଣ ଏମାନେ ଏମାନଙ୍କ ଭୁଲ ନିଷ୍ପତି ପାଇଁ ନିଜ ଜୀବନକୁ ହାରି ଦିଅନ୍ତି ଏବଂ ନିଜ ଭିତରେ ଥିବା ନିଜ ସମସ୍ୟା ନିଜେ ଲୁଚେଇ ରଖନ୍ତି । ଯଦି ଏମାନେ ଏମାନଙ୍କ ସମସ୍ୟା ଅନ୍ୟ ଆଗରେ ପ୍ରକାଶ କରନ୍ତେ ହୁଏତ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରନ୍ତା ଏବଂ ଅନ୍ୟପକ୍ଷରେ ଦେଖିବାକୁ ଗଲେ କିଛି ଲୋକ ତାଙ୍କ ସମସ୍ୟାକୁ ଲୋକ ଲଜ୍ୟାକୁ ଡରି କାହା ଆଗରେ ପ୍ରକାଶ କରନ୍ତି ନାହିଁ । ଏବଂ ନିଜ ଜୀବନ ହାରି ଦିଅନ୍ତି । ଗୋଟେ କଥା ଭାବନ୍ତୁ ଲୋକଙ୍କଠାରୁ ଆପଣ କଣ ପାଇବେ ଲୋକ ପାଟି ପାଇଛନ୍ତି ମାନେ କହିବେ କିନ୍ତୁ ଲୋକଙ୍କ କଥାକୁ ଧ୍ୟାନ ନ ଦେଇ ନିଜ ପରିବାର ଆଗରେ ନିଜ ସମସ୍ୟା କଥା କୁହନ୍ତୁ ହୁଏତ ସମସ୍ୟାର ସମାଧାନ ହୋଇପାରିବ । କିନ୍ତୁ ଏମିତି ଜୀବନର ଶେଷ ନିଷ୍ପତି ଆତ୍ମହତ୍ୟା ବୋଲି ଭାବିବାବି ଭୁଲ । ଜୀବନ ମାନେ ଯନ୍ତ୍ରଣା । ଏଠି ଯିଏ ଯେତେ ଦିନ ବଞ୍ଚିଛି ସେ ନିଜ ଯନ୍ତ୍ରଣାକୁ ଲୁଚେଇ ହସିବା ଶିଖିଛି କାରଣ ଏଇତ ଜୀବନ ।

ଆତ୍ମହତ୍ୟା କରିବାର ମୁଖ୍ୟ କାରଣ ଗୁଡିକୁ ଯଦି ଆମେ ଅନୁଧ୍ୟାନ କରିବା ତେବେ ଏହାର ମୁଖ୍ୟ କାରଣ ଗୁଡିକ ହେବ ପାରିବାରିକ ଅଶାନ୍ତି, ଚାକିରୀ ସମସ୍ୟା, ପ୍ରେମରେ ବିଫଳ, ରୋଗରୁ ମୁକ୍ତି ନ ପାଇଲେ, ମାନସିକ ଅବସ୍ଥା ଠିକ ନରହିଲେ । ତେବେ ଆଜିର ଦିନରେ ଯାହାକୁ ରୋଗ ହେଉଛି ସେ ତା ମନୋବଳ ଦୃଢ ରଖିଛି । ଆଉ ଯିଏ ମାନସିକ ଅଶାନ୍ତିରେ ରହିଛି ସେ ନିଜ ମାନସିକ ଶାନ୍ତି ଖୋଜୁଛି ଏବଂ ପ୍ରତ୍ୟେକ ସମୟରେ ନିଜେ ନଜକୁ ଖୁସି ରଖିବା ସହ ଅନ୍ୟକୁ ଖୁସି ବାଣ୍ଟୁଛି । ଆଉ ଯିଏ ଚାକିରୀ ପାଉନି ସେ ନିଶ୍ଚିନ୍ତ ଭାବରେ ଭଲ ଚାକିରୀ କରିବ ବୋଲି ନିଜ ଲକ୍ଷ୍ୟସ୍ଥଳ ଖୋଜୁଛି ।ଆଉ ମନ ଯଦି ଅଶାନ୍ତି ରହୁଛି ସେ ନିଜେ ନିଜ ବ୍ୟସ୍ତତା ଭିତରେ ମନକୁ ମନ ସାନ୍ତ୍ୱନା ଦେଉଛି । କିନ୍ତୁ ଏ ପ୍ରେମରେ ଯେଉଁ ବିଫଳ ହୋଇ ଆଜିର ଯେଉଁ ଯୁବପିଢ଼ି ଆତ୍ମହତ୍ୟା କରୁଛନ୍ତି ତାର କାରଣ ହେଲା ଆଜିର ଯୁବପିଢ଼ି ପ୍ରେମକୁ ନେଇ ଭାରି ସିରିଏସ୍, ଏମାନେ ନିଜ ପ୍ରେମକୁ ନ ପାଇଲେ ଜୀବନ ହରିବାକୁ ବି ପଛେଇବେ ନାହିଁ । ଅନେକ ସମୟରେ ତ ଏମାନେ ଏତେ ହିଂସ୍ର ହୋଇଯାଆନ୍ତି ଯେ ଏମାନଙ୍କୁ ଏମାନଙ୍କ ପ୍ରେମିକା ଯଦି ଏମାନଙ୍କ ଠାରୁ ଦୂରେଇ ଯିବାକୁ କୁହେ ଏମାନେ ଅତି ନୃଶଂସ ଭାବରେ ନିଜ ପ୍ରେମକୁ ପାଇବା ପାଇଁ ହାତ କାଟି ବିରାଟ ବଡ଼ ଡ୍ରାମା କ୍ରିଏଟ କରନ୍ତି । ଯେମିତି ଏ ଦୁନିଆ ଏମାନଙ୍କ ଠାରୁ ଶିଖୁ ପ୍ରେମ କଣ ଆଉ ପ୍ରେମ କେମିତି କୁହାଯାଏ। ଏମାନଙ୍କ ମତରେ ଯିଏ ହାତ କାଟିଦିଏ ସେମାନେ ହିଁ ସର୍ଚ୍ଚା ପ୍ରେମିକ। କିନ୍ତୁ ଲାଭ କଣ ଆଜି ଯିଏ ହାତ କାଟିଦେଉଛ କାଲିକୁ ସେ ନିଜ ବେକ କିମ୍ବା ତୁମ ବେକ କାଟିବାକୁ କେତେ ସମୟ ଲାଗିବ । ତେବେ ଆଉ ଗୋଟେ କଥା କହିବି ଏ ଯେଉଁ ପ୍ରେମରେ ବିଫଳ ହୋଇ ଆଜିର ଯୁବପିଢ଼ି ନିଜ ଜୀବନ ହାରୁଛନ୍ତି ସେମାନେ ପ୍ରେମ କରିବା ପୂର୍ବରୁ ଜାଣିବା କଥା ପ୍ରେମରେ ଜୀବନ ହାରିଦେଲେ କାହାର କିଛି କ୍ଷତି ହେବନି କି ତମ ପ୍ରେମିକା ତମ ମଲା ପରେ ତମ ଶବ ପାଖକୁ ଧାଇଁ ଆସିବନି ଓଲଟା ସେ ଆଉ କେଉଁଠି ବାହା ହୋଇ ଖୁସିରେ ଘର ସଂସାର କରିବ ଆଉ ଯଦିବି ତମ ପାଇଁ କିଏ କାନ୍ଦେ ସେ ହେଉଛନ୍ତି ତମ ବାପା-ମା, ତମ ଭାଇ-ଭଉଣୀ, ସାହିପାଡିଶା ଅଳ୍ପ ଦିନ କାନ୍ଦିବେ କିନ୍ତୁ ବାପା-ମା ସବୁବେଳେ କାନ୍ଦିବେ ଆଉ ନା ନା କଥା ମଧ୍ୟ ଶୁଣିବେ । ଏମିତି ଦୁଃଖ କୌଣସି ପୁଅ କାହା ମା-ବାପାଙ୍କୁ ଦିଅନ୍ତୁନି ।

ତେବେ ଅନ୍ୟଲୋକମାନେ ମଧ୍ୟ ଯିଏ ଜାଣୁଛ ଯେ ତମର କେହି ସାଙ୍ଗ କି ସାଥି ଏହି ପ୍ରେମରେ ବିଫଳ ହୋଇଛନ୍ତି ତେବେ ସେମାନଙ୍କୁ ସାନ୍ତ୍ୱନା ଦିଅ । ସେମାନଙ୍କ ମନୋବଳ ଦୃଢ କରାଅ । ଏହାଦ୍ୱାରା ଆମେମାନେ କିଛିଟା ଭଲ କାମ କରିପାରିବା ଏବଂ ଦିନକୁ ଦିନ ଯେଉଁ ଯୁବପିଢ଼ିଙ୍କ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ତାହା କିଛି ମାତ୍ରାରେ କମ ହୋଇପାରିବ । ଏବଂ ଆଜିର ଯୁବପିଢ଼ି ବହୁତ ବୁଦ୍ଧିମାନ ଏମିତି ସାମାନ୍ୟ କଥାରେ ନିଜ ଜୀବନକୁ ତୁଚ୍ଛ କରନ୍ତୁ ନାହିଁ । ନିଜ ଜୀବନରେ ବିନ୍ଦାସ ରୁହନ୍ତୁ ଯେମିତି ମୃତ୍ୟୁ ବି ଭୟ କରିବ । ହଁ ପ୍ରେମ ହୁଏ କିନ୍ତୁ ପ୍ରେମ ପାଇଁ କିଏ ଜୀବନ ଦିଏ । ଯଦି ତମେ ପ୍ରେମରେ ବିଫଳ ହେଉଛ ତେବେ ତମେ କାହିଁକି ଏତେ ଚିନ୍ତାରେ ରହୁଛ କାରଣ ଗୋଟେ କଥା ମନେ ରଖନ୍ତୁ ସବୁ ପ୍ରେମ ସବୁବେଳେ ସଫଳ ହୁଏନି କିଛି ପ୍ରେମ ସଫଳ ହୁଏ ତ ଆଉ କିଛି ପ୍ରେମ ବିଫଳ । ତା ବୋଲି ନୁହେଁ ଯେ, ପ୍ରେମରେ ବିଫଳ ହେଲେ ନିଜେ ଭାଙ୍ଗିପଡ଼ି ନିଜ ଜୀବନ ହାରିଦେବ । ଜୀବନରେ ଏମିତି କିଛି କର ଯାହା ଲୋକ ଶୁଣିଲେ ବିଶ୍ୱାସ କରିବେ ନାହିଁ କହିବାର ଅର୍ଥ ହେଲା ଜୀବନରେ ଭଲ କାମ କର ନିଜ କ୍ୟାରିଅର ପ୍ରତି ଧ୍ୟାନ ଦିଅ । ନିଜ ପରିବାରକୁ ସମୟ ଦିଅ ଆଉ ନିଜ ସୁଖରେ ଦୁଃଖରେ ନିଜ ବନ୍ଧୁ ମାନଙ୍କ ପାଖରେ ଥାଅ ଦେଖିବ ଏ ମାନସିକ ଦୃଶ୍ଚିନ୍ତା ତମଠାରୁ ଦୂରେଇ ଯିବ ଆଉ ତୁମେ ସଫଳତାର ଶୀର୍ଷରେ ପଂହଁଚି ଯିବ । ପ୍ରେମରେ ବିଫଳ ହୋଇ ଜୀବନ ଦେଲେ ଲୋକେ କହିବେ ପାଗଳ କିନ୍ତୁ କ୍ୟାରିଅର ପ୍ରତି ଧ୍ୟାନ ଦେଲେ ନିଜ ପରିବାର ସହ ବାହାର ଲୋକମାନେ ମଧ୍ୟ ତୁମର ପ୍ରଶଂସା କରିବେ । କାରଣ ଏ ଦୁନିଆ ପଦବୀ ଦେଖି ପଛରେ ଗୋଡ଼ାଏ ଆଉ ବିନା ପଦବୀରେ କେଉଁ ଲୋକଙ୍କ କଥା ଲୋକଙ୍କ ପାଖରେ ଗୁରୁତ୍ୱ ନଥାଏ । ତେବେ ନିଜକୁ ଏତେ ଅଶାନ୍ତି ଘେରରେ ନ ରଖି ନିଜେ ଶାନ୍ତିରେ ରୁହ । ଏବଂ ଆତ୍ମହତ୍ୟା ଭଳି ଭୁଲ ନିଷ୍ପତିକୁ ଭୁଲିଯାଅ ।


ଯୁବ ସାମ୍ବାଦିକା

ମୋ: ୯୦୯୦୬୬୧୫୮୬





## ମିଥ୍ୟା ପ୍ରଳାପ

### ଦୀପକ କୁମାର ନାଏକ



ସଚିବଙ୍କ ଗସ୍ତ ନେଇକି ବିରୋଧୀ
ମିଛ ଗର୍ଜନ ଯେ କରନ୍ତି
ଏ କଥା ଆଉ କେହି ନୁହେଁ ଭାଇ
ରାଜ୍ୟବାସୀ ସବୁ ଜାଣନ୍ତି !!
ମିଛରେ କୁହନ୍ତି ସଚିବ କେମିତି
ସୀମା କରୁଛନ୍ତି ଉଲଂଘନ
କେନ୍ଦ୍ର ଚିଠି ଦେଇ ନିରବ ବସିକି
ପାଲା ଦେଖେ ନିତିଦିନ !!
ବିରୋଧୀ କେବଳ
ଲୋକଦେଖାଣିଆ
ବିରୋଧ କରେ ସଚିବଙ୍କୁ
କିନ୍ତୁ ଭିତରେ ଭିତରେ ଲୁଚା ଛପାରେ
ପ୍ରେମ କରୁଛି ଯେ ତାହାଙ୍କୁ !!
ଜନସାଧାରଣ ସବୁ ଜାଣି ସାରିଲେଣି
ବିରୋଧୀ ଙ୍କ କାର୍ଯ୍ୟକଳାପ
ଧର୍ମ କୁ ଆଖିଠାର ମାରିବା ଭଳିଆ
କରୁଛନ୍ତି ମିଥ୍ୟା ପ୍ରଳାପ !!
ସଚେତନ ଥାଅ ରାଜ୍ୟବାସୀ ମୋର
ମନେ ରଖି ସବୁ କଥା
ନିର୍ବାଚନ ବେଳେ ଏମିତି ଶିକ୍ଷା ଦିଅ
ନୀତି ଘୁରୁଥିବ ତାଙ୍କ ମଥା
ନୀତି ଘୁରୁଥିବ ତାଙ୍କ ମଥା !!


ଯୁବ ସାମ୍ବାଦିକ

ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍ -ହିନ୍ଦୋଳ

ଜିଲ୍ଲା-ଢେଙ୍କାନାଳ, ପିନ୍ - ୭୫୯୦୨୧

ମୋ: ୮୬୩୭୨୬୧୮୨୮


## ଆସିଲା ବରଷା ଋତୁ

### ରମେଶ ଚନ୍ଦ୍ର ନାୟକ



ଆସିଗଲା ଏବେ ବରଷା ଋତୁ
ପୁଲକିତ ହେଲା ଧରା
ନବ କିଶଳୟେ ବୃକ୍ଷରାଜି ଶୋଭେ
ହଟିଲା ଆକାଶୁ ଖରା ।
ବରଷଇ ମେଘ ଟୁପୁରୁ ଟାପୁରୁ
ବିଜୁଳି ସାଥିରେ ରହି
ଘଡ ଘଡି ନାଦେ ବାଦଲ ଫଟାଇ
ଅବିରତ ଝରୁ ଥାଇ ।
ବେଙ୍ଗ ରଡି ଶୁଭେ କୁଟୁରୁ କାଟର
ଆନନ୍ଦେ ନାଚେ ମୟୂର
ତା' ପୁଚ୍ଛର ଶୋଭା ବଡ଼ ମନୋହର
ସଭିଙ୍କର ସେ ଆଦର ।
ନଦୀ ନାଳ ବିଲ ପୋଖରୀ ପୁରିଲା
ଜଳ ଉସ୍ତ ଗଲା ଭରି
ଜୀବ ବୃକ୍ଷ ଲତା ଜୀବନ ପାଇଲେ
ଗ୍ରୀଷ୍ମେ ଯାଇଥିଲେ ମରି ।
ଚାଷୀ ଭାଇ ମନ ହରଷ ହୁଅଇ
ଦେଖି ବରଷାର ବାରି
ସଅଳ ସଅଳେ କ୍ଷେତ ବାଡି କାମ
ସାରିବ ନକରି ଡେରି ।
ଯୋଗାଇବ ଦାନା ସାରା ଜଗତକୁ
ମୁଣ୍ଡ ଝାଳ ତୁଣ୍ଡେ ମାରି
କିଏସେ ବା'ବୁଝେ ତା'ଦୁଃଖ ଯନ୍ତ୍ରଣା
ସବୁ ଦିଅନ୍ତି ପାସୋରି ।
ରଜ ମଉଜକୁ ରଥ ଯାତରାରେ
ଆନନ୍ଦ ଦିଅଇ ଭରି
ଅବତାରି ପ୍ରଭୁ ନେଲେ ଅବତାର
ବର୍ଷା ଯାଏ ଅପସରି ।
ଜଳ ବିନା ଅଟେ ଜୀବନ ସେ ହାନୀ
ଅତି ଜଳ ଭୟଙ୍କର
ସବୁ କ୍ଷେତ୍ରେ ଅତି ଆଣଇ ଦୁର୍ଗତି
ନାଶଇ ସାରା ସଂସାର ।
ଦୁଃଖ ପରେ ସୁଖ କାନ୍ଦ ପରେ ହସ
ଏହା ଅଟେ ନିରନ୍ତର
ଖରା ଆଣେ ବର୍ଷା ସଭିଙ୍କ ଭରଷା
ବରଷା ଋତୁ ଯେ ସାର ।
ସବୁ ଋତୁ ଠାରୁ ଏ ବରଷା ଋତୁ
ଅଟଇ ମଙ୍ଗଳକାରୀ
ସୁଖେ ପାଳେ ପ୍ରଜା ଉଡ଼ାଇ ତା'ଧ୍ୱଜା
ବରଷି ମଧୁର ବାରି ।


କେଶରପୁର, ବକ୍ସି ବଜାର, କଟକ

ମୋ: ୭୯୭୮୧୫୧୭୧୦


## ମଉସିନରାମରେ ବର୍ଷା

### ନୀଳମଣି ଚାନ୍ଦ



ମଉସିନରାମ,
ସେଇଠି ଖୁବ୍ ବର୍ଷା ହୁଏ
ଚେରାପୁଞ୍ଜିଠୁ ବି ବେଶି
ଆସ୍ଥା, ଭରସା ଓ
ବିଶ୍ୱାସ ଥାଏ ବୋଲି ତ
ସେ ଜାଗା ଛାଡ଼ିବାର
ନାଆଁ ଧରେନି ବର୍ଷା
ଏ କଥା ସଇସୁନା ପରି ସତ
ଖାଣ୍ଟି ଚବିଶ କ୍ୟାରଟ।
ବୃଷ୍ଟିପାତରେ
ବେଶୀ ମାର୍କ ରଖିବାର ତା ଆନନ୍ଦ
ସମସ୍ତଙ୍କୁ ଚମକୃତ କଲା
ସବୁ ପୂର୍ବ ରେକର୍ଡକୁ ପଛରେ ରଖି
ଇତିହାସ ସୃଷ୍ଟି କଲା ସେ।
ମୋ ପଡୋଶୀର ଖୁବ୍ ଦୁଃଖ
ଆଖିଲୁହର ବର୍ଷା
ହେଉଥାଏ ବାରମାସ
ଲାଗେ ମଉସିନରାମ
ପୂର୍ବ ଖାସି ହିଲସ୍,
ମେଘାଳୟର ଠିକଣାଠୁଁ
ମୋ ପଡୋଶୀ ବାସସ୍ଥାନର
ବର୍ଷାର ରେକର୍ଡ୍
ସର୍ବାଧିକ, ଯେ ଆଉ ଏକ
ମଉସିନରାମ।


ଭୁବନେଶ୍ୱର

ମୋ:୯୫୮୩୨୦୨୩୫୭


## ଧର୍ମର ହେଉ ଜୟ

### ଲୋକନାଥ ମହାପାତ୍ର

ହେ ପରମେଶ୍ୱର !
ତୁମେ ପରା ଦୟାର ସାଗର
ଶୁଣିପାରୁନ କେମନ୍ତ ଦୀନଦୁଃଖିଙ୍କ ଚିତ୍କାର
ତୁମେ ପରା ବୋଲାଅ କୃପାସିନ୍ଧୁ

ଦେଖିପାରୁଛ କେମନ୍ତ ଦୀନଦୁଃଖିଙ୍କ ଅଶ୍ରୁ ବିନ୍ଦୁ
ତୁମେ ପରା ପ୍ରଭୁ ଦୀନବାନ୍ଧବ
କେମିତି ସହିପାରୁଛ ଦେଖି ଦୀନଦୁଖିଙ୍କ ଅଭାବ
କିଏ କହନ୍ତି ପ୍ରଭୁ ତୁମ୍ଭଙ୍କୁ ମହାବାହୁ
ଦୀନ ଦୁଃଖିଙ୍କ ପାଇଁ ବଢାଉନ କାହିଁ ବାହୁ

ଦୁଷ୍ଟଙ୍କୁ ନାଶ କର ବୋଲି ତୁମ୍ଭ ନାମ ଚକ୍ରଧର
ପାପୀଙ୍କୁ ନାଶ କରି କମାଅ ମେଦିନୀର ଭାର
ହେ ପରମେଶ୍ୱର !
ତୁମ୍ଭ କୃପା ବଳେ ପୁଣି ଧର୍ମର ହେଉ ଜୟ
ଦୀନଜନଙ୍କୁ ଉଦ୍ଧାରିଣ କର ପାପୀଙ୍କର କ୍ଷୟ ।


ଗୋଲାପଲ୍ଲୀ ସାହି, ବ୍ରହ୍ମପୁର



# ପାଣିସିଙ୍ଗଡ଼ା

ଅନ୍ୟାନ୍ୟ ଫଳ ପରି ପାଣିସିଙ୍ଗଡ଼ାର ଏତେଟା ବ୍ୟବହାର ନାହିଁ, ମାତ୍ର ଏହା ଯେ ବେଶ୍ ଉପକାରୀ ଆୟୁର୍ବେଦ ଏହାର ପ୍ରମାଣ ଦିଏ। ପାଣିରେ ଫଳୁଥିବା ପାଣିସିଙ୍ଗଡ଼ା ଏକ ତିନିକୋଣିଆ ଫଳ। ଏହାର ପତ୍ର ବି ତିନିକୋଣିଆ। ଫୁଟିଥାଏ ଧଳାରଙ୍ଗର ଫୁଲ। ଶରୀର ପାଇଁ ଆବଶ୍ୟକ ମାଙ୍ଗାନିଜ ତତ୍ତ୍ୱକୁ ଗ୍ରହଣ କରିବାର କ୍ଷମତା ଏହି ଫଳଟିର ରହିଛି। ବାର୍ଦ୍ଧକ୍ୟରେ ଦେଖା ଦେଉଥିବା ଅଧିକାଂଶ ରୋଗ ମାଙ୍ଗାନିଜର ଅଭାବରୁ ହୋଇଥାଏ। ଗର୍ଭ ଦୀର୍ଘଦିନ ଧରି ରହୁନଥିଲେ ତଥା ଗର୍ଭଧାରଣରେ ଆଉ କିଛି ସମସ୍ୟା ଥିଲେ ମହିଳାମାନେ ଏହି ଫଳ ନିୟମିତ ଖାଇବା ଦରକାର। ଏହା ଭ୍ରୁଣ ପାଇଁ ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଉପଯୋଗୀ। ଏହା ପୁରୁଷଙ୍କ ପାଇଁ ମଧ୍ୟ ଶୁକ୍ରବର୍ଦ୍ଧକ ଭାବେ କାର୍ଯ୍ୟ କରିଥାଏ। ମାଙ୍ଗାନିଜ୍ ସମେତ ପାଣିସିଙ୍ଗଡ଼ାରେ ରହିଛି ପ୍ରୋଟିନ, ଫ୍ୟାଟ୍, ରିବୋଫ୍ଲୋବିନ୍, ସାଇଟ୍ରିକ ଏସିଡ୍, ନିକୋଟେନିକ ଏସିଡ୍, ଭିଟାମିନ-ଏ ଏବଂ ସି ପରି ଆହୁରି ଅନେକ ତତ୍ତ୍ୱ। ଏବେ ଜାଣନ୍ତୁ ଏହାର ଆଉ କିଛି ଔଷଧୀୟ ଗୁଣ।

ଦେହରେ କାଛୁ କୁଣ୍ଡିଆ ହେଉଥିଲେ ଲେମ୍ବୁ ରସରେ ଶୁଖିଲା ପାଣିସିଙ୍ଗଡ଼ାକୁ ଘସି ତା’ ଉପରେ ପ୍ରତିଦିନ ପଲେପ ଦିଅନ୍ତୁ। ପ୍ରଥମେ ପ୍ରଥମେ ଏହା ପୋଡ଼ିବା ମାତ୍ରେ ପରେ ଏହା ଥଣ୍ଡା ଲାଗିବ ଏବଂ ଆରାମ ଦେବ। କିଛଦିନ ପରେ ଏହା ଶୁଖିଯିବ।

ପାଣିସିଙ୍ଗଡ଼ାର ଅଟାରୁ ପ୍ରସ୍ତୁତ ହାଲୱା ଖାଇବା ଦ୍ୱାରା ଶ୍ୱେତ ପ୍ରଦର ରୋଗ ଭଲହୁଏ। ଶୁଖିଲା ପାଣିସିଙ୍ଗଡ଼ାକୁ ଗୁଣ୍ଡକରି ପ୍ରତିଦିନ ତିନି ଗ୍ରାମ ଲେଖାଏଁ ଦୁଇଥର ସକାଳେ ଏବଂ ସନ୍ଧ୍ୟାରେ ମହୁ ସହ ସେବନ କରିବା ଦ୍ୱାରା ସମସ୍ତ ପ୍ରକାର ପ୍ରଦର ରୋଗ ଦୂରହୁଏ। ଏପରିକି ସିଙ୍ଗଡ଼ାରୁ ରସ ବାହାର କରି ପ୍ରତିଦିନ ସକାଳେ ସନ୍ଧ୍ୟାରେ ପିଇବା ଦ୍ୱାରା ପ୍ରଦର ଠିକ ହୋଇଥାଏ।

ଗର୍ଭାଶୟ ଦୁର୍ବଳ ଥିଲେ ଏବଂ ଏହି କାରଣ ପାଇଁ ଯଦି ଗର୍ଭ ରହୁ ନଥାଏ ତେବେ ଗର୍ଭଧାରଣ କରିବା ପରେ ପରେ ପ୍ରତିଦିନ କିଛି ସପ୍ତାହ ପର୍ଯ୍ୟନ୍ତ ପାଣିସିଙ୍ଗଡ଼ା ଖାଇବା ଦରକାର। ଗର୍ଭବତୀ ମହିଳା ସିଙ୍ଗଡ଼ା ସହ ଦିନକୁ ଦୁଇ ତିନିଥର କ୍ଷୀର ପିଇବା ଦ୍ୱାରା ରକ୍ତସ୍ରାବ ବନ୍ଦ ହୋଇଥାଏ ଏବଂ ଗର୍ଭପାତ ହୋଇ ନଥାଏ।।

-ପାଣିସିଙ୍ଗଡ଼ା କାଢ଼ା ପ୍ରସ୍ତୁତ କରି ପିଇବା ଦ୍ୱାରା ମୂତ୍ରକୃଚ୍ଛ (ପରିସ୍ରା କରିବାରେ ସମସ୍ୟା) ଦୂର ହୋଇଥାଏ। ୨୦ଗ୍ରାମ ତାଳଗୁଡ଼, ୧୫ ଗ୍ରାମ ଘିଅ ଏବଂ ୩୦ ଗ୍ରାମ ପାଣିସିଙ୍ଗଡ଼ା ମିଶାଇ ଥଣ୍ଡା ପାଣିରେ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ପିଇବା ଦ୍ୱାରା ପରିସ୍ରା କରିବାରେ ସମସ୍ୟା ଥିଲେ ତାହା ଦୂର ହୁଏ।

ସିଙ୍ଗଡ଼ାର ଚୋପାକୁ ଘଷି ଦରଜ ହୋଇଥିବା ସ୍ଥାନରେ ଲଗାଇଦେଲେ କଷ୍ଟରୁ ଉପଶମ ମିଳେ। ନାକରୁ ରକ୍ତ ପଡୁଥିଲେ ବର୍ଷା ଋତୁ ପରେ ପରେ ପାଣି ସିଙ୍ଗଡ଼ା ଖାଆନ୍ତୁ।

- ଶୁଖିଲା ସିଙ୍ଗଡ଼ାକୁ ପେଷି ତାର ଚୂନାରେ ଘିଅ ଏବଂ ଚିନି ମିଶାଇ ହାଲୱା ପ୍ରସ୍ତୁତ କରି ଖାଇଲେ କିଛି ସପ୍ତାହ ପରେ ନଂପୁସକତା ଦୂରହୁଏ।

ଶୁଖିଲା ସିଙ୍ଗଡ଼ାକୁ ପେଷି ଗୁଣ୍ଡ କରନ୍ତୁ। ଏହି ଚୂନାରୁ ୨୫ଗ୍ରାମ ନେଇ ସେଥିରେ ୨୫ ଗ୍ରାମ ଚିନି ମିଶାଇ ଦିଅନ୍ତୁ। ଏହି ମିଶ୍ରଣରୁ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଗୋଟିଏରୁ ଦୁଇ ଗ୍ରାମ ପାଣିରେ ମିଶାଇ ଖାଇଲେ ଶୋଇବା ଅବସ୍ଥାରେ ପରିସ୍ରା ହୋଇ ଯାଉଥିଲେ ଆଉ ସେପରି ହୁଏନାହିଁ।

ଦୁର୍ବଳ ବ୍ୟକ୍ତି ପ୍ରତିଦିନ ଏହାର ଅଟାରୁ ପ୍ରସ୍ତୁତ ହାଲୱା ଖାଆନ୍ତୁ। ଶକ୍ତି ବୃଦ୍ଧି ପାଇବ। ସିଙ୍ଗଡ଼ା କାର୍ବୋହାଇଡ୍ରେଟ୍ ଅଧିକ ମାତ୍ରାରେ ଥିବାରୁ ଏହା ତୁରନ୍ତ ଶକ୍ତି ପ୍ରଦାନ କରିଥାଏ। କଞ୍ଚା ସିଙ୍ଗଡ଼ାକୁ ଛେଚି ସେଥିରେ ନଡ଼ିଆ ଏବଂ ଚିନି ମିଶାଇ ଚୋବାଇ ଖାଇବା ଦ୍ୱାରା ଶରୀର ଶକ୍ତିଶାଳୀ ହୁଏ।

ଗଳାରେ ଟନସିଲ୍ ପରି କୌଣସି ସମସ୍ୟା ଥିଲେ ପାଣିସିଙ୍ଗଡ଼ାକୁ ପାଣିରେ ସିଝାଇ ସେହି ପାଣିରେ ତଣ୍ଟି ଘଡ଼ଘଡ଼ କରନ୍ତୁ। ଏହି ସମସ୍ୟା ଦୂର ହେବ। ଆହୁରି ମଧ୍ୟ ପାଣିସିଙ୍ଗଡ଼ଶରେ ଯଥେଷ୍ଟ ଆୟୋଡିନ ଥିବାରୁ ଏହା ଗଳା ଗଣ୍ଡିର ସମସ୍ୟା ଦୂର କରିଥାଏ। ଖନେଇ କହିବା ସମସ୍ୟା ମଧ୍ୟ ଦୂର କରିପାରେ।

- ଜଣ୍ଡିସ୍ ବା କାମଳ ରୋଗରେ ପଈଡ଼ିତ ବ୍ୟକ୍ତି ଏହି ଫଳଟିକୁ ଖାଇବା ଦରକାର। ଏହି ରୋଗ ହେବା ମାତ୍ରେ ପାଣି ସିଙ୍ଗଡ଼ାରୁ ରସ ବାହାର କରି ପିଇବାକୁ ଭୁଲନ୍ତୁ ନାହିଁ। ଶରୀରକୁ ବିଷାକ୍ତ ପଦାର୍ଥକୁ ଏହା ବାହାରକୁ ବାହାର କରିଦିଏ।

- ଏହା ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ। ଶୋଷ ମେଣ୍ଟାଇଥାଏ। ଝାଡ଼ାରୋଗୀମାନେ ଏହା ସେବନ କରିବା ଦରକାର। ଦୈନିକ ୧୦-୨୦ଗ୍ରାମ ପାଣିସିଙ୍ଗଡ଼ା ରସ ପିଇବା ଦ୍ୱାରା ଜ୍ୱର ରୋଗରୁ ଆରାମ ମିଳିଥାଏ।

# ଉଜ୍ଜ୍ୱଳ ତ୍ୱଚା ପାଇଁ କାକୁଡ଼ି



ଖରାଦିନେ ତ୍ୱଚା ପାଇଁ ବେଶ୍ ଉପକାରୀ କାକୁଡ଼ି। ଏଥିରେ ପ୍ରଚୁର ପରିମାଣରେ ଜଳୀୟ ଅଂଶ ରହିଛି, ଯାହାକି ତ୍ୱଚାରେ ଚମକ ଆଣିବାରେ ସାହାଯ୍ୟ କରିଥାଏ।

- କାକୁଡ଼ି ରସ ସହ ଦହି ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ଅଳ୍ପ ନଖ ଉଷୁମ ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଦହିରେ ଥିବା ଆଣ୍ଟିବ୍ୟାକ୍ଟେରିଆ ଓ କାକୁଡ଼ିରେ ଥିବା ଜଳୀୟ ଅଂଶ ଶୁଷ୍କ ତ୍ୱଚା ପାଇଁ ବେଶ୍ ଉପକାରୀ।

- କାକୁଡ଼ି- ଟମାଟୋ ରସର ମିଶ୍ରଣକୁ ମୁହଁ ଏବଂ ବେକରେ ଲଗାନ୍ତୁ। କିଛି ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଖରାଦିନେ ଏହି ପ୍ୟାକ ତ୍ୱଚା ପାଇଁ ବେଶ୍ ଲାଭପ୍ରଦ।

କାକୁଡ଼ି ରସ, ଚନ୍ଦନ ପାଉଡ଼ର, ଦହି ଓ ଲେମ୍ବୁରସର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଏହି ମିଶ୍ରଣ ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ।

କାକୁଡ଼ି ରସ, ବେସନ ଓ ଲେମ୍ବୁ ରସର ମିଶ୍ରଣକୁ ମାସ୍କ ଭାବେ ମୁହଁରେ ଲଗାନ୍ତୁ। ୧୫ ମିନିଟ ପରେ ମୁହଁକୁ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ ତ୍ୱଚା ନମନୀୟ ରହିବା ସହ ଏଥିଷର ଚମକ ଆସିଥାଏ।

- କାକୁଡ଼ି ରସ ଓ ତରଭୁଜ ରସ ମିଶ୍ରଣକୁ ୧୫ଦ ମିନିଟ ପର୍ଯ୍ୟନ୍ତ ମୁହଁରେ ଲଗାନ୍ତୁ। ଏହାପରେ ମୁହଁକୁ ଧୋଇ ଦିଅନ୍ତୁ। ଏଥିରେ ଥିବା କୋଲେଜନ ନାମକ ତତ୍ତ୍ୱ ମାସ୍କ ପରି କାମ କରିଥାଏ। ଯଦି ଆପଣଙ୍କର ଟ୍ରାନିଂ ସମସ୍ୟା ଥାଏ ତେବେ ଏହା ବେଶ୍ ଉପକାରୀ।

- ତ୍ୱଚାରେ ମୃତକୋଷକୁ ବାହାର କରିବା ପାଇଁ କାକୁଡ଼ି ବେଶ୍ ଉପକାରୀ। କାକୁଡ଼ି ରସ ସହ ଓଟସ ମିଶାଇ ପ୍ୟାକ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ। ଆପଣ ଚାହିଁଲେ ଏଥିରେ ହଳଦୀ ମଧ୍ୟ ମିଶାଇ ପାରିବେ।

- କାକୁଡ଼ି ରସ ଓ ଗୋଲାପ ଜଳର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଏହା ଶୁଖିଗଲା ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଶୁଷ୍କ ତ୍ୱଚା ପାଇଁ ଏହା ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।

# ପିଲାଙ୍କୁ ମନାଇବେ କିପରି



ଛୋଟ ପିଲାଙ୍କୁ କିଛି ବି ବୁଝାଇବା ମା’ମାନଙ୍କ ପାଇଁ କାଠିକର କାମ। କାରଣ ସେମାନେ ସ୍ୱଭାବତଃ ଅଝଟିଆ, ଚଞ୍ଚଳ ହୋଇଥାନ୍ତି। ଆଉ ବେଳେବେଳେ ଜିଦ୍ କରିବା, ମିଛ କହିବା ଏବଂ ଗୁରୁଜନଙ୍କୁ ଖରାପ ବ୍ୟବହାର କରିବା ମଧ୍ୟ ଲକ୍ଷ୍ୟ କରାଯାଇଛି।। ପିଲାଙ୍କୁ ସଜାଡ଼ିବାକୁ ହେଲେ ବିଶେଷ ସତର୍କ ରହିବା ଦରକାର। କାରଣ ପିଲାମାନେ କଞ୍ଚା ମାଟି ପିଣ୍ଡୁଳା ପରି। ଏହାକୁ ପେରି ରୂପ ଦେବା ତାହା ସେହି ଆକାର ନେଇଯାଏ। କେଉଁ ଦିଗ ପ୍ରତି ଆପଣ ସଚେତନ ହେବେ ଜାଣନ୍ତୁ।

- ପିଲାଟିର ଯେତେବେଳେ ଶାରୀରିକ ଏବଂ ମାନସିକ ବିକାଶ ଘଟୁଥାଏ ମା’ମାନେ ପିଲାକୁ ଅଧିକ ସମୟ ଦେବା ଠିକ୍ ହେବ। ପିଲାକୁ ମାଡ଼ ମାରି କିମ୍ୱା ଗାଳିକରି ବୁଝାଇବା ଅପେକ୍ଷା ସେମାନଙ୍କୁ ନିଜ ପାଖରେ ବସାଇ ଭଲ ଭାବରେ ବୁଝାଇବା ଦ୍ୱାରା ପିଲାଟି ଆପଣଙ୍କ କଥା ଶୁଣିଥାଏ।

- ପିଲାଟିର ଦୃଷ୍ଟିକୋଣରୁ ବୁଝିବାକୁ ଚେଷ୍ଟା କରନ୍ତୁ। ବେଳେବେଳେ ସେମାନେ ଅନେକ କଥା ଲୁଚାଇ ଥାଆନ୍ତି। ଏଣୁ ସତ ଏବଂ ମିଛର ଫରକ ସେମାନଙ୍କୁ ବତାନ୍ତୁ।

- ଏମିତି ଅନେକ ପିଲା ଅଛନ୍ତି ଯିଏ କାହାକଥା ଆଦୌ ଶୁଣନ୍ତି ନାହିଁ ଏବଂ ବେଳେବେଳେ ଆକ୍ରମଣାତ୍ମକ ବ୍ୟବହାର ଦେଖାନ୍ତି। ସେତେବେଳେ ପିଲାଙ୍କୁ ମାରନ୍ତୁ ନାହିଁ। କାରଣ ସବୁପିଲା ଏକାଭଳି ନୁହଁନ୍ତି। ମା’ମାନେ କିଛି ନୂଆ ରଣନୀତି ବାଛନ୍ତୁ। ସେମାନଙ୍କୁ ସେହି ସମୟରେ ନବୁଝାଇ ପରେ କିଛି ଉଦାହରଣ ଦେଇ ବୁଝାଇବାକୁ ଚେଷ୍ଟା କରନ୍ତୁ।

- ପିଲାଙ୍କୁ ସମୟାନୁବର୍ତ୍ତୀ ଏବଂ ନିୟମ ବୁଝାଇବା ଠିକ୍। କିନ୍ତୁ ସବୁବେଳେ ସବୁକଥାରେ ନିୟମ ମାନିବା ପାଇଁ ପିଲାଙ୍କୁ ବାଧ୍ୟ କରନ୍ତୁ ନାହିଁ। ସେମାନଙ୍କୁ କିଛି ସ୍ୱାଧୀନତା ଦିଅନ୍ତୁ। ଏହା ଦ୍ୱାରା ପିଲାଟି ସ୍ୱ ଇଚ୍ଛାରେ ମନର କଥା ଆପଣଙ୍କ ଆଗରେ ପ୍ରକାଶ କରିଥାଏ ଏବଂ ମିଛ ମଧ୍ୟ କହି ନଥାଏ।

# ବୃକକ୍‌ର ଯତ୍ନ



ବୃକକ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଦ୍ରୁତ ଶିଳ୍ପାୟନ ଏବଂ ଆଧୁନିକ ଜୀବନ ଯାପନ ନିମନ୍ତେ ଏହାର ଯତ୍ନ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ। ଦ୍ରୁତ ଶିଳ୍ପାୟନ ଏବଂ ଆଧୁନିକ ଜୀବନଯାପନରୁ ଏହି ରୋଗ ବର୍ତ୍ତମାନ ପର୍ଯ୍ୟାୟରେ ଔଷଧ ଦ୍ୱାରା ଚିକିତ୍ସା କରାଯାଏ। ମାତ୍ର ସାରା ଜୀବନ ଡାଇଲିସିସ କରିବାକୁ ପଡ଼ିଥାଏ। ବୃକକ ଖରାପ ହେବାର ପ୍ରଥମ ଲକ୍ଷଣ ଗୁଡ଼ିକ ହେଲା, ଦୁର୍ବଳ ଲାଗିବା, ଭୋକ ନ ହେବା, ଅହେତୁକ ଓଜନ ହ୍ରାସ ବୃଦ୍ଧି ଗୋଡ଼-ମୁହଁ ତଥା ଶରୀର ବ୍ୟଥା ହେବା ଏବଂ ରକ୍ତହୀନତା ଇତ୍ୟାଦି ସମସ୍ୟା ପ୍ରକାଶ ପାଇବା। ଏହି ସବୁ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଅଭିଜ୍ଞ ବିଶେଷଜ୍ଞ ସହ ପରାମର୍ଶ କରିବା ଆବଶ୍ୟକ। ସାଧାରଣ ରକ୍ତ ଓ ପରିସ୍ରା ପରୀକ୍ଷା ଏବଂ ପେଟର ଅଲଟ୍ରାସାଉଣ୍ଡ ପରୀକ୍ଷା ଦ୍ୱାରା ଏହି ରୋଗର ଚିହ୍ନଟ ହୋଇଯାଇପାରେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଖାଦ୍ୟ ଗ୍ରହଣ ଏବଂ ପ୍ରାଥମିକ ପର୍ଯ୍ୟାୟରେ ନିୟମିତ ଔଷଧ ସେବନ ଦ୍ୱାରା ରୋଗୀ ଦୀର୍ଘଦିନ ଧରି ସୁସ୍ଥ ରହିପାରେ। ମେଦବହୁଳତା କାରଣ ଗୁଡ଼ିକ ମଧ ପବରିଶ୍ରମହୀନତା, ବିଭିନ୍ନ ପ୍ରକାର ଫାଷ୍ଟଫୁଡ ଛଣା ଜିନିଷ ପରି ଅଧିକ ଅନ୍ୟତମ। ଏବେ ମେଦବହୁଳ ରୋଗୀମନଙ୍କ ଓଜନ ହ୍ରାସ ପାଇଁ ବହୁତ ପ୍ରକାରର ଚିକିତ୍ସା ପଦ୍ଧତି ଉପଲବ୍ଧ। ପ୍ରାଥମିକ ପର୍ଯ୍ୟାୟରେ ସନ୍ତୁଳିତ, କମ କ୍ୟାଲୋରି ଭୁକ୍ତ ହୋଇଥିଲେ ପ୍ରାଥମିକ ରୋଗର ନିରାକରଣ ଦ୍ୱାରା ଓଜନ ହ୍ରାସ ହୋଇପାରିଥାଏ। ଅତ୍ୟଧିକ ମେଦବହୁଳ ବ୍ୟକ୍ତି ଏବଂ ଉପଲକ୍ଷିତ ଉପାୟ ଦ୍ୱାରା ଲାଭାବାନ ହୋଇଥିବଲା ରୋଗୀମାନେ ଅସ୍ତ୍ରୋପଚାର ଦ୍ୱାରା କିଛି ମାସ ମଧ୍ୟରେ ମେଦବହୁଳ ହ୍ରାସ ହେବାର ସମ୍ଭାବନା ଥାଏ। ଓଜନ ହ୍ରାସ ଦ୍ୱାରା ମେଦବହୁଳ ରୋଗୀମାନଙ୍କ ବିଭିନ୍ନ ରୋଗର ପ୍ରକୋପ ଅନେକ କମିଯାଇଥିବା, ବୃକକ ସୁସ୍ଥ ଓ ଦୀର୍ଘସ୍ଥାୟୀ ହୋଇଥାଏ। ମେଦବହୁଳତା ଏବଂ ପରୋକ୍ଷ କବାଟ ବପୃମକ ରୋଗର ନିରାକରଣ ପାଇଁ ଆମେ ପସସମସ୍ତେ ଯତ୍ନ ହେବା।

# ଗ୍ରୀକ-ଦହିର ଉପକାରିତା



ଗ୍ରୀକ ସୁନ୍ଦରୀଙ୍କ ବିଷୟରେ କିଏ ବା ନଜାଣେ ? ପୁରା ବିଶ୍ୱ ମିଶର ସୁନ୍ଦରୀ କ୍ଲିଓପାଟ୍ରାଙ୍କ ସୌନ୍ଦର୍ଯ୍ୟ ବାବଦରେ ଅବଗତ। ତେବେ ଗ୍ରୀକ୍ ଯୁବତୀ ତଥା ମହିଳାମାନେ ନିଜ ସୌନ୍ଦର୍ଯ୍ୟକୁ ନେଇ ବେଶ୍ ସଚେତନ, ଏକଥା ଆମେରିକୀୟ ଗବେଷକଗଣ ଉପସ୍ଥାପନା କରିଥିଲେ। ପ୍ରାକୃତିକ ଉପାୟରେ ତଥା ଘରୋଇ ସାମଗ୍ରୀରେ ଏମାନେ ସୌନ୍ଦର୍ଯ୍ୟ ଚର୍ଚ୍ଚା କରିବାକୁ ବିଶେଷ ଧ୍ୟାନ ଦେଇଥାନ୍ତି। ନିକଟରେ ଏକ ବିଦେଶୀ ପତ୍ରିକାରେ ଗ୍ରୀକ ଯୁବତୀ ବ୍ୟବହାର କରୁରଥିବା ଗ୍ରୀକ ଦହିର ଉପଚାର ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ସେଠା ଯୁବତୀ ତଥା ମହିଳା ଏହି ଗ୍ରୀକ୍ ଦହିକୁ ହିଁ ପ୍ରସ୍ତୁତ କରିଥାନ୍ତି।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଖିରକୁ ଭଲଭାବରେ ଗରମ କରିଥାନ୍ତି। ପରେ ଏହାକୁ ସମ୍ପୂର୍ଣ୍ଣ ଭାବେ ଥଣ୍ଡା କରି ପୂର୍ବରୁ ଘରେ ଥିବା ଦହିରୁ ୧ଚାମଚ ମିଶାଇଥାନ୍ତି। ପରେ ଏହି ମିଶ୍ରଣକୁ ଏକ ସୂତା କପଡ଼ାରେ ବାନ୍ଧି ୨ଘଣ୍ଟା ପାଇଁ ଏକ ଉଚ୍ଚ ସ୍ଥାନରେ ଟଙ୍ଗାଯାଏ। ଦହିରୁ ପାଣି ବାହାରିଗଲା ପରେ ସେହି ଦହିକୁ ପାତ୍ରରେ ରଖାଯାଏ। ଏହିଭଳି ଉପାୟରେ ସେଠାରେ ଗ୍ରୀକ-ଦହି ପ୍ରସ୍ତୁତ କରାଯାଇଥାଏ।

- ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ଏହି ଗ୍ରୀକ ଦହିରେ ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱ ଭରପୁର ରହିଥାଏ। ଗ୍ରୀକ ଯୁବତୀମାନେ ନିଜ ଓଜନକୁ ନିୟନ୍ତ୍ରଣ କରିବା ନିମନ୍ତେ ପ୍ରତ୍ୟହ ସକାଳେ ଏହାକୁ ଖାଇଥାନ୍ତି।

- ଗ୍ରୀକ ଦହିରେ ପ୍ରୋଟିନ ପ୍ରଚୁର ପରିମାଣରେ ଥିବାରୁ ଏହାକୁ ଖାଇଲେ ଶୀଘ୍ର ଭୋକ ଲାଗିଥାଏ ଓ ତ୍ୱଚାରେ ବିଶେଷ ଚମକ ଆସିଥାଏ।

- କୌଣସି ଉତ୍ସବ କମ୍ୱା ବିବାହ ପୂର୍ବରୁ ଏଠା ଯୁବତୀମାନେ ଗ୍ରୀକ ଦହିର ପ୍ୟାକ ତ୍ୱଚାରେ ଲଗାଇଥାନ୍ତି।

- ଏପରିକି ମିଶରର ବିଭିନ୍ନ ନାମକରା ବ୍ୟୁଟିପାର୍ଲରରେ ଏହି ଗ୍ରୀକ ଦହିରେ ତ୍ୱଚା ମାଲିସ କରାଯାଇଥାଏ।

# ମା’ ରକ୍ତଚାପରୁ ଜଣାପଡ଼ିବ ଶିଶୁର ଲିଙ୍ଗ

ଏକ ସଦ୍ୟ ଅଧ୍ୟୟନ ଅନୁସାରେ, ମା’ର ରକ୍ତଚାପ ଦ୍ୱାରା ଶିଶୁର ଲିଙ୍ଗ ଜଣାପଡ଼ିବ। ଗର୍ଭାବସ୍ଥା ପୂର୍ବରୁ ନିମ୍ନ ରକ୍ତଚାପଯୁକ୍ତ ମହିଳା କନ୍ୟା ସନ୍ତାନ ଜନ୍ମ ଦେବାର ସମ୍ଭାବନା ବେଶି ବୋଲି ଅଧ୍ୟୟନରୁର ଜଣାପଡ଼ିଛି। ଉଚ୍ଚ ରକ୍ତଚାପ ଥିଲେ ପୁତ୍ର ସନ୍ତାନ ହେବାର ଯଥେଷ୍ଟ ସମ୍ଭାବନା ଥିବା ଡା.ରବି ରେଡ଼୍ନାକରଙ୍ଗନଙ୍କ ନେତୃତ୍ୱରେ କାନାଡ଼ାର ମାଉଣ୍ଟ ସିନାଇ ହସପିଟାଲରେ ଗବେଷକମାନେ ଜାଣିବାକୁ ପାଇଛନ୍‌ପତି। ଏହି ନୂଆ ଅଧ୍ୟୟନ ପ୍ରଜନନ ଯୋଜନନା କରୁଥିବା ମହିଳାଙ୍କ ପାଇଁ ଏକ ଉପଯୋଗୀ ହୋଇପାରେ। ଏଥିସହ ଲୋକଙ୍କ ଲିଙ୍ଗ ଅନୁପାତର ମୌଳିକ ତନ୍ତ୍ର ବୁଝିବାରେ ମଧ୍ୟ ସହାୟକ ହେବ। ପ୍ରାରମ୍ଭିକ ଗର୍ଭାବସ୍ଥାରେ ଶିଶୁର ଲିଙ୍ଗ ଜାଣିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଥାଏ। ଭବିଷ୍ୟତରେ ଏହି ଅଧ୍ୟୟନ ସେମାନଙ୍କ ପାଇଁ ସହାୟକ ହୋଇପାରେ ବୋଲି ଗବେଷକଙ୍କ ଧାରଣା।

## ବଲାଙ୍ଗୀର ଜିଲ୍ଲା ୬୬୨ କଲେଜର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର, ୧୧/୦୭ (ନି.ପ୍ର): ୧୦ତାରିଖ ସନ୍ଧ୍ୟା ଘ.୫ ସମୟରେ ଜିଲ୍ଲା ସଭାପତି ତଥା ରାଜ୍ୟ ଉପସଭାପତି ପ୍ରଣବ କୁମାର କୁଅଁରଙ୍କ ଅଧକ୍ଷତାରେ ବଲାଙ୍ଗିର ଜିଲ୍ଲା ଅଙ୍ଗୋଲିଆ(୬୬୨ ଯୁକ୍ତ ଦୁଇ ଓ ଯୁକ୍ତ ୩) ମହାବିଦ୍ୟାଳୟ ଶିକ୍ଷକ ଅଣଶିକ୍ଷକ କର୍ମଚାରୀଙ୍କ ଏକ ଜରୁରୀ ବୈଠକ ଶ୍ରୀ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆଜକୁ ପ୍ରାୟ ଦୀର୍ଘ ୧୫୫ ଦିନ ରାଜଧାନୀର ରାଜରାସ୍ତାରେ ଖରାବର୍ଷାକୁ ଖାତିର ନକରି ନିଜର ନ୍ୟର୍ଯ୍ୟଦାବୀ ହାସଲ ପାଇଁ ଅଧାପକ କର୍ମଚାରୀ ଆନ୍ଦୋଳନରତ ଥିଲେ ସୁଦ୍ଧା ସରକାରଙ୍କ କୁମ୍ଭକର୍ଣ୍‌ ?ର୍‌ ନିଦ୍ରା ଆଜି ପର୍ଯ୍ୟନ୍ତ ଭଙ୍ଗ ହୋଇନାହିଁ । ତେଣୁ ରାଜ୍ୟ ସଂଗଠନର ଆହ୍ୱାନକ୍ରମେ ଆସନ୍ତା ତା.୧୨.୦୭.୨୦୨୩ ରିଖ ଦିନ ୧୧ ଟା ସମୟରେ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଛି।

# ସୁବର୍ଣ୍ଣପୁରର ଗାଁ, ଗାଁରେ ଆନ୍ଧ୍ରପଡ଼ା: ଆନ୍ଧ୍ର ଚାଷୀଙ୍କ କବ୍‌ଜାରେ ହଜାର ହଜାର ଏକର ଚାଷ ଜମି

ସୋନପୁର, ୧୧/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ହଜାର ହଜାର ଏକର ଚାଷଜମି ଏବେ ଆନ୍ଧ୍ରଚାଷୀଙ୍କ କବ୍‌ଜାରେ ରହିଛି। ପ୍ରାୟ ୨୫ ବର୍ଷ ମଧ୍ୟରେ ଆନ୍ଧ୍ରଚାଷୀଙ୍କ ସଂଖ୍ୟା ଜିଲ୍ଲାରେ ଢେର ବଢ଼ିଛି। ଜିଲ୍ଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକ୍‌ରେ ଆନ୍ଧ୍ରଚାଷୀମାନେ ଧାନଚାଷ କରୁଥିବା ବେଳେ ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକ୍‌ରେ ଧାନ, କପା ଓ ମାଛଚାଷ କରୁଥିବା ଜଣାଯାଇଛି। ଆନ୍ଧ୍ରଚାଷୀମାନେ ଏଠାକୁ ଆସି ତାଙ୍କର କାୟା ବିସ୍ତାର କରିଚାଲିଛନ୍ତି। ଜିଲ୍ଲାର ଚାଷୀମାନଙ୍କ ଆବଶ୍ୟକ ଜ୍ଞାନକୌଶଳ ଅଭାବରୁ ଚାଷରେ ବିଭିନ୍ନ ସମୟରେ କ୍ଷତି ସହୁଛନ୍ତି। ଏହାର ଫାଇଦା ନେଇଛନ୍ତି ଆନ୍ଧ୍ରଚାଷୀ। ଏହାର ସୁଯୋଗ ନେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ରାଜମହେନ୍ଦ୍ରୀ, ପାର୍ବତୀପୁରମ, ଶିକାକୁଲମ ଓ ପୂର୍ବ ଗୋଦାବରୀ ଆଦି ଦୂରସ୍ଥାନରୁ ଆନ୍ଧ୍ରଚାଷୀମାନେ ସୁବର୍ଣ୍ଣପୁର ଜିଲ୍ଲାକୁ ଆସି ଚାଷଜମି କ୍ରୟ କରୁଛନ୍ତି। ଜିଲ୍ଲାର ଗରିବ ଚାଷୀଙ୍କଠାରୁ ଆନ୍ଧ୍ରଚାଷୀ କମ୍ ମୂଲ୍ୟରେ ଚାଷ ଜମିଗୁଡ଼ିକ କ୍ରୟ କରୁଥିବା ଅଭିଯୋଗ ହେଉଛି। ଆନ୍ଧ୍ରପ୍ରଦେଶର ଲୋକେ ଏଠାକୁ ଆସି ପ୍ରଥମେ ଲୋକଙ୍କ ସହ ମିଳାମିଶା କରି ପରେ ଜମି ଦଲାଲ ଓ ମଧ୍ୟସ୍ଥିଙ୍କ ଜରିଆରେ ଜମି କ୍ରୟ କରୁଛନ୍ତି। ଜିଲ୍ଲାର ଅନେକ କ୍ଷୁଦ୍ରଚାଷୀ ସେମାନଙ୍କର ପୈତୃକ ସମ୍ପତ୍ତିକୁ କମ୍ ମୂଲ୍ୟରେ ବିକ୍ରି କରିସାରିଛନ୍ତି। ଡୁଙ୍ଗୁରିପାଲି, ବିନିକା, ତରଭା, ସୋନପୁର, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ପ୍ରାୟ ପଚାଶରୁ ଅଧିକ ଗାଁରେ କିଛି ବର୍ଷ ହେବ ଆନ୍ଧ୍ରଚାଷୀମାନେ ହଜାର ହଜାର ଚାଷଜମି କ୍ରୟ କରି ଦଖଲ କରିସାରିଲେଣି। କେତେକ ଗ୍ରାମରେ ସେମାନେ ସରକାରୀ ଜମି, ଗୋଚର ଜମି, ଜଙ୍ଗଲ ଜମିକୁ ମଧ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏପରିକି ଗ୍ରାମାଞ୍ଚଳରେ ଆନ୍ଧ୍ରପଡ଼ା, ଆନ୍ଧ୍ରଡେରା, ଆନ୍ଧ୍ର କଲୋନି ମଧ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିନିକା ତହସଲିଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କୁ ଯୋଗଯୋଗ କରାଯିବାରେ ସେ କହିଥିଲେ, ବହୁବର୍ଷ ହେଲା ବାହାର ରାଜ୍ୟ ଲୋକେ ଏଠାକୁ ଆସି ଜମି କିଣୁଛନ୍ତି। ଜମି କିଣାବିକାରେ ସେମିତି କିଛି କଟକଣା ନାହିଁ ବୋଲି ସେ କହିଥିଲେ।



## ଟିଟିଲାଗଡ଼ ଥାନାରେ ଆମ ପୋଲିସ ସମିତି ବୈଠକ

ବଲାଙ୍ଗୀର, ୧୧/୦୭ (ନି.ପ୍ର): ଆଜି ସୋମବାର ଦିନ ସକାଳ ୧୧ଟା ସମୟରେ ଟିଟିଲାଗଡ ଥାନା ଅଧିକାରୀ ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଟିଟିଲାଗଡ ସହରର ଗଣ୍ୟମାନ୍ୟ ବ୍ୟକ୍ତି, ବିଭିନ୍ନ ଗ୍ରାମର ସରପଂଚ ତଥା ସରପଂଚଙ୍କ ପ୍ରତିନିଧି, ସମାଜସେବୀମାନଙ୍କୁ ଡକାଇ ଥାନା ସମ୍ମିଳନୀ କକ୍ଷରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସହରରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କିପରି କରାଯାଇ ପାରିବ, ସେ ନେଇ ଲୋକଙ୍କ ମତାମତ ଲୋଡ଼ିଥିଲା ପୋଲିସ। ଉପସ୍ଥିତ ଲୋକେ ସହରର ଟ୍ରାଫିକ ସମସ୍ୟା, ଦୃତ ଗତିରେ ବିନା ଡ୍ରାଇଭିଂ ଲାଇସେନ୍ସରେ ନାବାଳକଙ୍କ ବାଇକ ଚଳନା, ସର୍ଗଗୁଡା ରାମମନ୍ଦିର ଛକ ରାସ୍ତାରେ ସ୍କୁଲ ଯିବା ଆସିବା ସମୟରେ ଉପୁଜୁଥିବା ଭିଡ଼କୁ ରୋକିବାକୁ ପଦକ୍ଷେପ, ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା, ଉଚ୍ଚଧ୍ୱନୀ ବିଶିଷ୍ଟ ସାଇଲେନ୍‌ସର୍ ଲାଗିଥିବା ମଟର ସାଇକେଲକୁ ଧରିବା, ପୋଲିସ ପେଟ୍ରୋଲିଂକୁ କଡ଼ାକଡ଼ି କରିବା ଆଦି ସମସ୍ୟା ଉପରେ ମତ ଦେଇଥିଲେ। ସେହିପରି ଷ୍ଟେଟ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ମହାରାଷ୍ଟ୍ର ପାଖରେ ପାର୍କିଂ ପାଇଁ ଲୋକେ ବହୁତ ହଇରାଣ ହେଉଛନ୍ତି। ଏହି ରାସ୍ତା ଦେଇ ଯଦି ଚାରି ଚକିଆ ଗାଡ଼ି ପସିଯାଏ ତାହେଲେ ଆହୁରି ଜାମ ପରିଲକ୍ଷିତ ହୁଏ। ଏ ଦିଗରେ ବି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଥିଲେ ଉପସ୍ଥିତ ବୁଦ୍ଧିଜୀବୀମାନେ। ଶାସ୍ତ୍ରୀ ଛକ ଠାରୁ ମାଉସୀ ମନ୍ଦିର ଛକ ଭିତରେ କିଣାକିଣି କରିବା ପାଇଁ ରାସ୍ତା ଉପରେ ଗାଡ଼ି ଛିଡା କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ଏଠାରେ ଦାବୀ କରାଯାଇଥିଲା। ସବୁ ଶୁଣିବା ପରେ ଯଥା ସମ୍ଭବ ଏହାର ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ଥାନାଧିକାରୀ କହିଥିଲେ । ଶେଷରେ ଏସ୍‌ଆଇ ପ୍ରଦୀପ କୁମାର ଦୂରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଶାଳା ବିଜୁ ଜନତା ଦଳର ମିଶ୍ରଣ ପର୍ବ

ଧର୍ମଶାଳା, ୧୧/୦୭ (ନି.ପ୍ର): ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପଟୁଣିଆ ପଂଚାୟତର ବିଜେପି ଓ କଂଗ୍ରେସ କର୍ମୀମାନେ ବିଧିବଦ୍ଧ ଭାବେ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଆଜି ଅପରାହ୍ନରେ ଧର୍ମଶାଳାର ବିଜୁ ଜନତା କାର୍ଯ୍ୟାଳୟଠାରେ ଧର୍ମଶାଳାର ବିଧାୟକ ଶ୍ରୀଯୁକ୍ତ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜଳଧର ମହାନ୍ତି, ନିରଞ୍ଜନ ବଳ, ଅମରେନ୍ଦ୍ର ରାୟ, କେଦାର ଗନ୍ତାୟତ, ଅକ୍ଷୟ ଗନ୍ତାୟତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଜଳ ପରିମଳ ମିଶନ ଦ୍ୱାରା ନିର୍ମିତ ଜୈବ ବିଘଟନ ଆବର୍ଜନା କୁଣ୍ଡ କାହା ସ୍ୱାର୍ଥରେ ?

ସାଲେପୁର, ୧୧/୦୭ (ନି.ପ୍ର): କଟକ ଜିଲ୍ଲା ପରିମଳ ମିଶନ ଦ୍ୱାରା ନିର୍ମିତ ବିଘଟନ ଅବର୍ଜନା କୁଣ୍ଡର ସଠିକ୍ ବିନିଯୋଗ କରାଯାଉନଥିବା ସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଂଚାୟତରେ ଏହି କୁଣ୍ଡ ଉପରେ ଲଗାଯାଇଥିବା ଟିଣ ଆଜବେଷ୍ଟସକୁ ଖୋଲି ନିଆଯାଉଥିବା ଦେଖିବାକୁ ମିଳୁଛି । ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ନତକାଇ ଗ୍ରାମ ପଂଚାୟତର ମୁକୁନ୍ଦପୁର ସମିତି ପଡିଆଠାରେ। ଏଠାରେ ଏକ ଜୈବ ବିଘଟନ ଅବର୍ଜନା କୁଣ୍ଡ ନିର୍ମାଣ କରାଯାଇଛି । ଏହି କୁଣ୍ଡଟି ଗ୍ରାମବାସୀଙ୍କ ଦ୍ୱାରା ପରିବା ଚୋପା, ବାସି ଫୁଲ, ବଳକା ଖାଦ୍ୟ, ଡାଲି ଏବଂ ଓଦାଜାତୀୟ ବର୍ଜ୍ୟବସ୍ତୁ ବ୍ୟବହାର ପରେ ପକାଇବା ନିମନ୍ତେ ନିର୍ମାଣ କରାଯାଇଛି । ଜିଲ୍ଲା ଜଳ ପରିମଳ ମିଶନ ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟରେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକରେ ଏହି ଜୈବ ବିଘଟନ କୁଣ୍ଡ ନିର୍ମାଣ କରାଯାଇଛି । ହେଲେ ଏହାର ସଠିକ୍ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଘଟଣାରୁ ପ୍ରକାଶ, ନିଶ୍ଚିନ୍ତକୋଇଲି ବ୍ଲକର ନତକାଇ ପଂଚାୟତରେ ଏଭଳି ଏକ କୁଣ୍ଡ ନିର୍ମାଣ କରାଯାଇଛି । ଏହି କୁଣ୍ଡ ଗୁଡିକ ନିର୍ମାଣ କରାଯାଇ ଦୀର୍ଘ ଦିନ ହେଲା କାର୍ଯ୍ୟକାରୀ ନହେବାରୁ ଏହି କୁଣ୍ଡ ଗୁଡିକ ଏକରକମ ନଷ୍ଟ ହୋଇଗଲାଣି । ସାଧାରଣରେ ଆଲୋଚନା ହେଉଛି ଯେ, ପଂଚାୟତରେ ଠିକାଦାରମାନଙ୍କୁ ନିଯୁକ୍ତି କରାଯାଇ ଏହି ଜୈବ ବିଘଟନ କୁଣ୍ଡ ନିମ୍ନମାନର ନିର୍ମାଣ କରି ଅର୍ଥ ଆତ୍ମସାତ୍ କରାଯାଉଛି । କେନ୍ଦ୍ର ସରକାରଙ୍କର ସ୍ୱଚ୍ଛ ଭାରତ ଯୋଜନାରେ ଗାଁର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏହି କୁଣ୍ଡର ନିର୍ମାଣ କରାଯାଇଥିଲା । ହେଲେ ନତକାଇ ପଂଚାୟତର ମୁକୁନ୍ଦପୁର ସମିତି ପଡିଆରେ ନିର୍ମିତ ହୋଇଥିବା ଜୈବ ବିଘଟନ କୁଣ୍ଡ ନିର୍ମାଣର ଅଳ୍ପ କିଛି ଦିନ ପରେ ତାହାର ଛାତର ଟିଣ କେହି ଖୋଲି ନେଇଯାଇଥିବା ଶୁଣିବାକୁ ମିଳିଛି । ଯାହାଫଳରେ କି ସରକାରଙ୍କ ଯୋଜନା ଏଠାରେ ବାଟବଣା ହେବାରେ ଲାଗିଛି । ଲୋକଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ଜୈବ ବିଘଟନ କୁଣ୍ଡକୁ କିଛି ନିର୍ଦ୍ଦିଷ୍ଟ ଦଳର ଲୋକ ନେଇଯାଇଥିବା ସାଧାରଣରେ ଆଲୋଚନା ହେଉଛି ।

# ହାଇକୋର୍ଟରେ ଆପାର୍ଟମେଣ୍ଟ ପଂଜୀକରଣ ମାମଲା: ୩ ମାସ ସମୟ ନେଲେ ସରକାର; ନୂଆ ନିୟମ ଆସିବା ପର୍ଯ୍ୟନ୍ତ ପଞ୍ଜିକରଣ ବନ୍ଦ

କଟକ , ୧୧/୦୭ (ନି.ପ୍ର): ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ନିୟମ ପ୍ରଣୟନ ପାଇଁ ରାଜ୍ୟ ସରକାର ୩ ମାସ ସମୟ ନେଇଛନ୍ତି। କିନ୍ତୁ ନୂଆ ନିୟମ ଆସିବା ପର୍ଯ୍ୟନ୍ତ ଆପାର୍ଟମେଣ୍ଟ ପଂଜୀକରଣ ବନ୍ଦ ରହିବ ବୋଲି ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେବା ସହିତ ଏ ସଂପର୍କିତ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଆଜି ମାମଲାର ଶୁଣାଣି ସମୟରେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧ୍ୟାଦେଶ ଆସି ସାରିଛି। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ଆଇନ ବିଭାଗ ତରଫରୁ ପ୍ରକାଶ ପାଇଛି। ଏ ସଂପର୍କିତ ନିୟମାବଳୀ ପ୍ରଣୟନ ପାଇଁ କିନ୍ତୁ ତିନି ମାସ ସମୟ ଲୋଡ଼ା। ତିନି ମାସ ଭିତରେ ସରକାର ନୂତନ ନିୟମାବଳୀ କାର୍ଯ୍ୟକାରୀ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ବିଚାରକୁ ନେଇ ହାଇକୋର୍ଟ ମାମଲାର ଶୁଣାଣିରେ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଜଷ୍ଟିସ୍ ଶୁଭାଶିଷ ତାଳପତ୍ର ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ବିମଳେନ୍ଦୁ ପ୍ରଧାନଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଏବେ ବିଧାନସଭାର କୌଣସି ଅଧିବେଶନ ନଥିବାରୁ ରାଜ୍ୟ ସରକାର ଏହି ଅଧ୍ୟାଦେଶ ଆଣିଥିଲେ। ଏହାକୁ ରାଜ୍ୟପାଳ ମଧ ଅନୁମୋଦନ କରିଥିଲେ। ଏହାପରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଆପାର୍ଟମେଣ୍ଟ ମାଲିକମାନଙ୍କର ସାଧାରଣ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ଉପରେ ଅଧିକାର ପ୍ରଦାନ ନିମନ୍ତେ ବ୍ୟବସ୍ଥା ରହିଛି। ଏଣିକି ଆପାର୍ଟମେଣ୍ଟ କିଣାରେ ସ୍ୱଚ୍ଛତା ଆସିବ, ଗ୍ରାହକ ଶୋଷଣରୁ ନିସ୍ତାର ପାଇବେ ବୋଲି କୁହାଯାଉଛି। ମାମଲାର ବିବରଣୀରୁ ପ୍ରକାଶ ଯେ ୧୯୮୨ରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଆଇନ ପ୍ରଣୟନ ହୋଇଥିବା ବେଳେ ୨୦୧୫ରେ ଏଥିରେ ସଂଶୋଧନ କରାଯାଇଥିଲା। ଏହାପରେ ୨୦୧୬ରେ ରିଅଲ୍ ଇଷ୍ଟେଟ କାରବାରକୁ ସୁବ୍ୟବସ୍ଥିତ କରିବା ପାଇଁ ରେରା ଆଇନ କାର୍ଯ୍ୟକାରୀ କରାଯାଇଥିଲା। ରେରା ଆଇନ ବଳବତ୍ତର ରହିଥିବା ବେଳେ ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା (ସଂଶୋଧିତ) ନିୟମାବଳୀ, ୨୦୨୧ କାର୍ଯ୍ୟକାରୀ କରିଥିଲେ। ଏ ସଂପର୍କିତ ୧୯୯୨ର ନିୟମାବଳୀରେ ସରକାର ସଂଶୋଧନ କରିଥିଲେ। ୨୦୨୧ର ସଂଶୋଧିତ ନିୟମାବଳୀ ରେରା ଆଇନର ବିରୁଦ୍ଧାଚାରଣ କରୁଛି ଓ ଆପାର୍ଟମେଣ୍ଟ ମାଲିକଙ୍କ ସ୍ୱାର୍ଥ ବିରୋଧୀ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଆପାର୍ଟମେଣ୍ଟର ସାଧାରଣ ଅଞ୍ଚଳ (କମନ୍ ଏରିଆ) ମାଲିକମାନଙ୍କୁ ନେଇ ଗଠିତ ଆସୋସିଏସନ୍ ନାଁରେ ପଞ୍ଜିକୃତ ହେବା କଥା। କିନ୍ତୁ ନିୟମାବଳୀ ଯୋଗୁଁ ଏହି ଅଞ୍ଚଳ ଆସୋସିଏସନ୍ ନାଁରେ ପଞ୍ଜିକୃତ ହେବାରେ ସମସ୍ୟା ରହିଛି। ଆପାର୍ଟମେଣ୍ଟ ମାଲିକଙ୍କ ଆସୋସିଏସନ୍ ଗଠନ ସଂପର୍କିତ ରେରା ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ୍ ଅଗ୍ରୱାଲ ଓ ଓରେରା ତରଫରୁ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।



## କେନ୍ଦ୍ରାପଡ଼ାରେ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ

କେନ୍ଦ୍ରାପଡ଼ା, ୧୦ ଜୁଲାଇ(ହି.ସ.) – କେନ୍ଦ୍ରାପଡା ଜାତୀୟ ମତ୍ସ୍ୟଚାଷୀ ଦିବସ ୨୦୨୩ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଅରବିନ୍ଦ ସ୍ୱାଇଁ, ପଶୁ ସମ୍ପଦ ବିଭାଗର ଉପ ନିର୍ଦ୍ଦେଶକ ଡ଼ଃ ପ୍ରଭଞ୍ଜନ କବି, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ମହମ୍ମଦ ଫିରୋଜ, କୋକିଳା ମଞ୍ଜରୀ ନାୟକ ଓ ମୃତିକା ସଂରକ୍ଷଣ ବିଭାଗର ନିହାରିକା ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ମତ୍ସ୍ୟଚାଷ କରୁଥିବା ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ମତ୍ସ୍ୟ ସମ୍ପଦର ବିକାଶ ଓ ମସାଷକୁ ବୃତି ରୂପରେ ଗ୍ରହଣ କରିଥିବା ମସ୍ୟଚାଷୀ ମାନଙ୍କ ଉତୋରତର ଉନ୍ନତି ପାଇଁ ବୈଜ୍ଞାନିକ ପଦ୍ଧତିରେ କରାଯାଉ ଥିବା ବାୟୋଫ୍ଲଗ (କୁଣ୍ଡରେ ମତ୍ସ୍ୟଚାଷ), ମହିଳା ମତ୍ସ୍ୟଚାଷୀ ଉଦ୍ୟୋଗୀ ମାନଙ୍କ ପାଇଁ ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରିଥିଲେ।

## ଡିଏଭି ପବ୍ଲିକ ସ୍କୁଲରେ ବନ ମହୋତ୍ସବ

ବଲାଣି, ୧୧/୦୭ (ନି.ପ୍ର): ଜାତୀୟ ବନ ମହୋତ୍ସବ ପରିପ୍ରେକ୍ଷୀରେ ବଲାଣି ଖଣି ଦ୍ୱାରା ପରିଚାଳିତ ଡିଏଭି ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ମହାଡ଼ମ୍ବର ସହିତ ୭୪ତମ ଜାତୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ହୀରଣମୟୀ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗ ଦେଇଥିଲେ। ଅନ୍ୟାନ୍ୟ ଅତିଥି ମାନଙ୍କ ଭିତରେ ବଲାଣି ଖଣିର ବିତ ବିଭାଗର ଉପ ମହାପ୍ରବନ୍ଧକ ସ୍ୱପନ ବିଶ୍ୱାସ, ବିଦ୍ୟୁତ ବିଭାଗର ଉପ ମହାପ୍ରବନ୍ଧକ ଉତ୍କର୍ଷ ଗୌରବ, ସିଭିଲ ବିଭାଗର ଉପ ମହାପ୍ରବନ୍ଧକ ଉମେଶ ପ୍ରସାଦ, ଖଣି ବିଭାଗର ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଦେଓ, ସମାଜସେବୀ ଦମୟନ୍ତୀ ସାମଲ, ବଲାଣି ଡାକ୍ତରଖାନାର ସହ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା.ମଧୁମିତା ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ହୀରଣମୟୀ ମହାନ୍ତି ବନ ମହୋତ୍ସବ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଚଟ୍ଟୋପାଧାୟ ବନ ମହୋତ୍ସବ ଜରିଆରେ ବିଶ୍ୱର କୁ କିପରି ସବୁଜ ପରିବେଶ କରି ହେବ ସେ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଛୋଟ ଛୋଟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବନୀକରଣ କୁ ନେଇ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ପରିବେଶୀୟ ସମ୍ବନ୍ଧୀୟ ନାଟକ ପରିବେଷଣ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ଅତିଥି ମାନେ ବିଭିନ୍ନ ପ୍ରକାରର ୫୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରି ବନ ମହୋତ୍ସବର ଯଥାର୍ଥତା ସମ୍ବନ୍ଧରେ ପିଲାମାନଙ୍କ ଧ୍ୟାନ ଆକର୍ଷଣ କରିଥିଲେ।

## ମାଲକାନଗିରି ମହାବିଦ୍ୟାଳୟର ୪୪ ତମ ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି, ୧୧/୦୭ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ମାଲକାନଗିରି ସଭା ଗୃହରେ ବହୁ ଆଡ଼ମ୍ବରରେ ପାଳିତ ହୋଇଅଛି। ଏହି ସଭାକୁ ଅଧକ୍ଷ ଲିଙ୍ଗରାଜ ମିଶ୍ର ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଅଧକ୍ଷ ଆଇନଜୀବି ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦାନ କରି ମାଲକାନଗିରି ମହାବିଦ୍ୟାଳୟର ପୁରୁଣା ସ୍ମୃତିକୁ ମନେ ପକାଇ ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠ ପଢି ଉତମ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ପରିଚାଳନା କମିଟିର ସଭାପତି ଡ଼ଃ. ଉଦୟ ନାଥ ଖରା ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ପୂର୍ବତନ ବିଧାୟକ ତଥା ମାଲକାନଗିରି ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଗଙ୍ଗାଧର ମାଢ଼ିଙ୍କ ଉଦ୍ୟମରେ ଏହି ମହାବିଦ୍ୟାଳୟ କିପରି ଗଢି ଉଠିଲା ତାହା ଆଲୋକପାତ କରିଥିଲେ। ସଭାରେ ପ୍ରତିଷ୍ଠାତାଙ୍କ ନାତୁଣୀ ସ୍ମୃତିପ୍ରଭା ନାୟକ ଉପସ୍ଥିତ ରହି ତାଙ୍କର ବକ୍ତବ୍ୟରେ ଉଚ୍ଚ ଆକାଂକ୍ଷା ସହ ଉତମ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ।

## ଦେଶି ମଦ ଚାଲାଣ ବେଳେ ଚଢଉ: ଜଣେ ଗିରଫ

ଜୟପୁର, ୧୧/୦୭ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା କୁମ୍ଭାରପୁଟର ସୁବାସ ହରିଜନ (୪୦) । ଅବକାରି ବିଭାଗ ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ଅନ୍ତର୍ଗତ କୁମ୍ଭାରପୁଟର ସୁବାସ ହରିଜନ ଦେଶି ମଦ ଚାଲାଣ କରୁଥିବା ବେଳେ ଅବକାରି ବିଭାଗ ଚଢଉ କରିଛି । କୁମ୍ଭାରପୁଟର ଗ୍ରାମ ରାସ୍ତାରେ ଚଢଉ କରି ୧୨ ଲିଟର ଦେଶି ମଦ ଜବତ କରିଛି । ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜୟପୁର ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

## ପୂର୍ବତନ ଡ୍ରାଇଭର ସଂଘ ସଭାପତିଙ୍କ ନାମରେ ଏତଲା

କେନ୍ଦ୍ରାପଡ଼ା, ୧୧/୦୭ (ନି.ପ୍ର): କେନ୍ଦ୍ରାପଡା ଡ୍ରାଇଭର ସଂଘ ପକ୍ଷରୁ ପୂର୍ବତନ ଜିଲ୍ଲା ସଂଘ ସଭାପତିଙ୍କ ନାମରେ ସଦର ଥାନାରେ ଅଭିଯୋଗ କରାଯାଇଛି। ଡ୍ରାଇଭର ସଂଘର ପୂର୍ବତନ ସଭାପତି ଅର୍ଥ ଆତ୍ମସାତ, ସଂଘ ନାମରେ ଅପପ୍ରଚାର ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି । ପୂର୍ବତନ ସଭାପତିଙ୍କ ସମୟରେ ଆୟ ବ୍ୟୟର ପ୍ରକୃତ ହିସାବ ଦେଉନଥିବା ଆଦି ଅଭିଯୋଗଗୁଡିକ ରହିଛି। ସଂପାଦକ ରଞ୍ଜନ ମହାନ୍ତି ଏବଂ ଅନ୍ୟ ସଦସ୍ୟ ମାନେ ଏତଲା ଦେବାପରେ ଥାନା ଅଧିକାରୀ ସରୋଜ କୁମାର ସାହୁ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ

ରାଇରଙ୍ଗପୁର, ୧୧/୦୭ (ନି.ପ୍ର): ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ପାଖ ଭାରତୀୟ ମଜଦୂର ସଂଘ କାର୍ଯ୍ୟାଳୟ ଠାରେ ବି.ଏମ.ଏସ. ର ପ୍ରତିଷ୍ଠା ଦିବସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାନେତ୍ରୀ ସରସ୍ୱତୀ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବି.ଏମ.ଏସ. ର ରାଜ୍ୟ ପଦାଧିକାରୀ ତଥା ଜିଲ୍ଲା ଉପଦେଷ୍ଟା ନିଗମାନନ୍ଦ ପଟ୍ଟନାୟକ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟର ଉଦଘାଟନ କରିଥିଲେ। ବି. ଏମ. ଏସ. ର ଜିଲ୍ଲା ସମ୍ପାଦକ ବୋଧିରଜତ ମହାନ୍ତ ସଭା ପରିଚାଳନା କରିଥିଲେ। ପରେ ଶ୍ରମିକ ସଂଗୀତ ଗାନ କରି ଜିଲ୍ଲାର ସବୁ ଶ୍ରେଣୀର ଶ୍ରମିକ ଭାଇ ଭଉଣୀ ମାନଙ୍କ ସମସ୍ୟା ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ଜିଲ୍ଲା ସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ ରାଇରଙ୍ଗପୁର ପି.ସି.ଏମ. କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବାର ସ୍ଥିର କରାଗଲା। ସେଠାରେ ସାଧାରଣ ସଭା ପରେ ଏକା ବିଶାଳ ରାଲି ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୨୬ ଟି ବ୍ଲକର ଅଙ୍ଗନବାଡି ୱାର୍କର ଓ ହେଲ୍ପର, ଆଶାଦିଦି, ଉଜ୍ଜ୍ୱଳା ଦିଦି, ଅଣସଂଗଠିତ ଶ୍ରମିକ ସଂଘ, ବାମନଘାଟି ଶିଳ୍ପ ମଜଦୂର ସଂଘ, ବାବା ସୁଲେଇପାଟ ଖଣି ମଜଦୂର ସଂଘ, ଗ୍ରାମୀଣ କୃଷି ମଜଦୂର ସଂଘର କର୍ମକର୍ତ୍ତା ମାନେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଦାଧିକାରୀ ମାନେ ମଧ ଯୋଗଦାନ କରିବେ। ଆଗାମୀ ଦିନରେ ଦେଶର ନମ୍ବର ୱାନ ଶ୍ରମିକ ସଂଗଠନକୁ ଆହୁରି ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ପ୍ରତି ପଂଚାୟତ ଓ ବ୍ଲକ ସ୍ତରରେ ନୂତନ କର୍ମକର୍ତ୍ତା ଚୟନ ଓ ବ୍ଲକ ସମ୍ମିଳନୀ ମାନ କରାଯିବାର ନିଷ୍ପତି ଗ୍ରହଣ କରାଗଲା। ବି.ଏମ.ଏସ.ର ଉପଦେଷ୍ଟା ନିଗମାନନ୍ଦ ପଟ୍ଟନାୟକ, ସଭାନେତ୍ରୀ ସରସ୍ୱତୀ ଟୁଡୁ, ସମ୍ପାଦକ ବୋଧିରଜତ ମହାନ୍ତ ପ୍ରତ୍ୟେକ ବ୍ଲକ ଗସ୍ତ କରି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା। ଖୁବ ଶୀଘ୍ର ବିଭିନ୍ନ ବ୍ଲକର ଅଙ୍ଗନବାଡି ଓ ଆଶା କର୍ମୀ ମାନେ ନିଜ ନିଜ ବ୍ଲକରେ ସମ୍ମିଳନୀ ତାରିଖ ସ୍ଥିର କରି ଜିଲ୍ଲା ସମ୍ପାଦକଙ୍କୁ ଅବଗତ କରାଇବେ। ଅନ୍ୟ ମାନଙ୍କ ମଧ୍ୟରେ ଶଶିକଳା ପଲେଇ, ନୀଳାଦ୍ରି ପାତ୍ର, ବୀଣାପାଣି ଗାଗରାଇ, ଲଳିତା ବିନ୍ଧାଣି, ମମତା ସେଠୀ, ସୁନାମଣୀ ଚାମ୍ପେୟାର, ବ୍ରଜେନ୍ଦ୍ର କୁମାର ଲେଙ୍କା, ଗୋଲାପୀ ନାଏକ, ଭୀମଚାରଣ ମହାକୁଡ଼, ନବୀନ ବେହେରା, ଦୟାନିଧି ନନ୍ଦ, ଗଙ୍ଗା ଚରଣ ଡିଗୀ ପ୍ରମୁଖ ଯୋଗଦେଇ ନିଜ ନିଜ ବ୍ଲକର ସମସ୍ୟା କଥା ଉଲ୍ଲେଖ କରି ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୧ ଟି ବ୍ଲକର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଭାରତୀୟ ମଜଦୂର ସଂଘକୁ ଅଣଦେଖା କରି କାର୍ଯ୍ୟ କରୁଥିବାରୁ ସଂଘର ଉପଦେଷ୍ଟା ନିଗମାନନ୍ଦ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ।

## ତାଞ୍ଜାନିଆରେ ଜୟଶଙ୍କର

(ପୃଷ୍ଠା-୪ର ଅବଶିଷ୍ଟାଂଶ) କାରଣ ଏଲ୍ଏନ୍‌ଜିର ବଡ ରପ୍ତାନୀକାରୀ ରାଷ୍ଟ୍ର ଅଷ୍ଟ୍ରେଲିଆ, ଆମେରିକା ଅନ୍ୟତମ ଏଲ୍ଏନ୍‌ଜି ରପ୍ତାନୀ କରୁଥିବା ରାଷ୍ଟ୍ର କାତାରକୁ ଅଟକାଇବା ପାଇଁ ସେମାନଙ୍କ ଯୋଗାଣକୁ ନିୟନ୍ତ୍ରଣ କରିବାରେ ଲାଗିଛନ୍ତି । ରୁଷିଆ ପରେ ଇରାନରେ ସର୍ବାଧିକ ଏଲ୍ଏନ୍‌ଜି ଭଣ୍ଡାର ରହିଥିଲେ ମଧ ଆର୍ଥିକ କଟକଣା ଯୋଗୁ ବିତରଣରେ ସଙ୍କଟ ସୃଷ୍ଟି ହୋଇଛି । ସଂପ୍ରତି ଗ୍ୟାସର ବ୍ୟବହାର ଏବଂ ପୃଥିବୀରେ ଯୋଗାଣର ଅଭାବହେତୁ ଏହାର ଆବଶ୍ୟକତା ବୃଦ୍ଧି ପାଉଥିଲା ବେଳେ ତାଞ୍ଜାନିଆ ନିଜର ଶକ୍ତି ଉତ୍ସକୁ ବ୍ୟବହାର କରି ସମୃଦ୍ଧିର ସ୍ୱପ୍ନ ଦେଖୁଛି । ଯୁଦ୍ଧକାଳରେ ଭାରତ ଯେପରି ରୁଷିଆଠାରୁ ତୈଳ ଏବଂ ଗ୍ୟାସ କ୍ରୟ କରି ରୁଷିଆର ଅର୍ଥନୀତିକୁ ସାହାଯ୍ୟ କରିଆସିଛି ଠିକ୍ ସେମିତି ଭାରତ ପରି ଏକ ବଡ କ୍ରେତା ପାଇଲେ ତାଞ୍ଜାନିଆର ବାଣିଜ୍ୟିକ ଲାଭ ଅଧିକ ହେବ ବୋଲି ସେଠାକାର ସରକାର ମନେ କରୁଛନ୍ତି । ଭାରତ ପୂର୍ବରୁ ତାଞ୍ଜାନିଆ ପାଇଁ ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ରହିଛି । ୨୦୨୨ରେ ତାଞ୍ଜାନିଆରେ ଆୟୋଜିତ ୮ଟି ବଡ ପ୍ରଦର୍ଶନୀରେ ଭାରତରୁ ପ୍ରାୟ ୭୦୦ରୁ ଅଧିକ ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ । ଜୁଲାଇ ମାସର ଆଲୋଚନାରେ ସେମିତି ୪୦ଜଣିଆ ବ୍ୟାବସାୟିକ ପ୍ରତିନିଧିମଣ୍ଡଳୀ ତାଞ୍ଜାନିଆ ଗସ୍ତ କରିବା ବେଶ୍ ଉଲ୍ଲେଖନୀୟ । ଆଗାମୀ ଦିନରେ ଭାରତର ଏକ ଶିଳ୍ପ ପାର୍କ ତାଞ୍ଜାନିଆରେ ନିର୍ମାଣ ହେବାର ସମ୍ଭାବନା ଦେଖୁଥିବା ବିଷୟ ଶ୍ରୀ ଜୟଶଙ୍କର ପ୍ରକାଶ କରିଥିଲେ । ଭାରତର ଜଳପ୍ରକଳ୍ପ ୨୮ଟି ସହରକୁ ପାନୀୟ ଜଳ ଯୋଗାଇବ ତାଞ୍ଜାନିଆକୁ ରେଳବାଇ, ପ୍ରତିରକ୍ଷା, ଔଷଧ, ଡ୍ରୋନ ପରି ଅନେକ କ୍ଷେତ୍ରରେ ଭାରତ ସହଯୋଗ କରିପାରିବାର କ୍ଷମତା ରଖୁଥିବା ଶ୍ରୀ ଜୟଶଙ୍କର ବାଣିଜ୍ୟିକ ପ୍ରତିନିଧିମାନଙ୍କୁ କହିଥିଲେ । ଗସ୍ତକାଳରେ ସେ ତାଞ୍ଜାନିଆର ଅର୍ଥମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ୧୦ମ ଭାରତ -ତାଞ୍ଜାନିଆ ମିଳିତ କମିଶନ ବୈଠକରେ ଯୋଗଦାନ କରିଥିଲେ । ୮ ଜୁଲାଇରେ ଅନୁଷ୍ଠିତ ବୈଠକରେ ଅର୍ଥମନ୍ତ୍ରୀ ଡକ୍ଟର ଷ୍ଟରଗୋମେନା ଟେକ୍ସଙ୍କୁ ଜୟଶଙ୍କର ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ସହଯୋଗ ବ୍ୟାପକ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଆଫ୍ରିକା ସହ ମୁକ୍ତ ବାଣିଜ୍ୟ ବୁଝାମଣା ହେବାପରେ ବାଣିଜ୍ୟ ଓ ନିବେଶ ପାଇଁ ଅଧିକ ବାଟ ଫିଟିବ ବୋଲି ସେ କହିଥିଲେ ।

୧୯୬୬ରେ ପ୍ରଥମ କରି ଭାରତ-ତାଞ୍ଜାନିଆ ମଧ୍ୟରେ ବନ୍ଧୁତା, ବୈଷୟିକ, ଆର୍ଥିକ ଓ ବିଜ୍ଞାନ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣା ହୋଇଥିଲା । ୧୯୭୨ରୁ ଆଇଟିଇସିର ପ୍ରଶିକ୍ଷଣ ସୁବିଧା ତାଞ୍ଜାନିଆକୁ ପ୍ରଦାନ କରାଯାଇ ଆସୁଛି । ପୂର୍ବତନ ତାଞ୍ଜାନିଆ ରାଷ୍ଟ୍ରପତି ଜୁଲିଅସ୍ ନାଇରେରେଙ୍କୁ ୧୯୭୪ରେ ଜବାହରଲାଲ ନେହେରୁ ପୁରସ୍କାର, ଗାନ୍ଧି ଶାନ୍ତି ପୁରସ୍କାର (୧୯୯୫) ପ୍ରଦାନ କରାଯାଇଥିଲା । ୧୯ ନଭେମ୍ବର ୧୯୬୧ରେ ଦାର ଏସ୍ ସଲାମଠାରେ ଭାରତର ହାଇକମିଶନ ଏବଂ ୨୩ ଅକ୍ଟୋବର ୧୯୭୪ରେ ଜାଞ୍ଜିବରଠାରେ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ଭାରତ ପକ୍ଷରୁ ଖୋଲାଯାଇଥିଲା । ଶ୍ରୀ ଜୟଶଙ୍କରଙ୍କ ଏହି ଗସ୍ତ ପରେ ଭାରତର ଶିକ୍ଷାନୁଷ୍ଠାନ ଆଗାମୀ ଦିନରେ ବିଶ୍ୱସ୍ତରୀୟ କ୍ୟାମ୍ପସ ଖୋଲିବା ପାଇଁ ରାସ୍ତା ଫିଟିଛି । ଏଥିରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବା ସହ ଭାରତର ଶିକ୍ଷାନୁଷ୍ଠାନଗୁଡିକ ଲାଗି ବିଶ୍ୱରୁ ଅର୍ଥସଂଗ୍ରହ କରି ଆତ୍ମନିର୍ଭର ହେବା ସହଜ ହେବ ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର

## ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କ ବାଲିଆପାଳ ଗସ୍ତ



ଲଙ୍ଗଳେଶ୍ୱର, ୧୧/୦୭ (ନି.ପ୍ର): ନୂତନ ଭାବେ ଯୋଗଦେଇଥିବା ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଆଜି ବାଲିଆପାଳ ଗସ୍ତ ରେ ଆସି ବ୍ଲକ କାର୍ଯ୍ୟାଳୟ ରେ ପହଞ୍ଚି ଥିଲେ। ବ୍ଲକ ରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ବିଡ଼ିଓ ଶ୍ରୀ ବିନୋଦ ଚନ୍ଦ୍ର ପଣ୍ଡା ଙ୍କ ଠାରୁ ପଚାରିଥିଲେ ଓ ସମୀକ୍ଷା କରିଥିଲେ। ସେଠାରୁ ତହସିଲ କାର୍ଯ୍ୟାଳୟ ରେ ପହଞ୍ଚି ଥିଲେ। ସେଠାରେ ତହସିଲଦାର ଦୀପକ୍ ଦାଶ ଏବଂ ସବ୍ ରେଜିଷ୍ଟ୍ରାର ସୁବ୍ରତ କୁମାର ପାତ୍ର ଙ୍କ ଉପସ୍ଥିତି ରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହିତ ବ୍ଲକ ର ବିଭିନ୍ନ ଅଞ୍ଚଳ କୁ ଗସ୍ତ କରିଥିଲେ।

## ଗଞ୍ଜାମ ଜିଲ୍ଲାର ୧୧ ଶିକ୍ଷାନୁଷ୍ଠାନର ଚେହେରା ବଦଳିବ : ଖର୍ଚ୍ଚ ହେବ ୯ କୋଟି ଟଙ୍କା

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ସ୍କୁଲ ଭଳି କଲେଜର ଆରମ୍ଭ ହୋଇଛି ରୂପାନ୍ତରୀକରଣ। ଏଥିପାଇଁ 'ମୋ କଲେଜ' ଅଭିଯାନରେ ସାମିଲ ହୋଇ ୫-ଟି ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ୧୧ଟି ଶିକ୍ଷାନୁଷ୍ଠାନର ବିକାଶ ହେବ। ଗଞ୍ଜାମ ଜିଲ୍ଲାର ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ୩ଟି ଡିଗ୍ରୀ କଲେଜର ରୂପାନ୍ତରୀକରଣ ପାଇଁ ରୁଙ୍ଗଟା ସନସ ପ୍ରାଇଭେଟ ଲିମିଟେଡର ସିଏସଆର ଫଣ୍ଡରୁ ୪ କୋଟି ୫୦ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାପାଳଙ୍କ ତତ୍ୱାବଧାନରେ ଏହି ଅର୍ଥ କଲେଜର ଉନ୍ନତିକରଣ ପାଇଁ ଆସିଛି। ଏହାପରେ କଲେଜରେ ବିଭିନ୍ନ ପ୍ରକଳ୍ପ ପାଇଁ ଏହି ଅର୍ଥରାଶିର ଦୁଇଗୁଣା ଅର୍ଥ ୯ କୋଟି ଟଙ୍କା ସରକାରଙ୍କ ଅନୁମୋଦନ ପରେ 'ମୋ କଲେଜ' ଅଭିଯାନର ପକ୍ଷରୁ ପ୍ରଦାନ କରାଯାଇଛି।

## ପ୍ରାଣନାଥ କଲେଜ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କଲେ ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଏବଂ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଂପାଦିକା ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ମଙ୍ଗଳବାର ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ କଲେଜ ଗସ୍ତକରି କଲେଜର ବିଭିନ୍ନ ସମସ୍ୟା ସଂପର୍କରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ୟାସିର ନୱାଜ କହିଛନ୍ତି ଯେ ରାଜ୍ୟରେ ସରକାରୀ ଓ ସାହାଯ୍ୟପ୍ରାପ୍ତ ଡିଗ୍ରୀ କଲେଜମାନଙ୍କରେ ୪୫ ପ୍ରତିଶତ ଅଧ୍ୟାପକଙ୍କର ଅଭାବ ରହିଛି। ସୁତରାଂ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଗୁଣାତ୍ମକ ଶିକ୍ଷାର ଯେଉଁ ପ୍ରଚାର କରାଯାଉଛି ତାହା ଅସତ୍ୟ। ଖୋର୍ଦ୍ଧା କଲେଜର ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା ପରେ ଜଣାପଡ଼ିଲା ଯେ ସେଠାରେ ବିଭିନ୍ନ ବିଭାଗର ଆବଶ୍ୟକୀୟ ଅଧ୍ୟାପକ ନାହାନ୍ତି। ଯେଉଁ ଅଧ୍ୟାପକ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ ନେଇ ଠିକ୍‌ରେ କ୍ଲାସ ହୋଇପାରୁନି ବୋଲି ଅଭିଯୋଗ ହେଉଛି। କାର୍ଯ୍ୟରତ ଅଧ୍ୟାପକ ମାନେ ମଧ ଆନ୍ତରିକତାର ସହ ଦାୟୀତ୍ୱ ନିର୍ବାହ କରୁନଥିବାର ଅଭିଯୋଗ ହେଇଛି। ମହିଳା ମାନଙ୍କର ଶୌଚାଳୟରେ ପାଣି ନାହିଁ। କଲେଜରେ ଯେଉଁ ପାନୀୟଜଳର ବ୍ୟବସ୍ଥାଥିଲା ତାହା ବନ୍ଦ ହୋଇପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଫକୀରମୋହନ ବିଶ୍ୱବିଦ୍ୟାଳୟ....

ସାହିତ୍ୟ ପାଇଁ ଏ ମାଟି ବେଶ୍ ଗୁରୁତ୍ୱ ବହନ କରେ । ଏହି ଜିଲ୍ଲା ମୋ ପାଇଁ ଅତ୍ୟନ୍ତ ଶ୍ରଦ୍ଧାର କେନ୍ଦ୍ର । ଏ ମାଟି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପବିତ୍ର ଭୂମି । ଯେତେବେଳେ ଓଡ଼ିଆ ଭାଷା ତା'ର ଅସ୍ମିତାକୁ ବଞ୍ଚାଇବା ଲାଗି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିଲା, ସେତେବେଳେ ସେ ତାଙ୍କର ବଳିଷ୍ଠ ନେତୃତ୍ୱ ବଳରେ ଆମ ଭାଷା ଓ ସାହିତ୍ୟକୁ ରକ୍ଷା କରିଥିଲେ । ଫକୀରମୋହନ ହେଉଛନ୍ତି ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ତଥା ଆମ ଭାଷାର ତ୍ରାଣକର୍ତ୍ତା । ଫକୀରମୋହନ ଆମ ଭାଷାକୁ ବଞ୍ଚାଇ ଥିବାରୁ ତାକୁ ଆଧାର କରି ଭାଷାଭିତ୍ତିକ ରାଜ୍ୟ ଗଠନର ଦାବି ଉପସ୍ଥାପିତ କରିଥିଲେ ମଧୁବାବୁ । ପ୍ରଥମ ବାଳିକା ବିଦ୍ୟାଳୟ ବି ପ୍ରତିଷ୍ଠା କରିଥିଲେ ଫକୀରମୋହନ । ଫକୀରମୋହନ ସେନାପତି ଥିଲେ ଗାନ୍ଧୀ ଚେତନାର ଅଗ୍ରଦୂତ । ଗାନ୍ଧିଜୀଙ୍କ ଅସହଯୋଗ ଓ ଲବଣ ସତ୍ୟାଗ୍ରହର ବହୁ ପୂର୍ବରୁ ଲେଖନୀ ଚାଳନା ମାଧ୍ୟମରେ ସତ୍ୟାଗ୍ରହର କଥା କହିଥିଲେ ଫକୀରମୋହନ । ବିଗତ ଅଶୀ ଦଶକରେ ବାଲେଶ୍ୱରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରବୀନ୍ଦ୍ର ମୋହନ ଦାସଙ୍କ ନେତୃତ୍ୱରେ ଏ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର ଲାଗି ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାହା ଆଜିକୁ ୨୪ ବର୍ଷ ତଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ରୂପରେ ସ୍ୱୀକୃତି ପାଇଥିଲା । ଏହି ପବିତ୍ର ଅନୁଷ୍ଠାନ ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ସହିତ ସେମାନଙ୍କୁ ସୁନାଗରିକ କରି ଭବିଷ୍ୟତ ଗଠନ କରିବା ଦିଗରେ ସହଯୋଗୀ ହୋଇଛି । ଶିକ୍ଷକ- ଶିକ୍ଷୟିତ୍ରୀ ମାନଙ୍କର ଗୁଣାତ୍ମକ ଗବେଷଣା ମଧ ଏ ବିଶ୍ୱବିଦ୍ୟାଳୟକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଦେଇଛି। ଏହି ଶିକ୍ଷାନୁଷ୍ଠାନ କେବଳ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପାଇଁ ନୁହେଁ, ସାରା ଦେଶରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ଆକର୍ଷଣୀୟ ଅନୁଷ୍ଠାନ ହୋଇପାରିଛି । ଏହା କିଛି କମ୍ ଗୌରବର କଥା ନୁହେଁ । ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ କ୍ଷମତାର ବିକାଶ କରିବା ସହିତ ସେମାନଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଗଠନ କରି ସୁନାଗରିକ ହିସାବରେ ଦେଶ-ମାତୃକା ଲାଗି ସମର୍ପିତ ହେବା ପାଇଁ ଏହି ଶିକ୍ଷାନୁଷ୍ଠାନ ନିଶ୍ଚିତ ଭାବରେ ପ୍ରେରଣା ଦେବ । ଏହା ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚଳିତ ନୂତନ ଜାତୀୟ ଶିକ୍ଷା ନୀତିର ଆହ୍ୱାନ । ଜାତୀୟ ଶିକ୍ଷା ନୀତି ଅନେକ ବର୍ଷରୁ ଅପେକ୍ଷା ରଖାଯାଇଥିବା ଦେଶର ଶିକ୍ଷା ବ୍ୟବସ୍ଥାରେ ଏକ ଐତିହାସିକ ଏବଂ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ଗୁଣାତ୍ମକ ଶିକ୍ଷା, ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ, ସାମଗ୍ରିକ ଶିକ୍ଷା ଆହରଣ, ଗବେଷଣା ଏବଂ ଇନୋଭେସନକୁ ସୁଦୃଢ଼ କରିବା ତଥା ନିଯୁକ୍ତି ଓ ଉଦ୍ୟମିତା, ସାମାଜିକ ଜ୍ଞାନ ଓ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରି ଭାରତକୁ ଜ୍ଞାନର ବିଶ୍ୱ ଗୁରୁ ଭାବରେ ପରିଣତ କରିବା – ଏହି ଶିକ୍ଷା ନୀତିର ଲକ୍ଷ୍ୟ ରହିଛି । ଜାତୀୟ ଶିକ୍ଷା ନୀତି ଆଧାରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ବୈଶ୍ୱିକ ନାଗରିକ ସୃଷ୍ଟି କରିବ, ଯେଉଁମାନେ କେବଳ ରାଜ୍ୟ ପାଇଁ ନୁହେଁ ବରଂ ଦେଶ ଏବଂ ବିଶ୍ୱର ମାନବ କଲ୍ୟାଣ ପାଇଁ କାମ କରିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ବ୍ୟାସଦେବଙ୍କ ରଚିତ ମହାଭାରତର ଓଡ଼ିଆ ଅନୁବାଦ କରି ଫକୀର ମୋହନ ସେନାପତି ବ୍ୟାସକବିର ଆଖ୍ୟା ପାଇଥିଲେ। ଛାତ୍ରଛାତ୍ରୀମାନେ ସେହିପରି ନିଜ ନିଜ ବିଷୟରେ ପାରଦର୍ଶିତା ଲାଭ କରି ତାଙ୍କ ନାମରେ ନାମିତ ବିଶ୍ୱବିଦ୍ୟାଳୟର ଖ୍ୟାତିକୁ ଦେଶ ଓ ବିଦେଶରେ ବଢ଼ାଇବ – ଏହା ଆମ ସମସ୍ତଙ୍କର ଅଭିଳାଷ। ୨୦୩୬ରେ ଆଉ ପ୍ରାୟ ୧୩ ବର୍ଷ ପରେ ଓଡିଶା ଭାଷାଭିତ୍ତିକ ରାଜ୍ୟ ଭାବରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ୨୦୪୭ରେ ଆଉ ପ୍ରାୟ ୨୪ ବର୍ଷ ପରେ ଭାରତ ସ୍ୱାଧୀନତା ପାଇବାର ୧୦୦ ବର୍ଷ ପୂରଣ କରିବ। ଏହି ଅମୃତ କାଳରେ ବିଶ୍ୱର ସମ୍ଭାବନା ଓ ସୁଯୋଗକୁ ସ୍ୱୟଂ ପାଇଁ ନୁହେଁ ବରଂ ସମୂହଙ୍କ ପାଇଁ ବ୍ୟବହାର କରିବାକୁ ହେବ । ଏଥିପାଇଁ ବଡ ଭାବିବାକୁ ପଡିବ, ବଡ ସ୍ୱପ୍ନ ଦେଖିବାକୁ ପଡିବ। ଆପଣମାନେ ସମସ୍ତେ ଏହି କଥାକୁ ଅନୁସରଣ କରିବେ ବୋଲି ଶ୍ରୀ ପ୍ରଧାନ ବିଶ୍ୱାସବ୍ୟକ୍ତ କରିଛନ୍ତି।

## ରେଳ ଉପଭୋକ୍ତା ସଂଘ ତରଫରୁ ରେଳ ଷ୍ଟେସନ ପରିଦର୍ଶନ

ବଲାଙ୍ଗୀର, ୧୧/୦୭ (ନି.ପ୍ର): ରେଳ ଉପଭୋକ୍ତ ସଂଘର ସଭାପତି ତଥା ଜେଡ୍ଆରୟୁସିସି ସଭ୍ୟ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ପାଂଚଜଣିଆ ଟିମ୍ କାଲି ହଠାତ୍ ରେଳ ଷ୍ଟେସନକୁ ଯାଇ ପ୍ରତ୍ୟକ୍ଷ ଭାବରେ ଯାତ୍ରୀମାନଙ୍କ ସମସ୍ୟା ବୁଝିଥିଲେ। ୯୨ ବର୍ଷ ହେଉଥିବା ରେଳ ଷ୍ଟେସନରେ ଗତ ବର୍ଷରୁ ସ୍ୱପ୍ନ ଦେଖାଉଥିବା ବିଶ୍ୱ ସ୍ତରୀୟ ଷ୍ଟେସନକୁ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ। ଟିକଟ କାଉଂଟରରୁ ଏକ ନମ୍ବର ପ୍ଲାଟଫର୍ମକୁ ଲୋକେ ଭିଜି ଭିଜି ଆସୁଛନ୍ତି। ୧ନଂ ରୁ ୨ନଂ ପ୍ଲାଟଫର୍ମ କୁ ଗଲା ସମୟରେ ମଝି ଖୋଲା ସ୍ଥାନରେ ସେଡ୍ ନାହିଁ, ଉଚ୍ଚ ଶ୍ରେଣୀ ପ୍ରତିକ୍ଷାଳୟରେ ସାମାନ୍ୟ ଏସିଟିଏ ନାହିଁ। ଦ୍ୱିତୀୟ ଶ୍ରେଣୀ ପ୍ରତିକ୍ଷାଳୟ ସଫେଇ କର୍ମଚାରୀଙ୍କ ଅଭାବରୁ ଦିନକୁ ଦୁଇ ଥର ସଫା ହେଉଛି ବୋଲି କର୍ତ୍ତୃପକ୍ଷ କହୁଛନ୍ତି। ମାତ୍ର ଭିତରକୁ ପଶିଗଲେ ଗନ୍ଧରେ ନାକ ଫାଟିଯାଉଛି। ଶୁକ୍ଲଦେୟ ଶୌଚାଳୟରେ ଚାବି ପଡିଛି, ଟ୍ରେନ ଆସିବା ସମୟରେ ଆଓ ପାଣି ଖୋଲାଯାଇ ନାହିଁ, ୧ ନଂ. ରୁ ୨ ନଂ. ବା ୩ ନଂ. ରୁ ରୋଗୀଙ୍କୁ ହ୍ୱିଲ ଚେୟାରରେ ନେବାକୁ ଉଦ୍ଦିଷ୍ଟ ଚଲାପଥ ବହୁ ଦୂରରେ ଅଛି ଓ ମାଲବାହି ଟ୍ରେନ ଥିଲେ ତାହାର ଦୁଇ ତିନିଟା ବଗି ଚଲାପଥକୁ ଅବରୋଧ କରୁଛି। ଟିକଟ କାଉଂଟର ପାଖରେ ବଡ ପଙ୍ଖାର ବ୍ୟବସ୍ଥା ନାହିଁ। ଛୋଟ ପଙ୍ଖାର ପବନ ଯାତ୍ରୀମାନଙ୍କୁ ପାଉ ନାହିଁ। ପାଦଚଲା ବ୍ରିଜ ଅତି ସଙ୍କିର୍ଣ୍ଣ ହୋଇଥିବାରୁ ଦୁଇଟି ଟ୍ରେନ ଲାଗିଲେ ବ୍ରିଜ ଉପରେ ବୟସ୍କ ବ୍ୟକ୍ତି, ମହିଳା ଯାତ୍ରୀ ଆଦି ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାତ୍ରି କାଳିନ ଟ୍ରେନ ଚଳାଚଳ ସମୟରେ ୨ ନଂ. ଏବଂ ୩ ନଂ. ପ୍ଲାଟଫର୍ମରେ ଇଞ୍ଜିନ ପାଖ ତିନୋଟି ବଗି ପାଖରେ ଷ୍ଟେସନର ଲାଇଟ ଜଳୁନାହିଁ, ଆରପିଏଫ୍ ଲୋକ ମଧ ନ ଥିବା ଯୋଗୁଁ ଯାତ୍ରୀମାନେ ନିଜକୁ ଅସହାୟ ମଣୁଛନ୍ତି ।

## ପ୍ରତାପସାଗର ବନ୍ଧର ପୁନଃଉଦ୍ଧାର ଦାବିରେ କ୍ରିୟାନୁଷ୍ଠାନ କମିଟିର ଜଳ ସତ୍ୟାଗ୍ରହ

ବଲାଙ୍ଗୀର, ୧୧/୦୭ (ନି.ପ୍ର): ପ୍ରତାପସାଗର ବନ୍ଧ ଆଜି ସହରର କାଦୁଅ କୁଣ୍ଡରେ ପରିଣତ ହୋଇଛି । ବନ୍ଧର ପଙ୍କ ଉଦ୍ଧାର କରି ସଫେଇ କରିବା ପରିବର୍ତେ କିଛି ଲୋକ ନିଜ ନାଳ ନର୍ଦ୍ଦମାକୁ ଏଥିରେ ଯୋଡି ଦେଇଛନ୍ତି । ଫଳରେ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇ ହଇରାଣ ହେବା ସହ ଏଠାରେ ଗାଧୋଉଥିବା ଲୋକେ ବିଭିନ୍ନ ଚର୍ମରୋଗରେ ପିଡିତ ହେଉଛନ୍ତି। ବନ୍ଧର ପୁନଉଦ୍ଧାର ପାଇଁ ଅଂଚଳବାସୀ ବାରମ୍ବାର ଦାବୀ କରି ଆସୁଥିଲେ ହେଁ ପ୍ରଥମେ ଜିଲ୍ଲା ପ୍ରଶାସନ ଓ ପରେ ପୌର ପରିଷଦ ଅଂଚଳବାସୀଙ୍କ ନ୍ୟାୟୋଚିତ ଦାବୀକୁ ଅଣଦେଖା କରି ଆସୁଛନ୍ତି । ଏଣିକି ଦାବୀ ପୁରଣ ନହେଲେ ଆଗକୁ ଦୁର୍ବାର ଆନ୍ଦୋଳନ ପାଇଁ କ୍ରୀୟାନୁଷ୍ଠାନ କମିଟି ଅଣ୍ଟା ଭିଡୁଛି ବୋଲି ୱାର୍ଡ ନଂ ୧୬ ର କ୍ରିୟାନୁଷ୍ଠାନ କମିଟି କହିଛି।

ବଲାଙ୍ଗୀର ୱାର୍ଡ ନଂ ୧୬ ସ୍ଥିତ ପ୍ରତାପସାଗର ବନ୍ଧର ପଙ୍କୋଦ୍ଧାର ଓ ସଫେଇ ଦାବିରେ କିଛି ଦିନ ପୂର୍ବରୁ କ୍ରିୟାନୁଷ୍ଠାନ କମିଟିର ଡାକରାରେ ଅଂଚଳବାସୀ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳ ଓ ପୌରାଧକ୍ଷାଙ୍କୁ ଲିଖିତ ଭାବେ ଜଣାଇ ଥିଲେ। କିନ୍ତୁ ଅଂଚଳବାସୀଙ୍କ ଦାବୀକୁ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ବନ୍ଧର ପଙ୍କ ଉଦ୍ଧାର, ସଫେଇ ଓ ପୁନଃଉଦ୍ଧାର ଦିଗରେ ପ୍ରଶାସନ ପକ୍ଷରୁ କେଉଁ କାରଣରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନାହିଁ ତାହ ଜଣାପଡୁନାହିଁ। ଅନ୍ୟପଟେ ରାଜ୍ୟ ସରକାର ମଧ ସହରରେ ବନ୍ଧ କଂଟାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଦେଇଛନ୍ତି । ଆଜି କ୍ରୀୟାନୁଷ୍ଠାନ କମିଟି ଓ ଅଂଚଳବାସୀଙ୍କ ପକ୍ଷରୁ ପ୍ରତାପସାଗର ବନ୍ଧରେ ଜଳ ସତ୍ୟାଗ୍ରହ କରାଯାଇଛି । ଯଥା ଶିଘ୍ର ପ୍ରତାପସାଗର ବନ୍ଧର ପୁନଃ ଉଦ୍ଧାର କରା ନଗଲେ ଆଗାମୀ ଦିନରେ କ୍ରିୟାନୁଷ୍ଠାନ କମିଟି ଓ ଅଂଚଳବାସୀ ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହା ଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ୱାର୍ଡ ନଂ ୧୬ ର କ୍ରୀୟାନୁଷ୍ଠାନ କମିଟିର ସଭାପତି ଅଜୟ ତ୍ରିପାଠି, ଆଶୁତୋଷ ମହାନ୍ତି (ଝୁପଲୁ), ସନୋଜ ପଟ୍ଟନାୟକ, ଦିଲିପ ସାମଲ, ବେଟୁନ ସ୍ୱାଇଁ, ଦିପନ ଯୋଷୀ, ଚୁନଚୁନି ପୁରୋହିତ, ରାକେଶ, ନାନ୍ଦୁନୁ ପାତ୍ର, ସନ୍ତୋଷ ପାତ୍ର, ସୁକାନ୍ତି ବେହେରା, ଡଲି ନାଏକ, ଜୁଲି କନ୍ଧେଲ, ମାଧୁରୀ ନାଗ, ଉର୍ମିଳା ନାଗ, ସୁଧା ସ୍ୱାଇଁ, ଗୋଲାପି ସୁନା, ଉଷା ସୁନା, ଜିଲ୍ଲା କଂଗ୍ରେସ ଉପ-ସଭପତି ମନୀଷ ମିଶ୍ର, ଜିଲ୍ଲା କଂଗ୍ରେସ କୋଷାଧକ୍ଷ ଜୁଲୁ ପଟ୍ଟନାୟକ, କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଟାଉନ କଂଗ୍ରେସ ମେଡିଆ ସେଲ ସଂଯୋଜକ ଲୋପନ ମିଶ୍ର, ଅଜିତ ମହାନନ୍ଦ, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, ବ୍ରଜ ସେଠି, ସଂଜୟ ମିଶ୍ର, ବବିତା ସାହୁ, ସାଇନା ବେଗମ୍ ପ୍ରମୁଖ ସାମିଲ ଥିଲେ। ଶେଷରେ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ଆଜିର ଏହି ଜଳ ସତ୍ୟାଗ୍ରହରେ ଯୋଗଦାନ କରିଥିବା କ୍ରିୟାନୁଷ୍ଠାନ କମିଟି ଏବଂ ବସ୍ତି ବାସିନ୍ଦାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ

ମାଲକାନଗିରି, ୧୧/୦୭ (ନି.ପ୍ର): ଆଜି ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତ୍ରିନାଥ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଲକାନଗିରି ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେ କହିଥିଲେ ଯେ ଜିଲ୍ଲାରେ ଅନେକ ସମୟରେ ଏକ ନିର୍ଦ୍ଧିଷ୍ଟ ସମୟରେ ଶ୍ରମିକମାନେ କାମ ଅନୁସନ୍ଧାନରେ ବାହାରକୁ ଯାଇଥାନ୍ତି। ତେଣୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶ୍ରମ ବିଭାଗକୁ ଉକ୍ତ ସମୟକୁ ମାପିଂ କରି ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି । ଯାହାଫଳରେ ଶିଶୁ ଶ୍ରମକୁ ନିରାକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି। ବିଶେଷ କରି ଜିଲ୍ଲାରେ ଦୃଷ୍ଟିଗୋଚର ହେଉଥିବା ଅନାଥ ଶିଶୁଙ୍କୁ କିଭଳି ଶିଶୁ ଶ୍ରମରୁ ମୁକ୍ତ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ମଧ ସେ କହିଛନ୍ତି। ଆଜିର ବୈଠକରେ ମୁଖ୍ୟ ବକ୍ତା ଭାବେ ଉପଜିଲ୍ଲାପାଳ ଡଃ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗ ଦେଇ କହିଥିଲେ ଯେ ମାଲକାନଗିରି ଜିଲ୍ଲାରେ ଏହାର ପ୍ରାସଙ୍ଗିକତା ବହୁତ । ଦାରିଦ୍ରତା, ବ୍ୟକ୍ତିଗତ ଆବଶ୍ୟକତା, ସାମାଜିକ କାରଣ, ଶିକ୍ଷା, ପାରିବାରିକ ପରମ୍ପରା ଶିଶୁ ଶ୍ରମର ଅନ୍ୟତମ କାରଣ ବୋଲି ଉପଜିଲ୍ଲାପାଳ ଉଲ୍ଲେଖ କରିଛନ୍ତି। ସେ ଶିଳ୍ପ ଆଇନ ୧୯୪୮, ଖଣି ଆଇନ ୧୯୫୨, ଶିଶୁ ଶ୍ରମ ଆଇନ ୧୯୮୬, ଶିଶୁ ସୁରକ୍ଷା ଆଇନ, ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଆଇନ ବିଷୟରେ ଉଲ୍ଲେଖ କରି ସମସ୍ତଙ୍କୁ ସଚେତନ କରିଛନ୍ତି । ଏହି ଅବସରରେ ସେ ଶିଶୁ ଶ୍ରମ ସହ ଜଡ଼ିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ ଶିଶୁର ମାନସିକତା ପରିବର୍ତନ ଦ୍ୱାରା ଶିଶୁ ଶ୍ରମ କୁ ନିବୃତ କରିପାରିବା। ସେ ଉପସ୍ଥିତ ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନ ଏବଂ ବିଭିନ୍ନ ସଂସ୍ଥା ମାନଙ୍କୁ ପ୍ରତିଷ୍ଠାନ ବାହାରେ '' ଏଠାରେ ଶିଶୁ ଶ୍ରମିକ ନିୟୋଜିତ କରାହୁଏ ନାହିଁ ଏବଂ ଏହା ଏକ ଦଣ୍ଡନୀୟ ଅପରାଧ '' ବୋଲି ଉଲ୍ଲେଖ କରିବାକୁ ଅବଗତ କରାଇ ଦେଇଛନ୍ତି। ସେହି ପରି ସମସ୍ତ ସରକାରୀ କର୍ମଚାରୀ ନିଜ ଘରେ ଶିଶୁ ଶ୍ରମିକ ଙ୍କୁ ନିୟୋଜିତ କରିବେ ନାହିଁ ବୋଲି ଶପଥ ନେବାକୁ ପ୍ରସ୍ତାବ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଏବଂ ଜିଲ୍ଲା ମଙ୍ଗଳ କମିଟିର ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ ଶିଶୁ ଶ୍ରମିକ ମୁକ୍ତ ପାଇଁ ରହିଥିବା ବିଭିନ୍ନ ଦିଗ ଉପରେ ଆଲୋକପାତ କରି ସମସ୍ତଙ୍କୁ ସଚେତନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ, କାହ୍ନୁ ଚରଣ ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସସ୍ମିତା ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପ୍ରମିଳା ମାଝୀ, ସହାୟକ ଶ୍ରମ ଅଧିକାରୀ, ପୂର୍ଣ୍ଣିମା ଡୁରୁକାଙ୍କ ସମେତ ମିଲର ସଂଘ, ଶିକ୍ଷା ବିଭାଗ, ଜିଲ୍ଲା ମଙ୍ଗଳ କମିଟିର ସଦସ୍ୟ, ବିଭିନ୍ନ ଏନଜିଓ ର ସଦସ୍ୟ ଉପସ୍ଥିତ ଥିଲେ ।

## ହିମାଂଶୁ ବିଜେପି ସଭାପତିଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ : ଧର୍ମଶାଳା ରାଜନୀତି ସରଗରମ

ଧର୍ମଶାଳା, ୧୧/୦୭ (ନି.ପ୍ର): ଆଜି ଭୁବନେଶ୍ୱରସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ହିମାଂଶୁ ଶେଖର ସାହୁ ବିଜେପି ସଭାପତି ମନମୋହନ ସାମଲଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । ଯାହାକୁ ନେଇ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଏବେ ସରଗରମ ହୋଇଉଠିଛି । ହିମାଂଶୁ ଆମାଗୀ ଦିନରେ ବିଜେପିରେ ସାମିଲ ହେବା ଏହା ଏକ ସୂଚନା ବୋଲି ସାଧାରଣରେ ଆଲୋଚନା ହେଉଛି । ହିମାଂଶୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଯୁବ ସଂଗଠକଭାବେ ବେଶ୍ ଜଣାଶୁଣା । ଆଗାମୀ ଦିନରେ ହେବାକୁ ଥିବା ମିଶ୍ରଣ ପର୍ବ ସମ୍ପର୍କରେ ସଭାପତିଙ୍କ ସହ ଆଲୋଚନା କରିବା ସହ ଧର୍ମଶାଳାରେ ବିଜେପି କିଭଳି ଭଲ ପ୍ରଦର୍ଶନ କରିବ ତାହାକୁ ନେଇ ଆଲୋଚନା କରିଥିବା ଏକ ବିଶ୍ୱସ୍ଥ ସୂତ୍ରରୁ ଜଣାପଡିଛି । ସେ ଧର୍ମଶାଳାରେ ଅଂଶୁମାନ ସୋସିଆଲ ଟ୍ରଷ୍ଟ ଅନୁଷ୍ଠାନ କରି ଯାଜପୁର ଜିଲାରେ ନିରୀହ ଗରୀବ ଓ ଅସହାୟ ଲୋକଙ୍କୁ ସୁବିଧା ଅସୁବିଧାରେ ସହଯୋଗ କରି ବେଶ ଚର୍ଚ୍ଚାରେ ରହି ଆସୁଥିଲେ । ଅନ୍ୟ ପକ୍ଷେ ସେ ବିଜୁ ଜନତା ଦଳରେ ଥାଇ ବିଜେପି ଶିବିରରେ ପଂହଚି ବିଜେପିର ଗୁଣଗାନ କରିଛନ୍ତି । ଏବଂ ଧର୍ମଶାଳା ବିଜୁ ଜନତା ଦଳର ନେତାଙ୍କୁ ସେ ସମାଲୋଚନା କରିଛନ୍ତି । ତେବେ ସେ ଧର୍ମଶାଳାର ବିଜେପି କିପରିଭାବେ ନିର୍ବାଚନ ଭଲ ପ୍ରଦର୍ଶନ କରିବ ଏ ନେଇ ହିମାଂଶୁତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । ଯାହାକୁ ନେଇ ଏବ ଧର୍ମଶାଳାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି ।

## ଗୁପ୍ତେଶ୍ୱରଠାରେ ଜଳାଭିଷେକ କର ଆଦାୟ ବନ୍ଦ କରିବାକୁ ଦାବି

ଜୟପୁର, ୧୧/୦୭ (ନି.ପ୍ର): ଗୁପ୍ତେଶ୍ୱର ପୀଠରେ ଜଳାଭିଷେକ କର ଆଦାୟ ବନ୍ଦ କରିବାକୁ ଦାବି କରାଯାଇଛି । ଏନେଇ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗୁପ୍ତେଶ୍ୱର କେବଳ ଜୟପୁର ଉପଖଣ୍ଡର ନୁହେଁ । ଏହା ସମଗ୍ର ଦକ୍ଷିଣ ଓଡିଶା ଆନ୍ଧ୍ର ଓ ଛତିଶଗଡର ହିନ୍ଦୁ ସେବକ ମାନଙ୍କର ଏକ ପ୍ରସିଦ୍ଧ ଶୈବପୀଠ ଅଟେ । ଏଠାକୁ ବର୍ଷ ସାରା ଆସିବା ସହ ଶ୍ରାବଣ ମାସ ସୋମବାର ଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ନଦୀରେ ସ୍ନାନ କରି କାଉଡିରେ ପାଣି ଭୋଇ ଶହ ଶହ କିଲୋ ମିଟର ଦୂର ପଥ ଦେଇ ବନ ପାହାଡ, ନଦୀ ନାଳ ଦେଇ ବହୁତ କଷ୍ଟରେ ଏଠାକୁ ଆସି ମହାଦେବଙ୍କ ଦର୍ଶନ ଓ ଜଳାଭିଷେକ କରନ୍ତି । ଏପରି ସ୍ଥଳେ ବୋଝ ଉପରେ ନଳିତା ବିଡା ପରି ପ୍ରଶାସନ ପକ୍ଷରୁ ମୁଣ୍ଡ ପିଛା ୧୦ ଟଙ୍କା ଆଦାୟ କରିବା ପାଇ ଯେଉଁ ପ୍ରୟାସ କରାଯାଉଛି ତାହାକୁ ନିନ୍ଦା କରାଯାଉଛି । ଏଥି ପାଇଁ ବୋଲ ବୋମ ଯାତ୍ରୀ ଓ ଭକ୍ତଙ୍କୁ କୌଣସି ପ୍ରକାର ପୂର୍ବ ସୁଚନା ଅଧ ଦିଆଯାଇ ନାହିଁ ।

SIDDHESWAR COLLEGE,
AMARDA ROAD, BALASORE

TENDER CALL NOTICE

Sealed tenders in the prescribed format are invited from registered firms/ Dealers/ Suppliers having valid GST registration, PAN & IT clearance for supply of laboratory equipments to the college so as to reach the undersigned through Registered POST/ Speed POST/ Courier / By hand latest by 5:00P.M on or before 19.07.2023. The tender paper available in the college office. The undersigned reserves the right to accept or reject any or all bids or parts without assigning any reason what-so-ever.

Sd/- Principal

# ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବିରେ ଆନ୍ଦୋଳନ ୨ୟ ଦିନରେ : ପୋଲିସ - ଆନ୍ଦୋଳନକାରୀ ଧସ୍ତାଧସ୍ତି

ଖୋର୍ଦ୍ଧା, ୧୧/୦୭ (ନି.ପ୍ର): ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାବି ନେଇ ଆଂଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବେଗୁନିଆ ବନ୍ଦ ଆଜି ୨ୟ ଦିନରେ ପହଂଚିଛି । ଫଳରେ ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅବରୋଧ ହଟାଇବାକୁ ନେଇ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଠେଲାପେଲା, ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀ ନିଜ ଜିଦରେ ଅଟଳ ରହିଛନ୍ତି। ପ୍ରକାଶ ଥାଉକି, ବେଗୁନିଆରେ ଥିବା ବ୍ରିଟିଶ ଅମଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ଦୀର୍ଘ ୫୦ ଦିନ ଧରି ଆନ୍ଦୋଳନ କରିବା ପରେ ସୋମବାର ଠାରୁ ବେଗୁନିଆ ବନ୍ଦ ଡାକରା ଦିଆଯାଇଛି । ପୂର୍ବରୁ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ବିଧାନସଭା କମିଟି ସମସ୍ତେ ଉପଲବ୍ଧି କରି ପ୍ରତିଶ୍ରୁତି ଦେଇଥିଲେ। ୩୦ ବର୍ଷ ଧରି ଏହି ଦାବି ହୋଇଆସୁଥିଲା। ହେଲେ କୌଣସି ସୁଫଳ ନମିଳିବାରୁ ବର୍ତ୍ତମାନ କ୍ରିୟା ଅନୁଷ୍ଠାନ କମିଟି ଚରମ ପଦକ୍ଷେପ ନେଇଛି ବୋଲି କମିଟି କାର୍ଯ୍ୟକାରୀ ସଭାପତି ପ୍ରକାଶ ବଳିଆରସିଂହ କହିଛନ୍ତି। ଏହି ବନ୍ଦ ଫଳରେ ସମସ୍ତ ଦୋକାନ ବଜାର, ଶିକ୍ଷା ଅନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି । ବିଶେଷ କରି ୫୭ନଂ ଜାତୀୟ ରାଜପଥରେ ବନ୍ଦ ପାଳନ ଯୋଗୁ ଖୋର୍ଦ୍ଧା ବଲାଙ୍ଗୀରକୁ ସମସ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି । ଆଜି ସକାଳୁ ସକାଳୁ ଝିପି ଝିପି ବର୍ଷା ସତ୍ତ୍ୱେ କମିଟି ସଦସ୍ୟ ଆନ୍ଦୋଳନ ଜାରି ରଖିଛନ୍ତି । ସୋମବାର ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଏସଡିପିଓ, ତହସିଲଦାର, ବିଡ଼ିଓଙ୍କ ଉପସ୍ଥିତିରେ ଆଲୋଚନା ବିଫଳ ହେବାପରେ ପୁନର୍ବାର ମଙ୍ଗଳବାର ଆନ୍ଦୋଳନ ଜାରି ରହିଛି।

# ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ ତାର: ଭୟଭିତ ଅଞ୍ଚଳବାସୀ

ବସ୍ତା , ୧୧/୦୭ (ନି.ପ୍ର): ବସ୍ତା,ରୂପସା ଅଞ୍ଚଳରେ ବିଜୁଳିତାର ଅସୁରକ୍ଷିତ ଅବସ୍ଥାରେ ପଡି ରହିଛି ।ଏଥିପ୍ରତି ଟାଟା କମ୍ପାନୀର କର୍ମଚାରୀ ନିଘାନାହିଁ । ହେଲେ ରାତିଅଧିଆ ଘରଘର ବୁଲି ମିଟର ଚେକିଙ୍ଗ କରିବା ବାହାନାରେ ବଟିଆଦାୟକରୁଥିବା ଅଭିଯୋଗ ହେଉଛି । ଏହିଭଳି ଅଭିଯୋଗ ଆସିଛି ରୂପସାଥାନା ଅଧିନସ୍ଥ,ସଦରବ୍ଲକ ଅନ୍ତର୍ଗତ ରୂପସା ଇଲେକ୍ଟ୍ରି ସେକ୍ସନ ଏରିଆରେ ଥିବା ରୂପସା ସାମିଲ ହସନପୁର ଗ୍ରାମପଞ୍ଚାୟତର ରୁପ୍ସା ଷ୍ଟେସନ ନିକଟରେ ଯାଇଥିବା ଇଲେକ୍ଟ୍ରି ଲାଇନର ଅବସ୍ଥା ଏପରି ଦେଖିବାକୁ ମିଳିଛି । ସମ୍ପୂର୍ଣ୍ଣ ଇଲେକ୍ଟ୍ରି ତାରଟି ତଳେ ପଡିଛି ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ ଶୁଣୁ ନାହାନ୍ତି ଟାଟା କମ୍ପାନୀ କିଛି ଖୁଣ୍ଟରେ ମଧ୍ୟ ନଟା ମାଡି ଯାଇଛି ଗ୍ରାମବାସୀ କହିଛନ୍ତିକି ଗୋରୁ, ଗାଈଙ୍କ ଜୀବନ ପ୍ରତି ବିପଦ ସହିତ ସାଧାରଣ ଲୋକଙ୍କ ଜୀବନ ପ୍ରତୀ ମଧ୍ୟ ବିପଦ ରହିଛି ଯଦି କାହାରି ଜୀବନ ଯାଏ ଏଥି ପାଇଁ ଟାଟା ପାୱାର କମ୍ପାନୀ ସମ୍ପୂର୍ଣ୍ଣ ଦାଇ ରହିବେ ବୋଲି ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି ।



# ଶ୍ରାବଣରେ ନିଅଂଟିଆ ବର୍ଷା: ଖୋର୍ଦ୍ଧାରେ ଚାଷ ସ୍ଥିତି ମନ୍ଥର

ଖୋର୍ଦ୍ଧା, ୧୧/୦୭ (ନି.ପ୍ର):ଧାରା ଶ୍ରାବଣରେ ବି ମୁଣ୍ଡଫଟା ଖରା ସାଙ୍ଗକୁ ଗୁଳୁଗୁଳି କାରଣରୁ ଚାଷ ଜମି ଫାଟି ଆଁ କଲାଣି। ଗଛ ରୋଇବା ପାଇଁ ଚାଷୀ ଯେଉଁ ତଳି ପକାଇଥିଲା, ତାହା ପାଣି ନ ପାଇ ଆଉ ବଢୁନି। ଏପରିକି ଗଛ ଗୁଡ଼ିକ ହଳଦିଆ ପଡ଼ିଗଲାଣି। ଫଳରେ ଧାନ ରୁଆ କି ବେଉଷଣ କାମ ଆରମ୍ଭ ହୋଇପାରିନାହିଁ। ଖୋର୍ଦ୍ଧା ଜିଲ୍ଲାରେ ବର୍ଷା ଅଭାବରୁ ଚାଷବାସ କାମ ଆଗେଇ ପାରୁନାହିଁ। ନିଅଂଟିଆ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଅନ୍ୟପକ୍ଷରେ କୃଷି ବିଭାଗ ବି ନିଅଂଟିଆ ବର୍ଷାକୁ ନେଇ ଚିନ୍ତାରେ ପଡିଯାଇଛି। ତେବେ ଧାରା ଶ୍ରାବଣରେ ଖୋର୍ଦ୍ଧା ଜିଲ୍ଲାର ସ୍ଥିତି ଆହୁରି ସଙ୍ଗିନ ହୋଇପଡ଼ିଛି। ପାଣିପାଗ ବିଭାଗର ସୂଚନା ମୁତାବକ, ଜୁନ୍ ମାସର ୧୧, ୧୯, ୨୩, ୨୪, ୨୫ ଓ ୨୭ ତାରିଖରେ ବର୍ଷା ହୋଇଥିଲା। ତେବେ ଜୁନ୍ ମାସରେ ସ୍ୱାଭାବିକ ଭାବେ ୧୯୬.୨ ମି.ମି. ବର୍ଷା ହୋଇଥାଏ। ହେଲେ ଚଳିତ ମାସରେ ୧୨୬.୫୬ ମି.ମି. ବର୍ଷା ହୋଇଛି। ଜୁଲାଇ ମାସ ୧୦ ତାରିଖ ସୁଦ୍ଧା ମାତ୍ର ୪୨ ମି.ମି. ବର୍ଷା ହୋଇଛି। ତେବେ ନିଅଂଟିଆ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଜିଲ୍ଲାର ୧ ଲକ୍ଷ ୯ ହଜାର ହେକ୍ଟର ଖରିଫ ଚାଷ ଜମିରୁ ଜୁନ୍ ମାସରେ ୧୦ ହଜାର ହେକ୍ଟର ଧାନ ବୁଣାଯାଇଥିଲା। ଜୁନ ମାସର ବର୍ଷାର ଅଭାବ ଜୁଲାଇରେ ଭରଣା ହେବ ବୋଲି ଚାଷୀ ଆଶାବାନ୍ଧି ବସିଥିଲା। କିନ୍ତୁ, ଜୁଲାଇ ମାସର ପ୍ରଥମ ସପ୍ତାହର ସ୍ୱଳ୍ପ ବୃଷ୍ଟିଯୋଗୁ ଚାଷୀର ଆଶା ମଉଳି ଯାଇଛି।

# ଜାମଶୂଳୀ କଲେଜରେ ବିଶାଳ ରକ୍ତଦାନ ଶିବିର



ଲଙ୍ଗଳେଶ୍ୱର , ୧୧/୦୭ (ନି.ପ୍ର): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ପକ୍ଷରୁ ମଙ୍ଗଳବାର ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶିବିରକୁ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପ୍ରଧାନ ଉଦଘାଟନ କରି ରକ୍ତଦାନ ମହତ ଦାନ ବୋଲି କହିଥିଲେ। ଏଥିପାଇଁ ଯୁବ ପିଢ଼ି ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। କଲେଜ ପରିଚାଳନା କମିଟିର ସଭାପତି ସୃଷ୍ଟି ଧର ପାତ୍ର ଅତିଥି ଭାବରେ ଯୋଗ ଦେଇ ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ ଏହି ଶିବିରରେ ୭୧ ଜଣ ରକ୍ତ ଦାନ କରିଥିଲେ। ଏନ ଏସ୍ ଏସ ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପିକା ଲିପିକା ଜାନା ,ଅଧ୍ୟାପକ ପ୍ରଭାତ ରଞ୍ଜନ ଦାଶ ଏହାକୁ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ଦିବ୍ୟ ଇନ୍ଦୁ ଗିରି ,ଡ଼ଃ ଶିବନାରାୟନ ମହାପାତ୍ର, ସଂଗ୍ରାମ କେଶରୀ ନାୟକ , ଦେବବ୍ରତ ଦାସ,ତାପସ ତନୟ ନନ୍ଦୀ , ସଞ୍ଜୟ ଦେ,ଲିପିକା ମାନ୍ନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ଡାକ୍ତର ତାରାକାନ୍ତ ନନ୍ଦ ଓ ସହଯୋଗୀ ମାନେ ରକ୍ତ ସଂଗ୍ରହ କରିଥିଲେ।

# ସରକାରୀ ମିଶନ ଫେଲ: ୨ବର୍ଷ ପରେ ବି ସରିପାରିଲାନି ଖଇରା ମିଶନଶକ୍ତି ଭବନ

## ପଥର ହୋଇଗଲାଣି କାମ ପାଇଁ ଆସିଥିବା ସିମେଣ୍ଟ





ଖଇରା, ୧୧/୦୭ (ନି.ପ୍ର): ମହିଳା ମାନଙ୍କୁ ସ୍ୱାବଲମ୍ବି କରିବା,ସେମାନଙ୍କୁ ରୋଜଗାର ପନ୍ଥା ଯୋଗାଇ ଦେବା ସହ ସେମାନଙ୍କୁ ରାଜ୍ୟ ପ୍ରଗତିରେ ଅଂଶିଦାର ଭାବେ ବିବେଚିତ କରାଯାଇ ସେମାନଙ୍କ ପାଇଁ ସରକାର ବଜେଟରେ ମୋଟା ଅଙ୍କର ଅର୍ଥ ବ୍ୟୟ ବରାଦ କରଯାଉଛି । ମହିଳା ଗୋଷ୍ଠୀର ବୈଠକ,ଆଗାମୀ କାର୍ଯ୍ୟକ୍ରମ ରୁପରେଖ ପ୍ରସ୍ତୁତି ପାଇଁ ଆବଶ୍ୟକତା ଦୃଷ୍ଟିରୁ ସ୍ୱତନ୍ତ୍ର ଗୃହ ନିର୍ମାଣ ପାଇଁ ସରକାର ଅର୍ଥ ଯୋଗାଇ ଦେଉଛନ୍ତି । ହେଲେ ଠିକାଦାର ଓ ଯନ୍ତ୍ରୀ ଏହାକୁ ଗୁରୁତର ସହ ନେଉନଥିବା କାରଣରୁ ସରକାର ଙ୍କ ଏଭଳି ମିଶନ ଅଧିକାଂଶ ସ୍ଥାନରେ ଫେଲ ହେବାକୁ ବସିଲାଣି । ଏଭଳି ଫେଲ ତାଲିକାରେ ଅନ୍ତର୍ଭୁକ୍ତ ହୋଇ ଯାଇଛି ଖଇରାରେ ନିର୍ମାଣଧୀନ ମିଶନଶକ୍ତି ଭବନ । ତୁରନ୍ତ ଉକ୍ତ ଭବନ ନିର୍ମାଣକୁ ସମ୍ପୁର୍ଣ୍ଣ କରିବାକୁ ବିଭିନ୍ନ ପଞ୍ଚାୟତର ଥିବା ମହାସଂଘର କର୍ମକର୍ତ୍ତା ମାନେ ଦାବୀ କରିଛନ୍ତି । ଖଇରାରେ ବିଭିନ୍ନ ମହିଳାଗୋଷ୍ଠୀ ଙ୍କ କର୍ମ କୁଶଳତା ତଥା ସେମାନଙ୍କ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ଏକ ଗୃହର ଆବଶ୍ୟକତା ପଡିବା ପରେ ଖଇରା ବ୍ଲକ ପରିସରରେ ଏକ ଭବନ ନିର୍ମାଣ ପାଇଁ ପାଖାପାଖି ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ୨୦୨୧ ମସିହା ଅକ୍ଟୋବର ୨୧ ତାରିଖରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା । ନିର୍ମାଣର ଅବଧି ୯ମାସ ଥିବା ବେଳେ ଏହା ୨୦୨୨ ଜୁନ କିମ୍ବ ଜୁଲାଇରେ ଶେଷ ହେବା କଥା । ହେଲେ ବିଡମ୍ବନାର ବିଷୟ ଯେ ଏ ପର୍ଯ୍ୟନ୍ତ ୪୦ପ୍ରତିଶତ କାମ ସରିନାହିଁ । ଏଣୁ ଭବନର ସମ୍ପୁର୍ଣ୍ଣ ହେବାକୁ ନେଇ ଶହ ଶହ ମହିଳା ଗୋଷ୍ଠୀ ସନ୍ଦିହାନ ହୋଇ ପଡିଛନ୍ତି । ଏପରିକି ଠିକାଦାର ଘର ନିର୍ମାଣ ପାଇଁ ଆଣିଥିବା ସିମେଣ୍ଟକୁ ବେପରୁଆ ଢଙ୍ଗରେ ନିକଟସ୍ଥ କୃଷି କାର୍ଯ୍ୟାଳୟରେ ଫୋପାଡି ଚାଲି ଯାଇଥିବା ବେଳେ ତେବେ ସରକାରୀ କା ମାଲ ଭଳି ଏଗୁଡିକ ପଥର ପାଲଟି ଗଲାଣି । ପୁର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ଏହି ବେପରୁଆ କାର୍ଯ୍ୟପ୍ରତି କୌଣସୀ ଅଧିକାରୀଙ୍କ ନିଘାନଥିବା ଅଭିଯୋଗ ହୋଇଛି । ଏଥିନେଇ ବିଭିନ୍ନ ବୈଠରେ ଆଲୋଚନା ହେଉଥିଲେ ଯନ୍ତ୍ରୀ କି ଠିକାଦାର ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ସମ୍ପର୍କ କରାଯିବାରେ କିଛି ସମସ୍ୟା ପାଇଁ ଠିକାଦାର କାର୍ଯ୍ୟ ବନ୍ଦ ରଖିଥିଲେ । ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିବାର କହିଛନ୍ତି ।

# ତିନିଦିନିଆ ନାଟକ ମହୋତ୍ସବ ଉଦ୍ଯାପିତ



ବାରିପଦା , ୧୧/୦୭ (ନି.ପ୍ର): ସ୍ଥାନୀୟ ସହିଦ ଭବନରେ ସୁପରିଚିତ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ସ୍ମୃତିରେ କୁମାର୍ସ କ୍ଲବ ଓ ରୂପାନ୍ତରର ମିଳିତ ସହଯୋଗରେ ଆୟୋଜିତ ତିନିଦିନିଆ ନାଟକ ମହୋତ୍ସବର ଶେଷ ସନ୍ଧ୍ୟାରେ ବାଲେଶ୍ୱରର ଶୋଭା ନାଟ୍ୟସଂସ୍ଥା ଦ୍ୱାରା ନାଟକ ବିଷକୁମ୍ଭ ମଞ୍ଚସ୍ଥ ହୋଇଯାଇଛି । ଡ଼ଃ ପ୍ରଦୀପ ଭୌମିକଙ୍କ ରଚିତ ଓ ଅର୍ଣ୍ଣବ କୁମାର କରଙ୍କ ନିର୍ଦ୍ଦେଶିତ ନାଟକରେ ଆଶିଷ କୁମାର ବର୍ଦ୍ଧନ, ଅର୍ଣ୍ଣବ କୁମାର କର, ଶୁଭଙ୍କର ବର୍ଦ୍ଧନ, ମଦନ ମୋହନ ସାହୁ, ଅନନ୍ତ ଚାନ୍ଦ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବ୍ରତ ଧଳ, ସୁରଜ କାନ୍ତ ରଣା ଓ ସୁସ୍ମିତା ରଣା ବିଭିନ୍ନ ଚରିତ୍ରରେ ଅଭିନୟ କରିଥିବା ବେଳେ ବିଶିଷ୍ଟ ଗୀତିକାର ରମାକାନ୍ତ ଦାସ କଣ୍ଠଦାନ, ସଂଗୀତ ପରିଚାଳନା ଗୁରୁ ନନ୍ଦ କିଶୋର ଦାସ ଓ ସନ୍ତୋଷ ଦାସ, ମଞ୍ଚ ଓ ରୂପସଜ୍ଜା ସନ୍ତୋଷ କମିଳା ତଥା ଅଜୟ କୁମାର ଆଚାର୍ଯ୍ୟ ଆଲୋକ ସମ୍ପାଦନା କରିଥିଲେ ଓ ଦୁଇ ଭିନ୍ନଭିନ୍ନ ଧର୍ମର ଦମ୍ପତି ଗୋଟିଏ ଛାତତଳେ ଦୁଇ ଧର୍ମର ସହାବସ୍ଥାନର ଆଦର୍ଶ ଉଦାହରଣ ସୃଷ୍ଟି କରନ୍ତି । ମାତ୍ର ଏହି ବିବାହକୁ ନେଇ ସମାଜରେ ନାନାଦି ବ୍ୟଙ୍ଗ, ବିଦ୍ରୁପ, ଆଲୋଚନା ଓ ସମାଲୋଚନା ଦେଖିବାକୁ ମିଳିଥିଲା ଓ ହେଲେ ସମସ୍ୟା ଦେଖାଦିଏ ଯେତେବେଳେ କାହ୍ନୁ ପଣ୍ଡାର ଆଦରର ଭଉଣୀର ବାହାଘର ପ୍ରସ୍ତାବ ଭାଙ୍ଗିବାକୁ ଲାଗେ ଓ ଶେଷରେ ଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ହୁଏ ଓ ସାନଭଉଣୀ ଆତ୍ମହତ୍ୟା କରେ ଓ ନାଟକଟି ଏତେ ଜୀବନ୍ତ ହୋଇଥିଲା ଯେ ସମସ୍ତ ଦର୍ଶକ ବିମୋହିତ ହୋଇଯାଇଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ଼ଃ ଦେବାଶିଷ ମାରାଣ୍ଡି ଓ ସମ୍ମାନିତ ଅତିଥି ଭାବେ ଇଂ ବିପ୍ଲବ ଭଞ୍ଜନ ବୁଗୁଡେଇ ଶେଷ ସନ୍ଧ୍ୟାର ନାଟକର ଶୁଭ ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ସ୍ୱର୍ଗତ ତ୍ରିପାଠୀଙ୍କ ସହଧର୍ମିଣୀ ପ୍ରାଧ୍ୟାପିକା ଉଷସୀ ମିଶ୍ର, ନାଟକ ମହୋତ୍ସବର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ, ରୂପାନ୍ତରର ପ୍ରତିଷ୍ଠାତା ପରେଶ ସାହୁ ଓ କୁମାର୍ସ କ୍ଲବର ସମ୍ପାଦକ ସପନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୭ଦିନର ସଂଘର୍ଷ ପରେ ଆଖି ବୁଜିଲେ ମହିଳା

ଖଇରା, ୧୧/୦୭ (ନି.ପ୍ର): ଏକ ଟ୍ରକ ଧକ୍କାରେ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିବା ଖଇରା ଥାନା କୁରୁଣ୍ଟା ଗ୍ରାମର ଲକ୍ଷ୍ମୀପ୍ରିୟା ପାଢ଼ୀ(୫୧) ସୋମବାର ରାତିରେ ଆଖିବୁଜିଛନ୍ତି । ଏଥିନେଇ ଖଇରା ଥାନାରେ ଏକ ମାମଲା(୨୨୩/୨୩) ରୁଜୁ କରାଯାଇଛି । ୩ ତାରିଖ ଦିନ ଲକ୍ଷ୍ମୀପ୍ରିୟା ଔପଦା ଦନ୍ତୁର ଗ୍ରାମର ସମ୍ପର୍କୀୟ ଘରୁ କାମସାରି ସ୍ୱାମୀ ଗଜେନ୍ଦ୍ରଙ୍କ ବାଇକରେ ବସି ସୋର-କୁପାରୀ ରାସ୍ତାରେ କୁରୁଣ୍ଟା ଫେରୁଥିଲେ । ଦେଉଳ ଛକରେ ଥିବା ରାଇସ ମିଲ ନିକଟରେ ଏକ ଟ୍ରକ(୦୨ଏ୨-୯୯୧୬) ଦ୍ରୁତଗତିରେ ପଛରୁ ଆସି ବିନା ଇଣ୍ଡିକେଟରେ ମିଲ ଭିତରକୁ ପଶିଯିବା ଯୋଗୁଁ ଗଜେନ୍ଦ୍ରଙ୍କ ବାଇକ ଟ୍ରକ ଡାଲାରେ ବାଡେଇଥିଲା । ଲକ୍ଷ୍ମୀପ୍ରିୟା ଗୁରୁତର ହୋଇ ପଡିଥିବା ବେଳେ ଗଜେନ୍ଦ୍ର ମଧ୍ୟ ଆହତ ହୋଇଥିଲେ । ଲକ୍ଷ୍ମୀପ୍ରିୟାଙ୍କୁ ପ୍ରଥମେ ସୋର,ପରେ କଟକ ବଡ ମେଡିକାଲ ଏବଂ ଆସିୟୁରେ ସ୍ଥାନ ନମିଳିବାରୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ଚିକିତ୍ସା ପାଇଁ ଭର୍ତ୍ତୀ କରାଯାଇଥିଲା ମଙ୍ଗଳବାର ଶବ ପହଞ୍ଚିବା ପରେ କୁରୁଣ୍ଟା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ।

# ସରକାରୀ ଉଚ୍ଚବିଦ୍ୟାଳୟ ରାଜ ନୀଳଗିରିରେ ବନ ମହୋତ୍ସବ ପାଳିତ

ନୀଳଗିରି , ୧୧/୦୭ (ନି.ପ୍ର): ସମାଜସେବୀ ତଥା ପରିବେଶବିତ୍ ରାଜେନ୍ଦ୍ର କୁମାର ଜେନାଙ୍କ ଉଦ୍ୟମରେ ବୁଧବାର ସରକାରୀ ଉଚ୍ଚ ବିଦ୍ୟାଳୟ ନୀଳଗିରି ପରିସରରେ ବୃକ୍ଷ ରୋପଣ ଓ ପିଲାମାନଙ୍କ ମଧ୍ୟରେ ଏ ସମ୍ପର୍କିତ ଡିବେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସମାଜସେବୀ ରାଜେନ୍ଦ୍ର ଜେନା, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିବେକାନନ୍ଦ ଦାସ ଅଂଶ ଗ୍ରହଣ କରି ତାଙ୍କର ଅଭିଭାଷଣ ରଖିଥିଲେ। ପରେ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମାଜସେବୀ ରାଜେନ୍ଦ୍ର ଜେନା ପରିବେଶ ସୁରକ୍ଷା ପାଇଁ ପିଲାମାନଙ୍କୁ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ନିବେଦନ କରିଥିଲେ।

# ଟିକିରାପଡାର ମହିଳା ସର୍ପାଘାତରେ ମୃତ

ବସ୍ତା,୧୧ ।୭(ନିପ୍ର):ବସ୍ତା ଥାନା ଅନ୍ତର୍ଗତ ଟିକିରାପଡା ଗ୍ରାମର ଜଣଙ୍କର ମଙ୍ଗଳବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି ।ସୂଚନାରୁ ପ୍ରକାଶ ଯେ ଏହି ଗାଁର ଅମୂଲ୍ୟ ଗିରିଙ୍କ ସ୍ତ୍ରୀ ଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଡାକ୍ତରଖାନା ନିଆଯାଇଥିଲା ।କିନ୍ତୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ନେବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିଯୋଗୁଁ ଗ୍ରାମରେ ଶୋକ ପ୍ରକାଶ ପାଇଛି।

# ଭାରତ କଲ୍ୟାଣ ମଞ୍ଚ ତରଫରୁ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ



ହଳଦୀପଦା, ୧୧/୦୭ (ନି.ପ୍ର): ସ୍ଥାନୀୟ ହଳଦୀପଦାଠାରେ ଅଖିଳ ଭାରତୀୟ ସାମାଜିକ ସଂସ୍ଥା ଭାରତ କଲ୍ୟାଣ ମଞ୍ଚ, ଉତ୍କଳ ପ୍ରଦେଶ ଶାଖା ର ପ୍ରାଦେଶିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ରାଧାକୃଷ୍ଣ ଜେନା ଙ୍କ ସଭାପତି ତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ଏହି ମଞ୍ଚ ର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ରାଷ୍ଟ୍ରଭକ୍ତ ସଦାନନ୍ଦ ଜୀ ଙ୍କ ଫୋଟୋ ଚିତ୍ର ରେ ମାଲ୍ୟାର୍ପଣ କରାଯାଇଥିଲା । ରାଜ୍ୟ ଯୋଗେନ୍ଦ୍ର ଦାଶ ପ୍ରଥମେ ବିଗତ ଏକ ବର୍ଷ ମଧ୍ୟରେ କଲ୍ୟାଣ ମଞ୍ଚ ର ହୋଇଥିବା ବିବିଧ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ମାନ ପ୍ରଦାନ କରିଥିଲେ । ରାଜ୍ୟ ସଂଯୋଜକ ଦୀନବନ୍ଧୁ ବେହେରା ପୁରୀ ରଥଯାତ୍ରା କାର୍ଯ୍ୟକ୍ରମ ର ସମୀକ୍ଷା କରିଥିବା ବେଳେ ରାଜ୍ୟ ବିସ୍ତାରକ ସୁରଜ ବାରିକ ଆଗାମୀ ସମୟରେ ଜନସେବା ମୂଳକ କାର୍ଯ୍ୟକ୍ରମ ଆହୁରି ଅଧିକରୁ ଅଧିକ କରାଯିବ ବୋଲି ସୂଚନା ଦେଇଥିଲେ । ବାଲେଶ୍ୱର ଜିଲ୍ଲା ପ୍ରମୁଖ ତଥା ବିଶିଷ୍ଟ ଆଇନଜୀବି ଗୌରଚନ୍ଦ୍ର ବାରିକ ମାସିକ ବୈଠକ ଓ ଜିଲ୍ଲା ବାହାରେ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ବିଷଦ ଆଲୋଚନା କରିଥିଲେ । ବରିଷ୍ଠ ସଦସ୍ୟ ଭଗବାନ ମହାପାତ୍ର ସଦାନନ୍ଦଜୀ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାପାଇଁ ସମସ୍ତ ସଦସ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ଜିଲ୍ଲା ରୁ ଅନେକ ସଦସ୍ୟ ମାନ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ପୂର୍ଣ୍ଣ ଚନ୍ଦ୍ର ବେହେରା , ଦିବାକର ପଣ୍ଡିତ,ଜ୍ୟୋତି ପ୍ରକାଶ ଦାଶ, ବଳରାମ ଗୌଡ଼, ମାନଗୋବିନ୍ଦ ସାହୁ, କାଶୀନାଥ ଦାସ, ଡମ୍ବରୁଧର ଜେନା,ଗଙ୍ଗାଧର ପାତ୍ର, ଦୀନବନ୍ଧୁ ରାଉତ, କ୍ଷିତୀଶ ଜେନା, ରତିକାନ୍ତ ଚୋଧୁରୀ, ସୁବାସ ଦାସ,ଅମୁଲ୍ୟ ସେଠୀ,ସାଗର ବାରିକ, ସଂଗ୍ରାମ ସେଠୀ,ଶିବ ଚରଣ ମଣ୍ଡଳ,ପ୍ରତାପ ସାମଲ,ଗୋପୀନାଥ ରାଉତ, ଭଗବାନ ଦାସ କରୁଣା କର ବାରିକ ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ।

# ବିଭିନ୍ନ ପଞ୍ଚାୟତ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ହାତ ବଢାଇଲେ ବିଧାୟକ ସୁକାନ୍ତ ନାୟକ

ନୀଳଗିରି , ୧୧/୦୭ (ନି.ପ୍ର): ନୀଳଗିରି ବିଧାନମଣ୍ଡଳୀ ର ଜନସାଧାରଣ ମୋ ଲୋକ ନୁହେଁ,ମୋ ପରିବାର। ନିଜ ପରିବାରର ଯଦି କାହାର କ୍ଷତି ହୁଏ କିମ୍ବା କେହି ସମସ୍ୟାରେ ରହନ୍ତି ତାହା ମୋର ସମସ୍ୟା ସହିତ ତାହା ମୋର କ୍ଷତି ହୁଏ। ମୋତେ କଷ୍ଟ ଅନୁଭବ ହୁଏ। ଏଭଳି ମାନସିକତା ରଖି ସଦା ସର୍ବଦା ଲୋକମାନଙ୍କ ସହିତ ଜଡିତ ରୁହୁଥିବା ବ୍ୟକ୍ତି ନୀଳଗିରିର ପ୍ରିୟ ବିଧାୟକ ସୁକାନ୍ତ କୁମାର ନାୟକ। ଦିନରାତି ଏକ କରି ପଞ୍ଚାୟତ, ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଭଲ ପାଉଥିବା ନୀଳଗିରିର ବିଧାୟକ ଗତ ଦୁଇଦିନ ଧରି ନୀଳଗିରି ବ୍ଲକ ର ବିଭିନ୍ନ ପଞ୍ଚାୟତ ଗସ୍ତକରି ଲୋକମାନଙ୍କର ବିଭିନ୍ନ ସମସ୍ୟା ପଚାରି ବୁଝିବା ସହିତ ତୁରନ୍ତ ସମାଧାନ କରିଥିଲେ। ସୋମବାର ନୀଳଗିରି ବ୍ଲକର କେସିପୁର, ଧରମପୁର, ବରହମପୁର ପଞ୍ଚାୟତ ଗସ୍ତକରି ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହିତ ସମାଧାନର ହାତ ବଢ଼ାଇଥିଲେ। ରାତ୍ରି ପ୍ରାୟ ୮ଘଟିକା ସମୟରେ ପିଠାହତକ୍ଷ ପଞ୍ଚାୟତ ଠାରେ ପହଞ୍ଚି ଲୋକଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ତେଲିପାଳ ପଞ୍ଚାୟତରେ ପହଞ୍ଚି ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ କଲ୍ୟାଣ ମଣ୍ଡପ ଠାରେ ଉପସ୍ଥିତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ମାନଙ୍କର ସମସ୍ୟା ପଚାରି ବୁଝିଥିଲେ। ତୁରନ୍ତ କିପରି ସମସ୍ୟାର ସମାଧାନ ହେବ ତାହା ଆପ୍ରାଣ ଚେଷ୍ଟା କରିବେ ବୋଲି କହିଥିଲେ। ପରେ ଛତ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବିରୋଧୀ ବିଜେପି ଦଳରେ ବିଧାୟକ ଥାଇ ମଧ୍ୟ ଲୋକଙ୍କ ହକ୍ ପାଇଁ ନିଜ ପରିବାରକୁ ପଛରେ ପକାଇ ଦିନରାତି ଏକକରି ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକମାନଙ୍କ ଠାରେ ପହଞ୍ଚାଇ ପାରୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ସୁକାନ୍ତ ନାୟକ। ଦଳ ମତ ନିର୍ବିଶେଷରେ ଜୀବନର ଶେଷବିନ୍ଦୁ ରକ୍ତ ଥିବା ପର୍ଯ୍ୟନ୍ତ ନିଜ ପ୍ରିୟ ବିଧାନସଭା ମଣ୍ଡଳୀର ଜନସାଧାରଣଙ୍କ ସେବା କରିବାକୁ ନିଜକୁ ଉତ୍ସର୍ଗ କରିବେ ବୋଲି କହିଛନ୍ତି।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo